READ & SHARE
www.ekamaatra.com
ekamaatra@gmail.com
tarakmohanty1970@gmail.com
ekamaatraodia
ekamaatranews

EKAMAATRA
# ଏକମାତ୍ର
ଅନୁସନ୍ଧାନ ପରେ ଖବର

RNI Regd. No. ODIODI/2017/71524


ପ୍ରସିଦ୍ଧ ଦଣ୍ଡଯାତ୍ରାରେ ଶ୍ରଦ୍ଧାଳୁ ...

ବର୍ଷ-୩ ସଂଖ୍ୟା-୧୩ ୦୮ - ୧୪ ଏପ୍ରିଲ, ୨୦୧୯ ଭୁବନେଶ୍ୱର Monday Weekly VOL-3 ISSUE-13 08th - 14th APRIL, 2019 BHUBANESWAR ₹ 5/- (8 Pages)

## ଆମେରିକା ମିଡିଆ ରିପୋର୍ଟ
## ଭାରତର ଅସ୍ୱୀକାର



**ୱାଶିଂଟନ/ନୂଆଦିଲ୍ଲୀ :** ଗତ ଫେବୃଆରୀ ୨୭ରେ ପାକିସ୍ତାନ ବାୟୁସେନାର ଲଢୁଆ ଜେଟ୍ ଏଫ୍-୧୬କୁ ଗୁଳିକରି ଖସାଯାଇ ନାହିଁ ବୋଲି ଆମେରିକାର ମିଡିଆ ରିପୋର୍ଟକୁ ଭାରତ ଅସ୍ୱୀକାର କରିଛି। ଭାରତୀୟ ବାୟୁସେନା ପକ୍ଷରୁ କୁହାଯାଇଛି, ଆମର ମିଗ୍-୨୧ ପାକିସ୍ତାନର ଗୋଟିଏ ଏଫ୍-୧୬କୁ କ୍ଷେପଣାସ୍ତ୍ର ମାଡ଼ କରି ଖସାଇ ଦେଇଥିଲା। ଏୟାର ଭାଇସ୍ ମାର୍ଶାଲ ଆର୍‌ଜିଭି କପୁର କହିଛନ୍ତି, ପାକିସ୍ତାନ ବାୟୁସେନାର ଲଢୁଆ ଜେଟ୍‌କୁ ଭାରତୀୟ ବାୟୁସେନାର ଏସ୍‌ୟୁ୩୦-ଏମ୍‌କେଆଇ, ମିରାଜ୍-୨୦୦୦ ଓ ମିଗ୍-୨୧ ବାଇସନ୍ ଲଢୁଆ ବିମାନ ଗୁଳିକରି ଖସାଇଥିଲା। ଏଥିପୂର୍ବରୁ ଆମେରିକା ପାକିସ୍ତାନର ଏଫ୍-୧୬ ଜେଟ୍ ସଂଖ୍ୟା ଗଣତି କରି ଏହାର ସଂଖ୍ୟା କମିନାହିଁ ବୋଲି କହିଥିବା ଆମେରିକାର ପ୍ରମୁଖ ପତ୍ରିକାରେ ଏ ସଂକ୍ରାନ୍ତ ରିପୋର୍ଟ ପ୍ରକାଶ ପାଇଛି। ଭାରତ ପାକିସ୍ତାନର ଏଫ୍-୧୬ ଜେଟ୍ ଖସାଇ ଦେଇଛି ବୋଲି କରୁଥିବା ଦାବି ଭୁଲ୍ ବୋଲି ଏହି ମିଡିଆ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଭାରତୀୟ ବାୟୁସେନା ପାକିସ୍ତାନ ଭିତରେ ପଶି ବାଲାକୋଟ୍‌ରେ ଆତଙ୍କୀ ଶିବିରକୁ ନଷ୍ଟ କରିବାର ଦିନକ ପରେ ଅର୍ଥାତ୍ ଗତ ଫେବୃଆରୀ ୨୭ରେ ଭାରତ ସୀମା ଭିତରେ ଅନୁପ୍ରବେଶ କରୁଥିବା ପାକିସ୍ତାନର ଏଫ୍-୧୬ ଲଢୁଆ ଜେଟ୍‌କୁ ଖସାଇ ଦେଇଥିଲା। ପାକିସ୍ତାନୀ ଏଫ୍-୧୬ ଜେଟ୍‌ରୁ ନିକ୍ଷେପ ହୋଇଥିବା କ୍ଷେପଣାସ୍ତ୍ର ଆମ୍‌ରାମ୍‌ର ଟୁକୁଡା ପ୍ରମାଣ ସ୍ୱରୂପ ଭାରତୀୟ ବାୟୁସେନା ପ୍ରଦର୍ଶନ କରିଥିଲା। କିନ୍ତୁ ପାକିସ୍ତାନ ଏହାକୁ ସେବେଠାରୁ ଅସ୍ୱୀକାର କରି ଚାଲିଛି। ଏଥିରେ କୌଣସି ଏଫ୍ -୧୬ ବ୍ୟବହାର କରାଯାଇ ନାହିଁ ବୋଲି ପାକିସ୍ତାନ ଜୋର୍‌ଦେଇ କହୁଛି। ଆମେରିକାର ବୈଦେଶିକ ନୀତି ସଂକ୍ରାନ୍ତ ଏହି ପତ୍ରିକାରେ କୁହାଯାଇଛି, ପାକିସ୍ତାନ ପାଖରେ ଥିବା ଏଫ୍-୧୬ ଜେଟ୍‌କୁ ପ୍ରତ୍ୟକ୍ଷ ଭାବେ ଗଣନା କରିବା ପାଇଁ ଇସ୍‌ଲାମାବାଦ ଆମେରିକାକୁ ଅନୁରୋଧ କରିଥିଲା। କାରଣ ଆମେରିକା ଏହି ଜେଟ୍ ପାକିସ୍ତାନକୁ ବିକିଲା ବେଳେ କୌଣସି ଦେଶ ବିରୋଧରେ ➤ ପୃ-୬

# ରଙ୍ଗ ବଦଳୁଛି; ଖର୍ଚ୍ଚ ବଢୁଛି

**ଭୁବନେଶ୍ୱର, (ତାରକ ମହାନ୍ତି) :** ଭାରତ ଭଳି ଏକ ସର୍ବବୃହତ ଗଣତାନ୍ତ୍ରିକ ରାଷ୍ଟ୍ରରେ ନିର୍ବାଚନ ଋତୁ ଆସିଲେ ନେତାମାନେ ଭୋଟର ମାନଙ୍କୁ ଯେଉଁଭଳି ଆତ୍ମୀୟ ବୋଲି ମନେକରନ୍ତି ତାହା ଅନ୍ୟ ସମୟରେ ଦେଖିବାକୁ ମିଳେନାହିଁ। ଥରେ ଭୋଟ ପାଇ ଜିତିଗଲା ପରେ ପ୍ରାର୍ଥୀମାନେ ସାଂସଦ ବା ବିଧାୟକ ହୋଇଗଲେ ଭୋଟରଙ୍କ ଚିନ୍ତା ଅପେକ୍ଷା ନିଜ ଚିନ୍ତା ସେମାନଙ୍କୁ ଅଧିକ ଘାରେ। ଏହାର ଏକମାତ୍ର କାରଣ ହେଉଛି ସାମ୍ପ୍ରତିକ ସମୟରେ ନିର୍ବାଚନ ଆଉ ପୂର୍ବ ଭଳି ନାହିଁ। ଲୋକପ୍ରିୟତା ବା ସେବା ଆଧାରରେ ଭୋଟରମାନେ ପ୍ରାର୍ଥୀ ଚୟନ ନ କରି ବରଂ ଅନେକ ଗୁଡିଏ ସୁବିଧା ହାସଲ ପାଇଁ ଲାଗିପଡିବା ଯୋଗୁଁ ଏଭଳି ପରିସ୍ଥିତି ଉପୁଜିଛି। ଲୋକସଭା ହେଉ କି ବିଧାନସଭା ପାଇଁ ପ୍ରାର୍ଥୀ ହେବାକୁ ଜଣେ ଜଣେ ପ୍ରାର୍ଥୀଙ୍କୁ ଯେଉଁ ହାରରେ ଟଙ୍କା ଖର୍ଚ୍ଚ କରିବାକୁ ପଡୁଛି ତାହା ବିସ୍ମୟ କଲାଭଳି। ପ୍ରାର୍ଥୀମାନଙ୍କୁ ଦଳ ଯେତିକି ଟଙ୍କା ଦେଇଥାଏ ସେତିକିରେ ଜଣେ ନିର୍ବାଚନ ଜିତିବା ଅସମ୍ଭବ। ଲାଭଖୋର ମନୋବୃତ୍ତି ଯୋଗୁଁ

### ନିର୍ବାଚନ ପ୍ରଚାର

ଭୋଟର ନେତାଙ୍କୁ ଶୋଷିବା ଭଳି ନୀତି ଅବଲମ୍ବନ କରିବା ଫଳରେ ନେତାମାନେ ମଧ୍ୟ ନିର୍ବାଚନ ପରେ ଖର୍ଚ୍ଚ ଭରଣା ପାଇଁ ଭୋଟରଙ୍କୁ ଭୁଲିଯିବା ସ୍ୱାଭାବିକ ବୋଲି ମନେହୁଏ। ଦଳୀୟ ସଭାସମିତି, ଶୋଭାଯାତ୍ରା, ବ୍ୟାନର ପୋଷ୍ଟର ଖର୍ଚ୍ଚ ବ୍ୟତିରେକ ବର୍ତ୍ତମାନ କେତେକ ଭୋଟର ମଦ ଓ ଟଙ୍କା ପାଇବାର ଆଶା ରଖୁଛନ୍ତି। ଯେଉଁଥିପାଇଁ ଭଲ ପ୍ରାର୍ଥୀଙ୍କୁ ଭୋଟ ଦେବା ବଦଳରେ ଅଧିକ ଅର୍ଥ ଖର୍ଚ୍ଚ କରିଥିବା ପ୍ରାର୍ଥୀ ହିଁ ଜିତାପଟ ମାରୁଛନ୍ତି।



ଯାହାଫଳରେ ବ୍ୟବସ୍ଥା ବିଗିଡିଯିବା ସହିତ ନେତାମାନେ ନିଜର ସ୍ୱାର୍ଥକୁ ଗୁରୁତ୍ୱ ଦେବାକୁ ଏକପ୍ରକାର ବାଧ୍ୟ ହେଉଛନ୍ତି। ନଚେତ୍ ଆଗାମୀ ଦିନରେ ସେମାନେ ପୁଣିଥରେ ନିର୍ବାଚନ ଲଢ଼ିବାକୁ ହେଲେ ବ୍ୟାପକ ଅର୍ଥ ଖର୍ଚ୍ଚ କରିବାକୁ ପଡିବ। ଏସବୁ ଦୃଷ୍ଟିକୋଣକୁ ଦେଖିଲେ ନିର୍ବାଚନ ଯେ ନିରପେକ୍ଷ ଓ ଅବାଧ ହେଉଛି ବୋଲି ଆମେ କହିପାରିବା କି। ଟିକଟ ପାଇବାଠାରୁ ଆରମ୍ଭ କରି ପ୍ରାର୍ଥୀପତ୍ର ଦାଖଲ, ପ୍ରଚାର ଆରମ୍ଭ ଓ ପ୍ରଚାର ଶେଷ ପର୍ଯ୍ୟନ୍ତ ନିର୍ବାଚନରେ ପ୍ରାର୍ଥୀ ହୋଇଥିବା ନେତାମାନେ ନୟାନ୍ତ ହୋଇପଡୁଛନ୍ତି। ଏଥିରେ ପୁଣି କେଉଁ ଦଳ ଭୋଟରଙ୍କ ପାଇଁ ଅଧିକ ଖର୍ଚ୍ଚ କରିପାରିବ ତାହା ମଧ୍ୟ ନିର୍ବାଚନ ଜିତିବାର ଏକ ଆଧାର ଭାବେ ପରିଚିତ ହୋଇଗଲାଣି। ଭିନ୍ନ ଦୃଷ୍ଟିଭଙ୍ଗୀ ଏବଂ ବିଚାରଧାରାରେ ପାର୍ଥକ୍ୟ ହେତୁ ଗଣତନ୍ତ୍ରର ପବିତ୍ର ମନ୍ଦିର ଗୁଡିକ ଆଉ ପବିତ୍ର ହୋଇ ରହିନାହିଁ। ଯେତେଦିନ ପର୍ଯ୍ୟନ୍ତ ଭୋଟରମାନେ ସଚେତନ ହୋଇ ଉପଯୁକ୍ତ ପ୍ରାର୍ଥୀଙ୍କୁ ଭୋଟ ଦେବା ପାଇଁ ମନ ସ୍ଥିର କରିନାହାନ୍ତି ସେତେଦିନ ପର୍ଯ୍ୟନ୍ତ ଶାସନ ବ୍ୟବସ୍ଥାରେ ପରିବର୍ତ୍ତନ ଆସିବ ନାହିଁ। ଦୁର୍ନୀତି ଓ ଭ୍ରଷ୍ଟାଚାର ➤ ପୃ-୬

## ମୋଦିଙ୍କୁ ୟୁଏଇ ପଦକ



**ଦୁବାଇ :** ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସମ୍ମାନଜନକ ଜାୟେଦ୍ ପଦକ ପ୍ରଦାନ କରିବ ବୋଲି ଘୋଷଣା କରିଛି। ଦୁଇ ଦେଶର ରଣନୀତିକ ସମ୍ପର୍କକୁ ତ୍ୱରାନ୍ୱିତ କରିବାରେ ମୋଦି ପ୍ରମୁଖ ଭୂମିକା ଗ୍ରହଣ କରିଥିବାରୁ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯିବ। ୟୁଏଇର ରାଷ୍ଟ୍ରପତି ଶେଖ୍ ଖଲିଫା ବିନ୍ ଜାୟେଦ୍ ଅଲ୍ ନହ୍ୟାନ୍ ଏହି ପୁରସ୍କାର ଘୋଷଣା କରିଛନ୍ତି। ସାଧାରଣତଃ ରାଜା, ରାଷ୍ଟ୍ରମୁଖ୍ୟମାନଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଥାଏ। ଆବୁଧାବିର ଯୁବରାଜ ମହମ୍ମଦ ବିନ୍ ଜାୟେଦ୍ ଟୁଇଟରରେ ଉଲ୍ଲେଖ କରିଛନ୍ତି, 'ଭାରତ ସହ ଆମର ଐତିହାସିକ ଓ ଘନିଷ୍ଠ ସମ୍ପର୍କ ରହିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ➤ ପୃ-୬

# ମହିଳାଙ୍କ ଅଧିକାର ହିଁ ବିକାଶର ପ୍ରକୃତ ଡବଲ ଇଞ୍ଜିନ୍

**ଭୁବନେଶ୍ୱର :** ନିକଟରେ ନ୍ୟୁଜିଲାଣ୍ଡରେ ଶୁକ୍ରବାର ପ୍ରାର୍ଥନା ସଭାରେ ସଂଗଠିତ ଗଣହତ୍ୟାରେ ବହୁ ସଂଖ୍ୟକ ଶରଣାର୍ଥୀ ନିହତ ହୋଇଥିଲେ। ଏହି ଘାତକ ଆକ୍ରମଣ ପରିପ୍ରେକ୍ଷୀରେ ପ୍ରଧାନମନ୍ତ୍ରୀ ମିସ୍ ଜାସିଣ୍ଡା ଆଡିନ୍‌ଙ୍କ ପ୍ରତିକ୍ରିୟା ତାଙ୍କୁ ବିଶ୍ୱବ୍ୟାପୀ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ କରିଥିଲା। ତାଙ୍କର ପ୍ରତିକ୍ରିୟା ସାଧାରଣ ନେତାଙ୍କ ଭଳି ନଥିଲା। ସେ ସଂଖ୍ୟାଗରିଷ୍ଠଙ୍କ ସପକ୍ଷରେ ଯୁକ୍ତି କରି ଘଟଣାକୁ ହାଲୁକା କରିନଥିଲେ। ତାଙ୍କର ପ୍ରତିକ୍ରିୟା ସାରା ବିଶ୍ୱକୁ ସ୍ତବ୍ଧ କରିଦେଇଥିଲା। ଶରଣାର୍ଥୀମାନଙ୍କୁ ସମର୍ଥନ କରି ସେ କହିଥିଲେ, 'ନ୍ୟୁଜିଲାଣ୍ଡ ସେମାନଙ୍କର ଘର। ସେମାନେ ଆମ ଭଳି।' ଏଭଳି ଦୁଃଖଦ ଘଟଣା ଘଟାଇଥିବା ଅପରାଧୀଙ୍କୁ ସେ ଆତଙ୍କବାଦୀ ଭାବରେ ବର୍ଣ୍ଣନା କରି ସେ ନେତୃତ୍ୱର ଏକ ନୂଆ ପରିଭାଷା ସୃଷ୍ଟି କରିଥିଲେ। ତାଙ୍କର ପ୍ରତିକ୍ରିୟା ଧର୍ମ, ଜାତି ଆଦିର ସଂକୀର୍ଣ୍ଣ ପ୍ରାଚୀରକୁ ଅତିକ୍ରମ କରି ମାନବତାକୁ ସମର୍ଥନ କରିଥିଲା। ଜର୍ମାନର ଚାନ୍ସେଲର୍ ମିସ୍ ଅଞ୍ଜେଲା ମର୍କେଲ୍ ବୋଧହୁଏ ବିଶ୍ୱର ଏକମାତ୍ର ନେତ୍ରୀ ଯିଏକି ଜାତୀୟତାର

### ୩୩% ମହିଳାଙ୍କୁ ଲୋକସଭା ପ୍ରାର୍ଥୀ କରାଯିବା ସ୍ମରଣୀୟ



ସୀମା ସରହଦକୁ ଖାତିର ନକରି ଅନ୍ୟ ରାଷ୍ଟ୍ରରୁ ଆସୁଥିବା ଶରଣାର୍ଥୀମାନଙ୍କୁ ସ୍ୱାଗତ କରିଥିଲେ ଏବଂ ମାନବ ଜାତି ପ୍ରତି ତାଙ୍କର ଅନୁକମ୍ପା ପ୍ରଦର୍ଶନ କରିଥିଲେ। ଏହି ନେତାମାନେ କ୍ଷମତାର ନୂଆ ପରିଭାଷା ସୃଷ୍ଟି କରିଛନ୍ତି। ସେମାନଙ୍କ ନେତୃତ୍ୱରେ ଥିଲା ଦୃଢ଼, ଶାନ୍ତି ଓ ସମ୍ବେଦନଶୀଳ। ମହିଳାମାନେ ରାଜନୀତିରେ କି ପ୍ରକାର ପରିବର୍ତ୍ତନ ଆଣିପାରିବେ, ଏହି ନେତାମାନେ ହେଉଛନ୍ତି ତା'ର ପ୍ରକୃଷ୍ଟ ଉଦାହରଣ। ଯଦି ରାଜନୀତି ହେଉଛି କ୍ଷମତା, ତେବେ ଏହାର ପରିପ୍ରକାଶରେ ମହିଳାମାନେ ଅଧିକ ମାନବୀୟ ସ୍ପର୍ଶ ଦେଇପାରିବେ। ଯଦି ରାଜନୀତି ଗୋଟିଏ ଦେଶର ମୂଲ୍ୟବୋଧକୁ ନିର୍ଦ୍ଧାରଣ କରିପାରେ, ତେବେ ଲୋକସଂଖ୍ୟାର ଅର୍ଦ୍ଧେକଙ୍କୁ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାରେ ସାମିଲ ପାଇଁ ସୁଯୋଗ ନଦେବା କ'ଣ ବିଜ୍ଞତାର ପରିଚାୟକ ? ବିଜୁବାବୁ ମହିଳା ସଶକ୍ତିକରଣର ଜଣେ ଅଗ୍ରଗଣ୍ୟ ସାରଥି ଥିଲେ। ମହିଳାମାନଙ୍କ ପାଇଁ ପଞ୍ଚାୟତିରାଜ ଅନୁଷ୍ଠାନମାନଙ୍କରେ ସେ ୩୩ ପ୍ରତିଶତ ସଂରକ୍ଷଣ ଆରମ୍ଭ କରିଥିଲେ। ଆମେ ତାକୁ ୫୦ ପ୍ରତିଶତକୁ ବୃଦ୍ଧି କରିଛୁ। ଆରମ୍ଭରୁ ଏହାକୁ ବହୁତ ସମାଲୋଚନା କରାଯାଇଥିଲା। ଲୋକେ କହୁଥିଲେ, ସ୍ୱାମୀ ଏବଂ ବାପାମାନେ ହିଁ ବାସ୍ତବରେ ସବୁକଥା ବୁଝାବୁଝି କରିବେ। ➤ ପୃ-୬

# ସୀମାନ୍ତ ରାଜ୍ୟର ଓଡ଼ିଆ ପିଲାଙ୍କୁ ମିଳିବ ମାଗଣା ପାଠ୍ୟପୁସ୍ତକ

**ଭୁବନେଶ୍ୱର :** ଚଳିତବର୍ଷ ସର୍ବଶିକ୍ଷା ଅଭିଯାନରେ କେବଳ ରାଜ୍ୟରେ ରହୁଥିବା ଛାତ୍ରଛାତ୍ରୀ ନୁହେଁ, ଓଡ଼ିଶା ସୀମାନ୍ତକୁ ଲାଗି ରହିଥିବା ଝାଡ଼ଖଣ୍ଡ, ଛତିଶଗଡ, ପଶ୍ଚିମବଙ୍ଗ ଓ ଗୁଜରାଟ (ସୁରତ) ପ୍ରଭୃତି ୪ଟି ରାଜ୍ୟକୁ ମଧ୍ୟ ପାଠ୍ୟପୁସ୍ତକ ଯୋଗାଇ ଦିଆଯିବ। ପ୍ରଥମ ଥର ପାଇଁ ରାଜ୍ୟ ବାହାରେ ରହୁଥିବା ଓଡ଼ିଆ ଛାତ୍ରଛାତ୍ରୀଙ୍କୁ ରାଜ୍ୟରେ ରହୁଥିବା ଛାତ୍ରଛାତ୍ରୀଙ୍କ ଭଳି ସମାନ ସୁବିଧା ମିଳିବ। ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ରାଜ୍ୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଉଭୟ ସରକାରୀ ଓ ସରକାରୀ




ସାହାଯ୍ୟପ୍ରାପ୍ତ ସ୍କୁଲରେ ପିଲାଙ୍କୁ ପାଠ୍ୟପୁସ୍ତକ ଯୋଗାଇ ଦିଆଯାଉଛି। ତେବେ କେବଳ ସରକାରୀ ସ୍କୁଲଗୁଡିକରେ ସବୁ ପିଲାଙ୍କୁ ମାଗଣାରେ ଏହି ସୁବିଧା ମିଳୁଥିବା ବେଳେ ସରକାରୀ ସାହାଯ୍ୟପ୍ରାପ୍ତ ସ୍କୁଲଗୁଡ଼ିକ ଲାଗି ୫୦ପ୍ରତିଶତ ରିହାତି ମୂଲ୍ୟରେ ପୁସ୍ତକ ଯୋଗାଇ ଦିଆଯାଉଛି। ମାତ୍ର ରାଜ୍ୟ ବାହାରେ ତଥା ରାଜ୍ୟର ସୀମାକୁ ଲାଗିଥିବା ରାଜ୍ୟର ଓଡ଼ିଆ ପିଲାମାନେ ଏଥିରୁ ବଞ୍ଚିତ ହେଉଥିଲେ। ଓଡ଼ିଶା ସମେତ ସୀମାନ୍ତକୁ ଲାଗି ରହିଥିବା ୪ଟି ରାଜ୍ୟର ସୀମାରେ ଓଡ଼ିଆ ଛାତ୍ରଛାତ୍ରୀଙ୍କୁ ଚଳିତ ଶିକ୍ଷାବର୍ଷରୁ ➤ ପୃ-୬

# ଏଣିକି ୧୧ ଘଣ୍ଟା ଖଟିବେ ଶିକ୍ଷକ

**ଭୁବନେଶ୍ୱର :** ପୂର୍ବାପେକ୍ଷା ଶିକ୍ଷକମାନଙ୍କ ପ୍ରତି ରାଜ୍ୟ ସରକାରଙ୍କ ମନୋଭାବ ବଦଳି ଚାଲିଛି। ଶିକ୍ଷାଦାନ ସହିତ ବିଭିନ୍ନ ସରକାରୀ କାର୍ଯ୍ୟକ୍ରମରେ ଶିକ୍ଷକମାନଙ୍କୁ ଅନ୍ତର୍ଭୁକ୍ତ କରି ସେମାନଙ୍କୁ ଭାରାକ୍ରାନ୍ତ କରୁଛନ୍ତି। ମଧ୍ୟାହ୍ନ ଭୋଜନ ଠାରୁ ଆରମ୍ଭ କରି ବିଭିନ୍ନ କାର୍ଯ୍ୟରେ ନିୟୋଜିତ ଥିବା ଶିକ୍ଷକମାନଙ୍କ ପାଇଁ ପୁଣି ଏକ ନୂଆ ନିଷ୍ପତ୍ତି ନେଇଛି ଶିକ୍ଷା ବିଭାଗ। ଏଥର ଶିକ୍ଷକମାନେ ସ୍କୁଲରେ ୧୧ଘଣ୍ଟା ଖଟିବେ। ନିର୍ବାଚନର ଆଳ ଦେଖାଇ ଶିକ୍ଷା ବିଭାଗ ଶିକ୍ଷକଙ୍କୁ ଏପ୍ରିଲ ୨ରୁ ନିର୍ବାଚନ ଶେଷ ହେବା



ପର୍ଯ୍ୟନ୍ତ ସ୍କୁଲରେ ସକାଳ୬ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଉପସ୍ଥିତ ରହିବାକୁ ହିଟଲରୀ ନିର୍ଦ୍ଦେଶ ଦେଇଛି। ଏହି ସମୟ ମଧ୍ୟରେ ଶିକ୍ଷକମାନେ ଭୋଟରକାର୍ଡ ଯାଞ୍ଚ, ଉଜ୍ଜ୍ୱଳ କାର୍ଯ୍ୟକ୍ରମ ପ୍ରଶିକ୍ଷଣ, ଶ୍ରେଣୀଗୃହରେ ଉଜ୍ଜ୍ୱଳ କାର୍ଯ୍ୟନ୍ୱୟନ ପରି ସରକାରୀ କାର୍ଯ୍ୟକ୍ରମକୁ ପ୍ରତ୍ୟକ୍ଷ ଭାବେ ତୁଲାଇବେ। କୌଣସି ଶିକ୍ଷକ ଯଦି ଏହି କାର୍ଯ୍ୟକ୍ରମରୁ ନିଜକୁ ଦୂରେଇ ରଖନ୍ତି ତେବେ ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବିଭାଗ ନାଲି ଆଖି ଦେଖାଇଛି। ସୂଚନାଥାଉ କି, ଚଳିତବର୍ଷ ସମ୍ଭାବ୍ୟ ଗ୍ରୀଷ୍ମ ପ୍ରବାହର ମୁକାବିଲା ପାଇଁ ରାଜ୍ୟ ସରକାର ଯୋରଦାର ପ୍ରସ୍ତୁତି ଆରମ୍ଭ କରିଛନ୍ତି। ରାଜ୍ୟର ସମସ୍ତ ସ୍କୁଲ ଲାଗି ସ୍ୱତନ୍ତ୍ର ବ୍ୟବସ୍ଥା ମଧ୍ୟ ଲାଗୁ ହୋଇଛି। ନିୟମ ଅନୁଯାୟୀ, ସ୍କୁଲଗୁଡିକ ସକାଳ ୬ଟାରୁ ପୂର୍ବାହ୍ନ୧୦ଟା୩୦ ➤ ପୃ-୬

## ବକ୍ରବାଣୀ



ବେକରେ ପକେଇ ଗେଣ୍ଡୁମାଳକୁ
ନେତା ଧାଇଁଲେଣି ଗାଆଁ ଦାଣ୍ଡକୁ
ଗରୀବ ସେବାରେ ବଳେଇ ମନ
ମଦ ସାଙ୍ଗେ ବାଣ୍ଟି ଦିଅନ୍ତି ଧନ
ଗୁହାରୀ କରନ୍ତି ଭୋଟ ପାଇଁକି
ଖରାରେ ବୁଲନ୍ତି ଧାଇଁ ଧାଇଁକି
ଗାଆଁରୁ ଜିତିକି ସହର ଯିବେ
ପାଞ୍ଚ ବର୍ଷ ଆଉ ଦେଖା ନ ଦେବେ
ସଭିଁଙ୍କୁ କହିବେ ସରଗ ଦବୁ
ଜିତିଗଲା ପରେ ଭୁଲିବେ ସବୁ।

——— ଟୁଟୁ

# ପ୍ରଚାରସର୍ବସ୍ୱ ରାଜନୀତି
## ଲାଞ୍ଛିଆ ଭୋଟର !
## ବିକାଶ ହେବ କେମିତି

**ଭୁବନେଶ୍ୱର :** ସ୍ୱାଧୀନତାର ଦୀର୍ଘବର୍ଷ ପରେ ଦେଶରୁ ଗରିବୀ ହଟିନି କିମ୍ବା ବିକାଶ ହୋଇପାରିନି କହୁଥିବା ନେତାମାନେ ଦେଶ ବିକାଶ ପାଇଁ ଆଉ କେତେ ସମୟ ନେବେ। ଲଗାତର ଭାବେ ଭାରତର ଶାସନ କ୍ଷମତାରେ ରହିଥିବା କଂଗ୍ରେସ ଦଳର ଅଧ୍ୟକ୍ଷ ରାହୁଲ ଗାନ୍ଧିଙ୍କ ବକ୍ତବ୍ୟରୁ ଏହା ସ୍ପଷ୍ଟ ଜଣାପଡେ। ତେବେ ଗରିବୀ ନହଟିବା ଓ ଦେଶର ପ୍ରଗତି ନହେବା ପଛର କାରଣ କ'ଣ ଓ ଦାୟୀ କିଏ ସେକଥା ସାଧାରଣ ଭୋଟର କେବେ ଚିନ୍ତା କରିଛନ୍ତି କି ? ଯେଉଁମାନେ ନିର୍ବାଚନ ବେଳେ ମିଠା କଥା କହି, ନୂଆ ପ୍ରତିଶ୍ରୁତି ଦେଇ ଲୋକଙ୍କୁ ଭଣ୍ଡାଇ ଚାଲିଛନ୍ତି ସେମାନଙ୍କୁ ଆମେ ଭୋଟ ଦେଇ ଶାସନ ଗାଦିରେ ବସାଇବା ପାଇଁ ଦାୟୀ ନୋହୁଁ କି ? ଗତ ୨୦୧୪ ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶରେ ହାଇଟେକ୍ ନିର୍ବାଚନ ପ୍ରଚାରର ଯେଉଁ ଧାରା ଆରମ୍ଭ କରିଥିଲେ ତାହାକୁ ଅନୁସରଣ କରି ବିଭିନ୍ନ ରାଜ୍ୟର ଶାସନ କ୍ଷମତାରେ ଥିବା ଦଳମାନେ ଚଳିତ ନିର୍ବାଚନରେ କାର୍ଯ୍ୟରେ ପରିଣତ କରିଛନ୍ତି। ୬୦ ଦଶକରେ ନିର୍ବାଚନ



ପ୍ରଚାରର ପରିଭାଷା ଯାହା ଥିଲା ବର୍ତ୍ତମାନ ତାହା ସମ୍ପୂର୍ଣ୍ଣ ଭାବେ ବିକଶିତ ଏବଂ ନୂତନତା ଆଣିଛି। ସେତେବେଳେ ସହର ହେଉ କି ଗ୍ରାମାଞ୍ଚଳର କାନ୍ଥବାଡରେ ଚକ୍‌ଖଡି ଖଣ୍ଡେ ଧରି କର୍ମୀମାନେ ନିଜ ଦଳର ନେତାମାନଙ୍କ ନାମ ଲେଖି ନିର୍ବାଚନ ଚିହ୍ନର ଚିତ୍ର ଆଙ୍କି ଭୋଟରମାନଙ୍କୁ ନିଜ ସପକ୍ଷରେ ଭୋଟ ଦେବା ପାଇଁ ବ୍ୟବସ୍ଥା କରୁଥିଲେ। ଏଥିରେ କାଁ ଭାଁ ଡାକବାଜି ଯନ୍ତ୍ରର ବ୍ୟବହାର ମଧ୍ୟ କରାଯାଉଥିଲା। ➤ ପୃ-୬



## କେମିତି କଟିବ ଏ ସପ୍ତାହ

**ମେଷ** ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ବ୍ୟସ୍ତ ରହିବେ। କର୍ମକ୍ଷେତ୍ରରେ ପ୍ରଶଂସା ପାଇବେ। ଗୃହରେ ବୟୋଜ୍ୟେଷ୍ଠଙ୍କ ସ୍ୱାସ୍ଥ୍ୟ ସୁସ୍ଥ ରହିପାରେ। ଗୃହରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ। ଧନ ବୃଦ୍ଧିର ଶୁଭ ସଙ୍କେତ ମିଳିପାରେ। ବନ୍ଧୁମିଳନ ଘଟିପାରେ।

**ବୃଷ** ତୀର୍ଥସ୍ଥାନ ଭ୍ରମଣର ସୁଯୋଗ ମିଳିବ। ବିବାହ ଆଶାୟୀମାନେ ସଫଳତା ପାଇବେ। ବ୍ୟବସାୟରେ ଆଶାନୁରୂପ ଫଳ ମିଳିବ। ଜମିଜମା ବିବାଦର ସମାଧାନ ହେବ। ନୂତନ କର୍ମରେ ଯୋଗ ଦେବାର ସମୟ ଆସିବ। ଯାନବାହନ ଠାରୁ ଦୂରେଇ ରୁହନ୍ତୁ।

**ମିଥୁନ** ପାରିବାରିକ କଳହରୁ ମୁକ୍ତି ମିଳିବ। ବୈବାହିକ ଜୀବନ ସୁଖମୟ ହେବ। ଶାରୀରିକ ସୁସ୍ଥତା ଅନୁଭବ କରିବେ। ଚାକିରିଆଙ୍କର ଦୂରସ୍ଥାନକୁ ବଦଳି ହୋଇପାରେ। ଆଶା କରିଥିବା କର୍ମରେ ଶୁଭଫଳ ମିଳିବ।

**କର୍କଟ** ଆର୍ଥିକ ସ୍ଥିତିରେ ପରିବର୍ତ୍ତନ ଦେଖାଦେବ। ସରକାରୀ ଚାକିରିଆଙ୍କୁ ଲାଭ ମିଳିପାରେ। ଲାଗି ରହିଥିବା ଜମିଜମା ବିବାଦର ସମାଧାନ ଘଟିବ। ବ୍ୟବସାୟରେ ଅଚାନକ କିଛି ପରିବର୍ତ୍ତନ ଘଟିପାରେ।

**ସିଂହ** ବ୍ୟବସାୟୀମାନେ ଆଶାତୀତ ଲାଭବାନ୍ ହେବେ। ଚାରିଚକିଆ ଯାନ ପ୍ରତି ସତର୍କତା ରହିବେ। ଆର୍ଥିକ ସମସ୍ୟା ଦୂର ହେବ। ଦାମ୍ପତ୍ୟଜୀବନ ସୁଖମୟ ରହିବ। ଧନପ୍ରାପ୍ତିର ପ୍ରବଳ ଯୋଗ ରହିଛି।

**କନ୍ୟା** ବିଦ୍ୟାର୍ଥୀମାନେ ପ୍ରଶଂସିତ ହେବେ। ରାଜନୈତିକ ବ୍ୟକ୍ତିମାନେ ଅସଫଳ ହେବେ। ବ୍ୟବସାୟରେ କ୍ଷତି ସହିବେ। ପୂଜାପାଠରେ ମନ ଅଧିକ ଲାଗିରହିବ। ଆର୍ଥିକ ପରିସ୍ଥିତିରେ ସୁଧାର ଆସିପାରେ।

**ତୁଳା** ପିଲାଙ୍କ ସ୍ୱାସ୍ଥ୍ୟ ପ୍ରତି ଚିନ୍ତିତ ରହିପାରନ୍ତି। ଗୃହରେ ମାଙ୍ଗଳିକ କାର୍ଯ୍ୟ ହେବାର ସୂଚନା ଅଛି। ନୂତନ କର୍ମରେ ଯୋଗ ଦେଇ ସଫଳତା ଲାଭ କରିବେ। ରାଜନୀତି କ୍ଷେତ୍ରରେ ବ୍ୟକ୍ତିଙ୍କୁ ଉଚ୍ଚପଦ ମିଳିପାରେ।

**ବିଛା** ଶାରୀରିକ ପୀଡା ଅନୁଭବ କରିବେ। ପରିବାରରେ ଏକତା ଓ ମାନସିକ ଶାନ୍ତି ବଢ଼ିବ। ବ୍ୟବସାୟୀମାନେ ଅଧିକ ଲାଭବାନ୍ ହେବେ। କୋର୍ଟକଚେରୀ ମାମଲାରେ ସମାଧାନ ହେବ। ଆୟର ନୂତନ ରାସ୍ତା ପ୍ରସ୍ତୁତ କରିବେ।

**ଧନୁ** ବ୍ୟବସାୟୀମାନେ ଆଶାନୁରୂପ ଲାଭ ପାଇବେ। ଚାକିରି କ୍ଷେତ୍ରରେ ଲାଗିଥିବା ବିବାଦ ସମାଧାନ ହେବ। ପରିବାରରେ ଶାନ୍ତିର ବାତାବରଣ ଦେଖାଦେବ। ଆର୍ଥିକ ଚିନ୍ତାରୁ ମୁକ୍ତି ମିଳିବ।

**ମକର** ନୂତନ ଯାନ କ୍ରୟ କରି ଖୁସି ଅନୁଭବ କରିବେ। ପଦୋନ୍ନତି ଘଟିପାରେ। ଗୃହରେ ଶାନ୍ତିର ବାତାବରଣ ଦେଖାଦେବ। ବ୍ୟବସାୟରେ ଅଧିକ ଲାଭବାନ ହେବେ। ଜମିଜମା ବିବାଦ ଲାଗି ରହିବ।

**କୁମ୍ଭ** ବିଦ୍ୟାର୍ଥୀମାନେ ପରିଶ୍ରମ କରି ସଫଳତା ପାଇବେ। ନୂତନ ଗୃହ ନିର୍ମାଣ କରିବାର ସମୟ ଆସିବ। ବୈବାହିକ ଜୀବନ ସୁଖମୟ ହେବ। ଗୃହରେ ଶାନ୍ତି ବଜାୟ ରହିବ। ମାନସିକ ସୁସ୍ଥତା ଅନୁଭବ କରିବେ। ରାଜନୈତକ ବ୍ୟକ୍ତିମାନେ ସତର୍କ ରହିବେ।

**ମୀନ** ବନ୍ଧୁଙ୍କ ସହ କଳହ ଉପୁଜିପାରେ। ବ୍ୟବସାୟରେ ଆଶାଠାରୁ ଅଧିକ ଲାଭବାନ୍ ହେବେ। ଜମି କିଣାବିକା ବ୍ୟବସାୟରେ ଲାଭ ହେବ। ଛାତ୍ରଛାତ୍ରୀମାନେ ଶିକ୍ଷା କ୍ଷେତ୍ରରେ ଉନ୍ନତି ଲାଭ କରିପାରିବେ।



ଚନ୍ଦ୍ରଶେଖର ମିଶ୍ର
ଜ୍ୟୋତିର୍ବିଦ୍ ଓ ବାସ୍ତୁବିଶାରଦ
କାକଟପୁର, ପୁରୀ
ମୋ-୯୭୭୭୦୬୩୪୧୧

# ସୁଧ ହାର ହ୍ରାସ; ଶସ୍ତା ହେବ ଗୃହ ଋଣ

**ନୂଆଦିଲ୍ଲୀ :** ୨୦୧୯-୨୦ ଆର୍ଥିକ ବର୍ଷ ପ୍ରାରମ୍ଭରେ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ)ର ପ୍ରଥମ ଦ୍ୱିମାସିକ ମୁଦ୍ରାନୀତି ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ ରେପୋ ହାରରେ ୨୫ ବେସିସ୍ ପଏଣ୍ଟ ହ୍ରାସ କରାଯାଇଛି। ଗଭର୍ଣ୍ଣର ଶକ୍ତିକାନ୍ତ ଦାସଙ୍କ ଅଧକ୍ଷତାରେ ଆର୍‌ବିଆଇର ମୁଦ୍ରାନୀତି କମିଟି (ଏମ୍‌ପିସି)ର ତ୍ରିଦିବସୀୟ ବୈଠକ ପରେ ୨୦୧୯-୨୦ ଆର୍ଥିକ ବର୍ଷର ପ୍ରଥମ ଦ୍ୱିମାସିକ ମୁଦ୍ରାନୀତି ଜାରି କରାଯାଇଛି। ଏଥିରେ ରେପୋ ହାରରେ ୨୫ ବେସିସ୍ ପଏଣ୍ଟସ୍ ବା ୦.୨୫% ହ୍ରାସ କରାଯାଇଛି। ଏହି ହ୍ରାସ ପରେ ରେପୋ ହାର ୬.୨୫% ରୁ ହ୍ରାସ ପାଇ ୬% ରହିଛି। ସାଧାରଣ ଭାବେ କେନ୍ଦ୍ରୀୟ ବ୍ୟାଙ୍କ ବ୍ୟବସାୟିକ ବ୍ୟାଙ୍କଗୁଡିକୁ ଯେଉଁ ସୁଧ ହାରରେ ଋଣ ଯୋଗାଣ କରିଥାଏ ତାହାକୁ ହିଁ ରେପୋ ବୋଲି କୁହାଯାଇଥାଏ। ତେବେ ଏଥିରେ ହ୍ରାସ କରାଯାଇଥିବାରୁ ବର୍ତ୍ତମାନ ବିଭିନ୍ନ ଋଣ କିସ୍ତିରେ ହ୍ରାସ ଘଟିବା ସହ ଗୃହ, ଗାଡ଼ି ଏବଂ ବ୍ୟକ୍ତିଗତ ଋଣ ଶସ୍ତା ହେବ ବୋଲି ଅନୁମାନ କରାଯାଉଛି। ଏହା ପୂର୍ବରୁ ଗତ ଫେବୃଆରୀରେ ଦୀର୍ଘ ୧୮ ମାସର ବ୍ୟବଧାନ ପରେ ରେପୋ ହାରରେ ୦.୨୫ ବେସିସ୍ ପଏଣ୍ଟସ ହ୍ରାସ କରାଯାଇଥିଲା। କ୍ରମାଗତ ଦ୍ୱିତୀୟ ଥର ପାଇଁ ସୁଧ ହାର ହ୍ରାସ କରାଯାଇଥିବାରୁ ନିର୍ବାଚନୀ ଋତୁରେ ଋଣ ନେବାକୁ ଇଚ୍ଛୁକ ଥିବା ଗ୍ରାହକମାନଙ୍କୁ ବଡ଼ଧରଣର ଆଶ୍ୱସ୍ତି ମିଳିପାରେ ବୋଲି ଉଲ୍ଲେଖ




କରାଯାଇଛି। ଉକ୍ତ ବୈଠକରେ କମିଟିର ମୋଟ ୬ ଜଣ ସଦସ୍ୟଙ୍କ ମଧ୍ୟରୁ ଚାରିଜଣ (ପମି ଦୁଆ, ରବିନ୍ଦ୍ର ଢୋଲକିଆ, ମାଇକେଲ୍ ଦେବବ୍ରତ ପାତ୍ର ଓ ଶକ୍ତିକାନ୍ତ ଦାସ) ପ୍ରଚଳିତ ସୁଧ ବ୍ୟବସ୍ଥାରେ ହ୍ରାସ ଆଣିବାକୁ ସମର୍ଥନ କରିଥିବାବେଳେ ଅନ୍ୟ ଦୁଇଜଣ (ଚେତନ ଘାଟେ ଓ ବୀରଳ ଆଚାର୍ଯ୍ୟ) ଏହା ବିରୋଧରେ ମତ ଦେଇଥିଲେ। ଆର୍‌ବିଆଇ ଗଭର୍ଣ୍ଣର ରୂପେ ଗତ ଡିସେମ୍ବରରେ ଦାୟିତ୍ୱ ଗ୍ରହଣ କରିଥିବା ଶକ୍ତିକାନ୍ତ ଦାସଙ୍କ ଅଧକ୍ଷତାରେ ଏହା ହେଉଛି ଦ୍ୱିତୀୟ ବୈଠକ। ଖୁଚୁରା ମୁଦ୍ରାସ୍ଫୀତିକୁ ଦୃଷ୍ଟିରେ ରଖି ଆର୍‌ବିଆଇ ସୁଧହାର ସମ୍ବନ୍ଧରେ ନିଷ୍ପତ୍ତି ନେଇଥାଏ। ସୂଚନାଥାଉ କି, ୨୦୧୮ ଜୁଲାଇରୁ ୨୦୧୯ ଜାନୁଆରୀ ମଧ୍ୟରେ ମୁଦ୍ରାସ୍ଫୀତିରେ କ୍ରମାଗତ ହ୍ରାସ ପରିଲକ୍ଷିତ ହୋଇଥିଲା। ତେବେ ଏହି ହ୍ରାସ ପରେ ଫେବୃଆରୀରେ ଖୁଚୁରା ମୁଦ୍ରାସ୍ଫୀତି ହାରରେ ସାମାନ୍ୟ ବୃଦ୍ଧି ଘଟି ଏହା ୨.୫୭%ରେ ପହଞ୍ଚିଥିଲା। ଯାହା ଗତ ଚାରିମାସର ସର୍ବୋଚ୍ଚସ୍ତର ହୋଇଥିବା ସତ୍ତ୍ୱେ ବାର୍ଷିକ ଆଧାରରେ କମ୍ ଥିଲା। ତେଣୁ ଆର୍‌ବିଆଇ ଉପରେ ସୁଧହାରକୁ ହ୍ରାସ କରିବା ଲାଗି ବିଭିନ୍ନ ଦିଗରୁ ବହୁ ଚାପ ପଡୁଥିଲା। ଅପରପକ୍ଷେ ରେପୋ ହାର କମ୍ ହେବାରୁ ବ୍ୟାଙ୍କଗୁଡ଼ିକୁ ଆର୍‌ବିଆଇରୁ ଅପେକ୍ଷାକୃତ କମ୍ ସୁଧ ହାରରେ ପୁଞ୍ଜି ମିଳିପାରିବ। ତେଣୁ ବ୍ୟାଙ୍କଗୁଡ଼ିକ ମଧ୍ୟ ଗ୍ରାହକମାନଙ୍କୁ କମ୍ ସୁଧ ହାରରେ ଗୃହ ଓ ଗାଡ଼ି ଋଣ ସହିତ ଅନ୍ୟ ଋଣ ଉପଲବ୍ଧ କରାଇପାରିବେ। ଏଥିସହ ଯେଉଁମାନେ ପୂର୍ବରୁ ଗୃହ କିମ୍ବା ଗାଡ଼ି ଋଣ ନେଇଥିବେ, ସେଗୁଡ଼ିକର ଇଏମ୍‌ଆଇରେ ମଧ୍ୟ ହ୍ରାସ ଘଟିବ। ସେହିପରି ଚଳିତ ଆର୍ଥିକ ବର୍ଷ (୨୦୧୯-୨୦) ପାଇଁ ଆର୍‌ବିଆଇ ସାମଗ୍ରିକ ଘରୋଇ ଉତ୍ପାଦ (ଜିଡିପି) ଆକଳନରେ ୦.୨% ହ୍ରାସ କରିଛି। ଆର୍‌ବିଆଇ ପୂର୍ବରୁ ଜିଡିପି ଆକଳନ ୭.୪% ଧାର୍ଯ୍ୟ କରିଥିବାବେଳେ ଉପରୋକ୍ତ ଏମ୍‌ପିସି ବୈଠକରେ ଏହାକୁ ୭.୨%କୁ ହ୍ରାସ କରିଦିଆଯାଇଛି। ଏଥିସହ ପ୍ରଥମ ଷାଣ୍ମାସିକ ପାଇଁ ଜିଡିପି ଆକଳନ ୬.୮%ରୁ ୭.୧% ଏବଂ ଦ୍ୱିତୀୟ ଷାଣ୍ମାସିକ ପାଇଁ ଏହି ଆକଳନ ୭.୩%ରୁ ୭.୪% ମଧ୍ୟରେ ରଖାଯାଇଛି ବୋଲି ଆର୍‌ବିଆଇ ଗଭର୍ଣ୍ଣର ଶ୍ରୀ ଦାସ ସୂଚନା ଦେଇ କହିଛନ୍ତି।

## ୨ୟ ବିଶ୍ୱଯୁଦ୍ଧ ସମୟର ବିମାନ ଭଗ୍ନାଂଶ ଠାବ

**ନୂଆଦିଲ୍ଲୀ :** ଜଣେ ପୋଲିସ ପ୍ରତିନିଧିଙ୍କ ସହ ଏକ ୧୨ ଜଣିଆ ଭାରତୀୟ ସେନା ପାଟ୍ରୋଲିଂ ଦଳ ୨୦୧୯ ମାର୍ଚ୍ଚ ୩୦ରେ ଅରୁଣାଚଳ ପ୍ରଦେଶର ରୋଇଙ୍ଗ ଜିଲ୍ଲାରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟର ଏକ ଆମେରିକୀୟ ବିମାନର ଭଗ୍ନାଂଶ ଉଦ୍ଧାର କରିଛନ୍ତି। ପାଞ୍ଚଫୁଟ ବରଫ ତଳେ ଚାପି ହୋଇ ରହିଥିବା ଏହି ବିମାନଟିକୁ ପାଟ୍ରୋଲ ଦଳ ସନ୍ଧାନ କରିଥିଲେ। ପୋଲିସ ମାଧ୍ୟମରେ ଦିବଙ୍ଗ ଜିଲ୍ଲାର ଆଞ୍ଚଳିକ ପର୍ବତାରୋହୀମାନଙ୍କଠାରୁ ମିଳିଥିବା ସୂଚନା ଆଧାରରେ, ରୋଇଙ୍ଗଠାରୁ ୩୦ କିଲୋମିଟର ଦୂର ଏକ ଅଗମ୍ୟ ଅଞ୍ଚଳରେ ରହିଥିବା ଏହି ଭଗ୍ନାଂଶକୁ ସନ୍ଧାନ କରିବା ପାଇଁ ସେନାର ଏକ ସ୍ୱତନ୍ତ୍ର ପାଟ୍ରୋଲ ଦଳକୁ ପଠାଯାଇଥିଲା। ଏହି ଦଳ ଭଗ୍ନାଂଶ ସନ୍ଧାନରେ ୩୦ କିଲୋମିଟର ଦୀର୍ଘ ଜଙ୍ଗଲ ଏବଂ ବରଫାବୃତ ଅଞ୍ଚଳ ମଧ୍ୟଦେଇ ଯାତ୍ରା କରିଥିଲେ। ପୂର୍ବରୁ କେହି କ୍ୱଚିତ ଏହି ଅଞ୍ଚଳକୁ ଯାଇଥିଲେ ଏବଂ ଘଞ୍ଚ ଜଙ୍ଗଲରେ ପରିପୂର୍ଣ୍ଣ ଏହି ଅଞ୍ଚଳକୁ ବାୟୁ ପଥରେ ଯାତ୍ରା କରିବା କଷ୍ଟକର ଥିଲା। ଏହି ପୁରୁଣା ବିମାନର ଭଗ୍ନାଂଶ ଏବଂ ଅନ୍ୟାନ୍ୟ ଯୁଦ୍ଧ ସାମଗ୍ରୀର ସନ୍ଧାନ ହେବା ଫଳରେ ନିଶ୍ଚିତ ଭାବେ କିଛି ଐତିହାସିକ ତଥ୍ୟ ମିଳିବା ନେଇ ଆଶା କରାଯାଉଛି।

## ଅଡୁଆରେ ପଡିପାରେ ପାକିସ୍ତାନ !

**ନୂଆଦିଲ୍ଲୀ :** ଭାରତ ପାକ୍ ବିରୋଧୀ ଲବି ପାକିସ୍ତାନକୁ ଏଫ୍‌ଏଟିଏଫ୍‌ର କଳା ତାଲିକାଭୁକ୍ତ କରିବାର ସମ୍ଭାବନା ରହିଛି ବୋଲି ପାକ୍ ବିଦେଶ ମନ୍ତ୍ରୀ ଶାହ ମେହମୁଦ୍ କ୍ୟୁରେସି କହିଛନ୍ତି। ତାଙ୍କ ମତରେ ପାକିସ୍ତାନ ବାର୍ଷିକ ଏକ ହଜାର କୋଟି ଡଲାର ହରାଇବା ଆଶଙ୍କା ରହିଛି। ଗତ ବର୍ଷ ଜୁନ୍‌ରେ ପାକିସ୍ତାନ ମନିଲଣ୍ଡରିଂ ଓ ଆତଙ୍କବାଦୀଙ୍କୁ ପାଣ୍ଠି ଯୋଗାଇବା ଅଭିଯୋଗରେ ଛନ୍ଦିହେବା ପରେ ପ୍ୟାରିସ୍ ସ୍ଥିତ ଫାଇନାନ୍‌ସିଆଲ୍ ଆକ୍ସନ ଟାସ୍କଫୋର୍ସ (ଏଫ୍‌ଏଟିଏଫ୍) ଦୃଷ୍ଟିରେ କଳା ତାଲିକାଭୁକ୍ତ ହୋଇଥିଲା। ଏଫ୍‌ଏଟିଏଫ୍ ଆନ୍ତର୍ଜାତିକ ସ୍ତରରେ କାର୍ଯ୍ୟ କରୁଥିବା ଆତଙ୍କବାଦୀଙ୍କୁ ପାଣ୍ଠି ଯୋଗାଣ ଓ ମନି ଲଣ୍ଡରିଂ ଅପରାଧ ଉପରେ ସତର୍କ ଦୃଷ୍ଟି ରଖୁଥିବା ସଂଗଠନ। ଏହି ସଂଗଠନ ପାକିସ୍ତାନର ଆତଙ୍କୀ କାର୍ଯ୍ୟକଳାପକୁ ଦୃଷ୍ଟିରେ ରଖି ଆର୍ଥିକ ଅନୁଦାନ ଉପରେ କଟକଣା ଲଗାଇଥିଲା। ତା’ ସତ୍ତ୍ୱେ ଆମେରିକାର ପରାମର୍ଶରେ ପାକିସ୍ତାନକୁ କିଛି ସହାୟତା ମିଳୁଥିଲା। କିନ୍ତୁ ପୁଲଓ୍ୱାମା ଆକ୍ରମଣ ପାଇଁ ପାକ୍ ସ୍ଥିତ ଜୈଶ-ଇ-ମହମ୍ମଦ ସଂଗଠନ ନିଜକୁ ଦାୟୀ କରିବାରୁ ପାକିସ୍ତାନ ଉପରେ ଆନ୍ତର୍ଜାତିକ ଚାପ ପଡ଼ିଥିଲା। ଏହି ଚାପକୁ ଭାରତ ତ୍ୱରାନ୍ୱିତ କରିବା ଫଳରେ ପାକିସ୍ତାନ ପ୍ରତି ଆର୍ଥିକ ବିପତ୍ତି କ୍ରମେ ବଳବତ୍ତର ହୋଇଛି ବୋଲି ପାକ୍ ବୈଦେଶିକ ମନ୍ତ୍ରୀ କ୍ୟୁରେସୀ ଗଣମାଧ୍ୟମକୁ ଜଣାଇଛନ୍ତି। ଗତ କିଛି ଦିନ ପୂର୍ବେ ଏଫ୍‌ଏଟିଏଫ୍‌ର ପ୍ରତିନିଧି ଦଳ ପାକିସ୍ତାନ ଗସ୍ତ କରି ଆନ୍ତର୍ଜାତିକ ଆର୍ଥିକ ଅପରାଧ ଯାଞ୍ଚ କରିଥିଲେ। ଏଫ୍‌ଏଟିଏଫ୍‌ର ୩ ଦିନିଆ ଇସ୍‌ଲାମାବାଦ ଗସ୍ତ ପାକିସ୍ତାନର ଆର୍ଥିକ ବ୍ୟବସ୍ଥା ସୁଧାରିବା ସପକ୍ଷରେ ନଥିଲା। ଆତଙ୍କବାଦୀ ସଂଗଠନ ବିରୋଧରେ ପାକିସ୍ତାନର ନୈରାଶ୍ୟଜନକ କାର୍ଯ୍ୟାନୁଷ୍ଠାନ ପ୍ରତିନିଧି ଦଳକୁ ଅସନ୍ତୁଷ୍ଟ କରିଥିଲା। ଏଫ୍‌ଏଟିଏଫ୍ ପ୍ରତିନିଧିଙ୍କ ପ୍ରଶ୍ନର ଉତ୍ତର ଦେବାକୁ ପାକ୍ କର୍ତ୍ତୃପକ୍ଷ ସକ୍ଷମ ହୋଇନଥିଲେ। ବିଶେଷକରି ଆତଙ୍କବାଦ ଲୋପ କରିବା ପାଇଁ ପାକ୍ ସରକାର ତୃଣମୂଳ ସ୍ତରରେ କି ପ୍ରକାର ପଦକ୍ଷେପ ଗ୍ରହଣ କରିଛନ୍ତି, ସେ ସମ୍ପର୍କରେ ସନ୍ତୋଷଜନକ ଉତ୍ତର ନ ପାଇ ଏଫ୍‌ଏଟିଏଫ୍ ପାକିସ୍ତାନକୁ ବାର୍ଷିକ ଅନୁଦାନ ଦେବାପାଇଁ ମନା କରିଦେଇଛି। ଏଫ୍‌ଏଟିଏଫ୍ ରିପୋର୍ଟ ଅନୁସାରେ ଏବେ ପାକିସ୍ତାନରେ ଇସ୍‌ଲାମିକ୍ ଷ୍ଟେଟ୍ ଗ୍ରୁପ୍, ଅଲ୍ କାଏଦା, ଜମାତ୍-ଉଦ୍-ଦାଓ୍ୱା, ଫଲାହ-ଇ-ଇନ୍‌ସାନିୟତ୍ (ଏଫ୍‌ଆଇଏଫ୍), ଲସ୍କର-ଇ-ତୋଏବା, ଜୈଶ-ଇ-ମହମ୍ମଦ, ହକାନୀ ନେଟ୍‌ଓ୍ୱାର୍କ ଓ ତାଲିବାନ୍ ସକ୍ରିୟ ଅଛି। ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ ନିକଟରେ ହାଫିଜ୍ ସୈଦ୍‌ଙ୍କ ଜମାତ୍- ଉଦ୍-ଦାଓ୍ୱା ଓ ଏଫ୍‌ଆଇଏଫ୍ ଉପରେ କଟକଣା ଲଗାଇଛନ୍ତି। ତା’ ସହିତ ମାସୁଦ୍ ଆଝାରଙ୍କ ଜୈଶ-ଇ-ମହମ୍ମଦ ସମେତ ଅନ୍ୟ ୫ଟି ଆତଙ୍କବାଦୀ ସଂଗଠନ ଉପରେ କଟକଣା ଲଗାଇଛନ୍ତି।

## ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଆର୍ଥିକ ବ୍ୟବସ୍ଥା ସୁଦୃଢ଼ ଲକ୍ଷ୍ୟରେ ସରକାର

**ନୂଆଦିଲ୍ଲୀ :** ରାଷ୍ଟ୍ରାୟତ୍ତ ବ୍ୟାଙ୍କିଙ୍ଗ କ୍ଷେତ୍ରର ଆର୍ଥିକ ବ୍ୟବସ୍ଥାକୁ ସୁଦୃଢ଼ କରିବା ଲକ୍ଷ୍ୟରେ ମୋଦୀ ସରକାରଙ୍କ ଦ୍ୱାରା ଦିଆଯାଇଥିବା ପ୍ରତିଶ୍ରୁତି ସ୍ୱରୂପ ବିଗତ ୧୮ ମାସ ମଧ୍ୟରେ ବିଭିନ୍ନ ବ୍ୟାଙ୍କିଙ୍ଗ ଉଦ୍ୟୋଗମାନଙ୍କୁ ମୋଟ ୧.୯୫ ଲକ୍ଷ କୋଟି ଟଙ୍କାର ପୁଞ୍ଜି ଯୋଗାଇ ଦିଆଯାଇଛି। ବ୍ୟାଙ୍କିଙ୍ଗ କ୍ଷେତ୍ରକୁ ୨.୫ ଲକ୍ଷ କୋଟି ଟଙ୍କାର ପୁଞ୍ଜି ଯୋଗାଇ ଦେବାକୁ କେନ୍ଦ୍ର ସରକାର ଲକ୍ଷ୍ୟ ରଖିଥିବା ବେଳେ ୨୦୧୮-୧୯ ଆର୍ଥିକ ବର୍ଷ ଶେଷ ସୁଦ୍ଧା ଉପରୋକ୍ତ ପରିମାଣର ପୁଞ୍ଜି ଯୋଗାଇ ଦିଆଯାଇଥିବା କୁହାଯାଇଛି। ବ୍ୟାଙ୍କ ଅଫ୍ ବରୋଦା (ବିଓବି) ସହ ଅନ୍ୟ ଦୁଇ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ବିଜୟା ବ୍ୟାଙ୍କ ଏବଂ ଦେନା ବ୍ୟାଙ୍କର ମିଶ୍ରଣକୁ ନେଇ ବିଓବିକୁ ୫୦୪୨ କୋଟି ଟଙ୍କା ଯୋଗାଇ ଦିଆଯାଇଥିବା ସରକାରୀ ସୂତ୍ରରେ କୁହାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ବିଭିନ୍ନ ରାଷ୍ଟ୍ରାୟତ୍ତ ବ୍ୟାଙ୍କମାନଙ୍କ ବିପୁଳ ପରିମାଣର ଅନାଦାୟ ଋଣ ରାଶିକୁ ନେଇ ଏଗୁଡିକର ଆର୍ଥିକ ଅବସ୍ଥା ଦୁର୍ବଳ ହୋଇପଡ଼ିଥିବା ବେଳେ ବିଭିନ୍ନ କ୍ଷେତ୍ରକୁ ଋଣ ଯୋଗାଣ କ୍ଷେତ୍ରରେ ବ୍ୟାଙ୍କିଙ୍ଗ୍ ସଂସ୍ଥାଗୁଡିକ ସମସ୍ୟାର ସମ୍ମୁଖୀନ ହୋଇଥିଲେ। ବିଶେଷକରି ବିମୁଦ୍ରାକରଣ ସମୟରେ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ଉଦ୍ୟୋଗ (ଏମ୍‌ଏସ୍‌ଏମ୍‌ଇ) କ୍ଷେତ୍ରକୁ ପର୍ଯ୍ୟାପ୍ତ ପରିମାଣର ଋଣ ଯୋଗାଣର ଆବଶ୍ୟକତା ରହିଥିଲେ ହେଁ ଏଥିପାଇଁ ବ୍ୟାଙ୍କମାନଙ୍କ ପକ୍ଷରୁ ଅକ୍ଷମତା ପ୍ରକାଶ ପାଇଥିଲା। ଏହାକୁ ଦୃଷ୍ଟିରେ ରଖି କେନ୍ଦ୍ର ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ ୨୦୧୭ ଅକ୍ଟୋବର ମାସରେ ବ୍ୟାଙ୍କିଙ୍ଗ ଉଦ୍ୟୋଗମାନଙ୍କୁ ଦୁଇ ବର୍ଷ ମଧ୍ୟରେ ୨.୧୧ ଲକ୍ଷ କୋଟି ଟଙ୍କାର ପୁଞ୍ଜି ଯୋଗାଇ ଦେବାକୁ ଘୋଷଣା କରିଥିଲେ। ଏଥିମଧ୍ୟରୁ ୧.୩୫ ଲକ୍ଷ କୋଟି ଟଙ୍କା କେନ୍ଦ୍ର ସରକାର ବଣ୍ଡ୍ ମାଧ୍ୟମରେ ଯୋଗାଇ ଦେବାକୁ ବ୍ୟବସ୍ଥା କରିଥିଲା ବେଳେ ବାକି ୭୮,୦୦୦ କୋଟି ଟଙ୍କା ମଧ୍ୟରୁ ୫୮,୦୦୦ କୋଟି ଟଙ୍କା ବ୍ୟାଙ୍କମାନଙ୍କୁ ମାର୍କେଟରୁ ସଂଗ୍ରହ କରିବାକୁ ସରକାର ଅନୁମତି ଦେଇଥିଲେ। ବାକି ଅର୍ଥ କେନ୍ଦ୍ର ସରକାର ବଜେଟ୍ ମାଧ୍ୟମରେ ବ୍ୟବସ୍ଥା କରିଥିଲେ। ଏହି ବ୍ୟବସ୍ଥା ଅନୁସାରେ ୨୦୧୭-୧୮ ଆର୍ଥିକ ବର୍ଷରେ ବଜେଟ୍‌ରେ ବ୍ୟବସ୍ଥା ସହ ବ୍ୟାଙ୍କମାନଙ୍କୁ ୮୮,୦୦୦ କୋଟି ଟଙ୍କାର ପୁଞ୍ଜି ଯୋଗାଇ ଦିଆଯାଇଥିଲା। ସେହିଭଳି ଏହା ପର ବର୍ଷ ଅର୍ଥାତ୍ ୨୦୧୮-୧୯ ଆର୍ଥିକ ବର୍ଷରେ କେନ୍ଦ୍ର ସରକାର ଆଉ ୬୫,୦୦୦ କୋଟି ଟଙ୍କା ଯୋଗାଇ ଦେଇଥିଲା ବେଳେ ମାର୍କେଟରୁ ବ୍ୟାଙ୍କମାନଙ୍କ ଦ୍ୱାରା ଉଠାଣ ହେବାକୁ ଥିବା ପୁଞ୍ଜି ବ୍ୟବସ୍ଥା ସମ୍ଭବ ହୋଇପାରିନଥିଲା। ଫଳରେ ସରାକରୀ ସୂତ୍ରରେ ପୁଣି ଅତିରିକ୍ତ ଭାବେ ଆଉ ୪୧,୦୦୦ କୋଟି ଟଙ୍କା ଯୋଗାଇ ଦିଆଯାଇଥିଲା। ବ୍ୟାଙ୍କମାନଙ୍କ କାର୍ଯ୍ୟକାରୀ ପୁଞ୍ଜି ବ୍ୟବସ୍ଥାକୁ ନେଇ ଭାରତୀୟ ରିଜର୍ଭ ବ୍ୟାଙ୍କର ‘ପ୍ରମ୍ପଟ୍ କରେକ୍ଟିଭ୍ ଆକ୍ସନ୍(ପିସିଏ)’ ଭଳି ନିୟାମକ ବ୍ୟବସ୍ଥା ପୂରଣ କରିବାରେ ଅନେକ ବ୍ୟାଙ୍କ ଅସମର୍ଥ ହେବାରୁ କେନ୍ଦ୍ର ସରକାର ବାଧ୍ୟ ହୋଇ ଏହି ପରିମାଣର ଅର୍ଥ ଅତିରିକ୍ତ ଭାବେ ବ୍ୟବସ୍ଥା କରିଥିଲେ। ଅନ୍ୟପକ୍ଷରେ କେତେକ ପ୍ରମୁଖ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଇତିମଧ୍ୟରେ ସେମାନଙ୍କ ଅନାଦାୟ ଋଣ ରାଶିର ଅଧିକାଂଶ ଭାଗ ଆଦାୟ କରିବାକୁ ସମର୍ଥ ହୋଇଥିଲା ବେଳେ ୨୦୧୯-୨୦ ଆର୍ଥିକ ବର୍ଷରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଆଉ ପୁଞ୍ଜି ଯୋଗାଇ ନଦେବାକୁ ବିଚାର କରାଯାଉଥିବା କୁହାଯାଇଛି। ୨୦୧୮-୧୯ ଆର୍ଥିକ ବର୍ଷର ପ୍ରଥମ ତିନୋଟି ତ୍ରୈମାସିକରେ ବିଭିନ୍ନ ବ୍ୟାଙ୍କ ପକ୍ଷରୁ ମୋଟ ୯୮,୦୦୦ କୋଟି ଟଙ୍କା ଆଦାୟ କରାଯାଇଥିବା କୁହାଯାଇଛି।

## ଆମେରିକା ଭିସା ଥିବା ଭାରତୀୟ କରିପାରିବେ ଭିସାମୁକ୍ତ ଚିଲି ଯାତ୍ରା

**ନୂଆଦିଲ୍ଲୀ :** ରାଷ୍ଟ୍ରପତି ରାମନାଥ କୋବିନ୍ଦ ତାଙ୍କ ଚିଲି ଗସ୍ତ କ୍ରମରେ ଦୁଇ ଦେଶ ମଧ୍ୟରେ ଏକ ପ୍ରତିନିଧି ଦଳକୁ ସମ୍ବୋଧନ କରିଥିଲେ। ନିଜ ବକ୍ତବ୍ୟରେ ସେ କହିଥିଲେ, “ଲାଟିନ ଆମେରିକା ଅଞ୍ଚଳରେ ଚିଲି ହେଉଛି ଭାରତର ପଞ୍ଚମ ସର୍ବବୃହତ ବ୍ୟବସାୟିକ ଅଂଶୀଦାର। ଚିଲିରୁ ଭାରତକୁ ଆମଦାନୀ ହେଉଥିବା ଉତ୍ପାଦ ମଧ୍ୟରେ ତମ୍ବାର ପରିମାଣ ହେଉଛି ଶତକଡା ୮୫ ପ୍ରତିଶତରୁ ଅଧିକ। ଏହି ବ୍ୟବସାୟକୁ ଅଧିକ ସୁଦୃଢ଼ କରିବା ଲାଗି ଆମକୁ ଏଥିରେ ବିବିଧତା ଆଣିବାକୁ ପଡିବ।” ଉଭୟ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କକୁ ଅଧିକ ମଜଭୁତ କରିବା ଲାଗି ଚିଲି ପକ୍ଷରୁ ଆମେରିକା ଭିସା ଥିବା ଭାରତୀୟଙ୍କୁ ବିନା ଭିସାରେ ଚିଲି ଯାତ୍ରା କରିବା ପାଇଁ ଅନୁମତି ପ୍ରଦାନ କରାଯିବ। ଚିଲିର ଏହି ନିଷ୍ପତ୍ତିକୁ ସ୍ୱାଗତ କରି ରାଷ୍ଟ୍ରପତି କହିଥିଲେ ଯେ ଏହା ଦ୍ୱାରା ଉଭୟ ଦେଶ ମଧ୍ୟରେ ସାଂସ୍କୃତିକ ଏବଂ ବ୍ୟବସାୟିକ ସମ୍ପର୍କ ବୃଦ୍ଧି ପାଇବ। ପୁଲଓ୍ୱାମା ସନ୍ତ୍ରାସବାଦ ଆକ୍ରମଣକୁ ଦୃଢ଼ ନିନ୍ଦା କରିଥିବାରୁ ରାଷ୍ଟ୍ରପତି ମଧ୍ୟ ଚିଲିକୁ ପ୍ରଶଂସା କରିଥିଲେ। ସନ୍ତ୍ରାସବାଦକୁ ସମୂଳେ ବିନାଶ କରିବା ପାଇଁ ଉଭୟ ଦେଶ ମିଳିତ ଭାବେ କାର୍ଯ୍ୟ କରିବା ପାଇଁ ରାଜି ହୋଇଥିଲେ। ମେକ ଇନ ଇଣ୍ଡିଆ ଅନ୍ତର୍ଗତ ଯୁଗ୍ମ ଭାବେ ପ୍ରତିରକ୍ଷା ଉପକରଣ ନିର୍ମାଣ କରିବା ନେଇ ସୁଯୋଗ ଅନ୍ୱେଷଣ କରିବାକୁ ମଧ୍ୟ ଉଭୟ ଦେଶ ରାଜି ହୋଇଥିଲେ। ପରେ ଉଭୟ ଦେଶର ରାଷ୍ଟ୍ରପତି ଖଣି, ସଂସ୍କୃତି ଏବଂ ଭିନ୍ନକ୍ଷମଙ୍କ ବିକାଶ କ୍ଷେତ୍ରରେ ତିନୋଟି ବୁଝାମଣା ପତ୍ରରେ ସ୍ୱାକ୍ଷର କରିଥିଲେ। ଏହାପରେ ରାଷ୍ଟ୍ରପତି ସାଣ୍ଟିଆଗୋଠାରେ ଭାରତ-ଚିଲି ବ୍ୟାବସାୟିକ ମଂଚକୁ ସମ୍ବୋଧନ କରିଥିଲେ। ଚିଲିର ସାର୍ବଭୌମ ଅନୁଦାନ ପାଣ୍ଠିରୁ ଭାରତର ଭିତିଭୂମି କ୍ଷେତ୍ରରେ ପୁଞ୍ଜିନିବେଶ କରିବା ପାଇଁ ରାଷ୍ଟ୍ରପତି ଆମନ୍ତ୍ରଣ କରିଥିଲେ। ଚିଲି ଗସ୍ତର ଶେଷ କାର୍ଯ୍ୟକ୍ରମ ଭାବେ ରାଷ୍ଟ୍ରପତି ‘ଯୁବଗୋଷ୍ଠୀଙ୍କ ପାଇଁ ଗାନ୍ଧୀ’ ଶୀର୍ଷକରେ ଚିଲି ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ଉଦବୋଧନ ଦେଇଥିଲେ। ଚିଲି ଗସ୍ତ ପରେ ଭାରତକୁ ଫେରିବା ପୂର୍ବରୁ ରାଷ୍ଟ୍ରପତି କେପଟାଉନ ଯାତ୍ରା କରିବେ। ସେଠାରେ ସେ ଭାରତୀୟ ସମ୍ପ୍ରଦାୟଙ୍କୁ ସମ୍ବୋଧନ କରିବାର କାର୍ଯ୍ୟକ୍ରମ ରହିଛି।

# କଂଗ୍ରେସର ନିଶ୍ଚିତ ବାର୍ଷିକ ଆୟ ନିଯୁକ୍ତି ପ୍ରତିଶ୍ରୁତି

**ନୂଆଦିଲ୍ଲୀ :** ଲୋକସଭା ନିର୍ବାଚନ ପାଇଁ କଂଗ୍ରେସ ନିର୍ବାଚନୀ ଇସ୍ତାହାର ପ୍ରକାଶ କରିଛି। ଏଥିରେ ସବୁ ବର୍ଗର ଲୋକଙ୍କ ପାଇଁ ଦଳ ବହୁ ଲୋଭନୀୟ ପ୍ରତିଶ୍ରୁତି ଦେଇଛି। ୫୫ ପୃଷ୍ଠା ବିଶିଷ୍ଟ ଏହି ଇସ୍ତାହାରରେ କର୍ମନିଯୁକ୍ତି, ଚାଷୀଙ୍କ ପାଇଁ ସ୍ୱତନ୍ତ୍ର ବଜେଟ, ଗରିବୀ ଦୂରୀକରଣ, ମହିଳାଙ୍କ ସୁରକ୍ଷା, ଗ୍ରାମ୍ୟ ଅର୍ଥନୀତିକୁ ପ୍ରୋତ୍ସାହନ ଓ ଜିଏସ୍‌ଟି ବ୍ୟବସ୍ଥାର ସରଳୀକରଣ ପ୍ରତି ଗୁରୁତ୍ୱ ଆରୋପ କରାଯାଇଛି। ଏପରିକି ଦଳ କ୍ଷମତାକୁ ଆସିଲେ ୨୨ ଲକ୍ଷ ସରକାରୀ ପଦବୀ ପୂରଣ କରିବ ବୋଲି ପ୍ରତିଶ୍ରୁତି ଦେଇଛି। ଏହି ଇସ୍ତାହାର ଦେଶବାସୀଙ୍କ ଆଶା ଓ ଆକାଂକ୍ଷା ବୋଲି କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ କହିଛନ୍ତି। ନିର୍ବାଚନ ଇସ୍ତାହାର ଉନ୍ମୋଚନ କରିବା ଅବସରରେ ରାହୁଲ କହିଥିଲେ ଯେ କଂଗ୍ରେସ ରୁଦ୍ଧ କୋଠରୀରେ ବସି ଏହାକୁ ପ୍ରସ୍ତୁତ କରିନାହିଁ। ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂହ, ପୂର୍ବତନ ଅର୍ଥମନ୍ତ୍ରୀ ପି ଚିଦାମ୍ବରମ, ରିଜର୍ଭ ବ୍ୟାଙ୍କ୍‌ର ପୂର୍ବତନ ଗଭର୍ଣ୍ଣର ରଘୁରାମ ରାଜନଙ୍କ ଭଳି ଅଭିଜ୍ଞ ଅର୍ଥନୀତିଜ୍ଞ ଓ ସାଧାରଣ ଜନତାଙ୍କ ସହିତ ଖୋଲା ଆଲୋଚନା କରି ସବୁ ବର୍ଗର ଲୋକଙ୍କ ପାଇଁ ଲୋକାଭିମୁଖୀ ଇସ୍ତାହାର ପ୍ରସ୍ତୁତ କରାଯାଇଛି। କଂଗ୍ରେସ କ୍ଷମତାକୁ ଆସିଲେ ନ୍ୟୁନତମ ଆୟ ଯୋଜନା (ନ୍ୟାୟ) ଜରିଆରେ ଦେଶରୁ ଗରିବୀ ହଟାଇବା ପାଇଁ ପ୍ରତିଶ୍ରୁତିବଦ୍ଧ ହୋଇଛି। ଏହି ଯୋଜନାରେ ଦେଶର ୫ କୋଟି ଗରିବ ପରିବାରଙ୍କୁ ବାର୍ଷିକ ୭୨ ହଜାର ଟଙ୍କା ଲେଖାଏଁ ପ୍ରଦାନ କରିବ। ଖାଲି ପଡ଼ିଥିବା ୨୨ ଲକ୍ଷ ସରକାରୀ ପଦକୁ ପୂରଣ କରିବା ସହ ଯୁବବର୍ଗଙ୍କ ପାଇଁ ଉଭୟ ସରକାରୀ ଓ ବେସରକାରୀ ପ୍ରତିଷ୍ଠାନରେ ୩୪ ଲକ୍ଷ କର୍ମ ନିଯୁକ୍ତି ଦେବ। ଏହା ସହିତ ୧୦ ଲକ୍ଷ ନୂଆ ସେବାମିତ୍ରଙ୍କୁ ପ୍ରତ୍ୟେକ ଗ୍ରାମପଞ୍ଚାୟତ ଓ ସହରାଞ୍ଚଳରେ ନିଯୁକ୍ତି ଦିଆଯିବ। ସେହିଭଳି କୃଷକଙ୍କ ପାଇଁ ‘କର୍ଜମାଫି’ (ଋଣଛାଡ଼) ଓ ‘କର୍ଜମୁକ୍ତି’ ଯୋଜନା ଲାଗୁ କରିବାର ବନ୍ଦୋବସ୍ତ ହୋଇଛି। କୃଷକଙ୍କ ଉନ୍ନତି ପାଇଁ ପ୍ରତିବର୍ଷ ସ୍ୱତନ୍ତ୍ର ‘କିଷାନ ବଜେଟ୍’ ବ୍ୟବସ୍ଥା, ସମସ୍ତଙ୍କ ପାଇଁ ସ୍ୱାସ୍ଥ୍ୟ ଯୋଜନାରେ ଦେଶର ପ୍ରତ୍ୟେକ ନାଗରିକଙ୍କୁ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା, ମାଗଣା ଔଷଧ ବିତରଣ ଓ ଡାକ୍ତରୀ ସେବା ପ୍ରଦାନ ପାଇଁ ବ୍ୟବସ୍ଥା ରହିଛି। ବ୍ୟବସାୟୀଙ୍କ ପାଇଁ ପରିବର୍ତ୍ତିତ ଏକକ ଜିଏସ୍‌ଟି ବ୍ୟବସ୍ଥା ଲାଗୁ ଉପରେ ଗୁରୁତ୍ୱାରୋପ କରାଯାଇଛି। ଏହା ବ୍ୟତୀତ ସେନା ଓ ଅର୍ଦ୍ଧ ସାମରିକ ବାହିନୀ ପାଇଁ ବଜେଟ୍‌ରେ ଅଧିକ ପାଉଣ୍ଡି ବ୍ୟବସ୍ଥା ରଖିବାକୁ ପ୍ରତିଶ୍ରୁତି ଦିଆଯାଇଛି। ପ୍ରତ୍ୟେକ ଶିଶୁକୁ ଉଚ୍ଚ ମାନର ଶିକ୍ଷା ପ୍ରଦାନର ବ୍ୟବସ୍ଥା କରାଯାଇଛି।




ସରକାରୀ ସ୍କୁଲରେ ପ୍ରଥମ ଶ୍ରେଣୀରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ମାଗଣା ଶିକ୍ଷା ବ୍ୟବସ୍ଥାର ବନ୍ଦୋବସ୍ତ କରାଯିବ। ଶିକ୍ଷା ବଜେଟ୍‌ରେ ଜିଡିପିର ୬% ବିନିଯୋଗ ଉପରେ ଗୁରୁତ୍ୱ ଦିଆଯାଇଛି। ଲୋକସଭା ଓ ରାଜ୍ୟ ବିଧାନସଭାରେ ମହିଳାଙ୍କ ପାଇଁ ୩୩% ଆସନ ସଂରକ୍ଷଣ ସହ କେନ୍ଦ୍ର ସରକାରଙ୍କ ବିଭିନ୍ନ ବିଭାଗରେ ମହିଳାଙ୍କ ନିଯୁକ୍ତି କ୍ଷେତ୍ରରେ ୩୩% ସ୍ଥାନ ସଂରକ୍ଷଣ ବ୍ୟବସ୍ଥା କରିବାକୁ କଂଗ୍ରେସ ପ୍ରତିଶ୍ରୁତିବଦ୍ଧ ହୋଇଛି। କଂଗ୍ରେସ ବନ ଅଧିକାର ଅଧିନିୟମ ୨୦୦୬ ଲାଗୁ କରିବା ସହ ବନବାସୀଙ୍କୁ ନ୍ୟାୟ ପ୍ରଦାନ କରିବ। ବାସହୀନ ଲୋକଙ୍କୁ ଗୃହ ଅଧିକାର ଅଧିନିୟମ ଜରିଆରେ ଜମି ଯୋଗାଇବାକୁ ପ୍ରତିଶ୍ରୁତି ଦିଆଯାଇଛି। ଦେଶରେ ବୃଦ୍ଧି ପାଉଥିବା ଦଳିତଙ୍କ ପ୍ରତି ଅତ୍ୟାଚାର ଲୋପ ଉପରେ କଂଗ୍ରେସ ପ୍ରତିଶ୍ରୁତିବଦ୍ଧ ହୋଇଛି। ଗୋପନୀୟତା ଉପରେ ଏକ ଆଇନ ପ୍ରଣୟନ କରି ଆଧାର ଅଧିନିୟମର ମୂଳ ଉଦ୍ଦେଶ୍ୟ ପାଇଁ ପ୍ରତିବନ୍ଧକ ଲଗାଇବାକୁ ରାହୁଲ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଏହା ସହିତ ରାଷ୍ଟ୍ରୀୟ ସ୍ୱଚ୍ଛ ବାୟୁ କାର୍ଯ୍ୟକ୍ରମ ଜରିଆରେ ବାୟୁ ପ୍ରଦୂଷଣ ମାତ୍ରା କମାଇବ କଂଗ୍ରେସ। ଆର୍‌ବିଆଇ, ସିବିଆଇ, ଇସିଆଇ, ସିଆଇସି ଇତ୍ୟାଦି ସଂସ୍ଥାଗୁଡ଼ିକୁ ଅଧିକାର ଓ ସ୍ୱରାଜ ଦେବାକୁ ରାହୁଲ ପ୍ରତିଶ୍ରୁତିବଦ୍ଧ ହୋଇଛନ୍ତି। ସମଗ୍ର ଜମ୍ମୁ ଓ କଶ୍ମୀର ଦେଶର ଅଂଶବିଶେଷ ବୋଲି କଂଗ୍ରେସ ସ୍ୱୀକାର କରେ। ତେବେ ଏହାର ମିଶ୍ରଣ ବେଳେ ଭାରତୀୟ ସମ୍ବିଧାନର ୩୭୦ ଧାରା ଅନୁଯାୟୀ ଏହାକୁ ମିଳିଥିବା ସ୍ୱତନ୍ତ୍ର ମାନ୍ୟତାରେ ପରିବର୍ତ୍ତନ କରାଯିବ ନାହିଁ। ଦେଶର ସୁରକ୍ଷା ଓ ମାନବିକ ଅଧିକାର ରକ୍ଷାପାଇଁ ଏହି ରାଜ୍ୟରେ ରହିଥିବା ସଶସ୍ତ୍ର ସେନା(ସ୍ୱତନ୍ତ୍ର କ୍ଷମତା) ଆଇନ ଓ ଅଶାନ୍ତ ଅଞ୍ଚଳ ଆଇନକୁ ସମୀକ୍ଷା କରାଯିବ। ଭାରତୀୟ ପିଙ୍ଗଳ କୋଡରେ ଥିବା ଦେଶଦ୍ରୋହ ସମ୍ପର୍କିତ ୧୨୪(କ)ଧାରାର ଅପବ୍ୟବହାର ହେଉଥିବାରୁ ଏହାକୁ ଉଚ୍ଛେଦ କରାଯିବ। ଦେଶର ଉତ୍ତର-ପୂର୍ବାଞ୍ଚଳରେ ଲୋକଙ୍କ ଇଚ୍ଛା ବିରୋଧରେ ବିଜେପି ଦ୍ୱାରା ଅନୁସୃତ ନାଗରିତ୍ୱ ସଂଶୋଧନ ବିଲ୍‌କୁ ତୁରନ୍ତ ପ୍ରତ୍ୟାହାର କରାଯିବ ବୋଲି ଇସ୍ତାହାରରେ ଉଲ୍ଲେଖ କରାଯାଇଛି। ଏହି ଇସ୍ତାହାରକୁ କଂଗ୍ରେସ ସଭାପତି ରାହୁଲ ଗାନ୍ଧୀ, ୟୁପିଏ ଅଧ୍ୟକ୍ଷ ସୋନିଆ ଗାନ୍ଧୀ, ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂହ, ପୂର୍ବତନ ଅର୍ଥମନ୍ତ୍ରୀ ପି ଚିଦାମ୍ବରମ ପ୍ରମୁଖ ଉନ୍ମୋଚନ କରିଥିଲେ। କଂଗ୍ରେସର ଇସ୍ତାହାର ଜଣଙ୍କ ‘ମନ୍ କି ବାତ୍’ ନୁହେଁ, ଏହା କୋଟି କୋଟି ଲୋକଙ୍କ ମିଳିତ ସ୍ୱର ‘ଜନ୍ ଆଓ୍ୱାଜ’। ଏହି ଇସ୍ତାହାର ଦେଶବାସୀଙ୍କ ସତ୍ୟ, ସ୍ୱାଧୀନତା, ଆତ୍ମସମ୍ମାନ ଓ ସମୃଦ୍ଧିର ପ୍ରତୀକ ହୋଇଥିବାରୁ ଦେଶକୁ ଶକ୍ତିଶାଳୀ ଓ ଐକ୍ୟବଦ୍ଧ ରଖିବ ବୋଲି ସୋନିଆ କହିଥିଲେ।

# ଚିଟ୍‌ଫଣ୍ଡ ମାନେ ବିଜେଡି, ବିଜେଡି ମାନେ ଚିଟ୍‌ଫଣ୍ଡ: ବିଜେପି

**ଭୁବନେଶ୍ୱର :** ଗରିବ ଲୋକମାନଙ୍କର ଝାଳ ବୁହା ଅର୍ଥକୁ ଲୁଟ କରାଯାଇଥିବା ଚିଟ୍ ଫଣ୍ଡ ଠକେଇର ଅର୍ଥରେ ଶାସକ ବିଜେଡି ଗତ ୨୦୦୯ରେ ନିର୍ବାଚନ ଲଢିଥିଲା । ପୁଣି ୨୦୧୪ ମସିହା ନିର୍ବାଚନ ପୂର୍ବରୁ କର୍ପସ ଫଣ୍ଡ ଗଠନ କରି ଚିଟଫଣ୍ଡ କ୍ଷତିଗ୍ରସ୍ତମାନଙ୍କୁ ଅର୍ଥ ଫେରାଇବାର ଘୋଷଣା କରିଥିଲେ । ୫ ବର୍ଷ ବିତି ଗଲାଣି, ମାତ୍ର କ୍ଷତିଗ୍ରସ୍ତ ହିତାଧିକାରୀଙ୍କୁ ଟଙ୍କାଟିଏ ମଧ୍ୟ ମିଳିଲା ନାହିଁ । ଏପଟେ ଯେତେ ସବୁ ବିଜୁ ଜନତା ଦଳର ଯେଉଁମାନେ ସାଂସଦ ଓ ବିଧାୟକମାନେ ଚିଟ ଫଣ୍ଡରେ ସାମିଲ ଥିଲେ ସେମାନେ ସମସ୍ତଙ୍କୁ ଏବେ ପୁଣି ନବିନ ବାବୁ ଡାକିଆଣି ଟିକେଟ ଦେଲେ ନିର୍ବାଚନ ଲଢିବାକୁ । ଚିଟଫଣ୍ଡ ମାନେ ବିଜେଡି, ବିଜେଡି ମାନେ ଚିଟଫଣ୍ଡ, ଏକଥା ଆଜି ଓଡିଆ ଲୋକ ମାନଙ୍କ ପାଖରେ ଆଉ ଅବୁଝା ନାହିଁ ବୋଲି ଏକ ସାମ୍ବାଦିକ ସମ୍ମିଳନିରେ କହିଛନ୍ତି ବିଜେପିର ବରିଷ୍ଠ ନେତା ପ୍ରତାପ ଷଡଙ୍ଗୀ । ଶ୍ରୀ ଷଡଙ୍ଗୀ କହିଛନ୍ତି ଯେ କର୍ପସ ଫଣ୍ଡର ଗଠନ କାହିଁକି ହୋଇଥିଲା ? ସାଧାରଣ କରଦାତାଙ୍କ ଟିକସରେ ଗଠିତ କର୍ପସ ଫଣ୍ଡର ଅର୍ଥ କାହାକୁ ମିଳିଲା ? ବର୍ତ୍ତମାନ ସୁଦ୍ଧା କାହିଁକି ପ୍ରଦାନ କରାଯାଇ ପାରିଲା ନାହିଁ ? ରାଜ୍ୟର ପାଖାପାଖି ୨୦ ଲକ୍ଷ ପରିବାର ଚିଟଫଣ୍ଡର ଶୀକାର ହୋଇଛନ୍ତି । କେତେ ଜଣ ଜମାକାରି ଅର୍ଥ ଫେରି ପାଇଲେ ? ୧୩ ଲକ୍ଷ ଜମାକାରୀ କମିଶନଙ୍କ ପାଖରେ ସତ୍ୟପାଠ ପ୍ରଦାନ କରିଥିବା ବେଳେ ସେଥିରୁ ମାତ୍ର ୩ ଲକ୍ଷ ୬୧ ହଜାର ୮୧୭ ଜଣକ୍ଷୁଦ୍ର ଜମାକାରୀଙ୍କୁ ଚିହ୍ନଟ କରାଯାଇଛି । ସବୁଠୁ ଦୁର୍ଭାଗ୍ୟର ବିଷୟ ହେଉଛି ମାତ୍ର ୧୭୦୪ ଜଣ ଜମାକାରୀଙ୍କୁ ଟଙ୍କା ଫେରସ୍ତ ମିଳିଛି । ଏଥିରୁ ସ୍ୱଷ୍ଟ ଜଣାପଡୁଛି କି ରାଜ୍ୟ ସରକାର ଜାଣିଶୁଣି ସମୟ ଗଡାଇ ଲୋକଙ୍କ ମନରୁ ଚିଟଫଣ୍ଡ କେଳେଙ୍କାରୀକୁ ହଜେଇ ଦେବାକୁ ଅପପ୍ରୟାସ କରୁଛନ୍ତି । ଚିଟଫଣ୍ଡ କର୍ପସ ଫଣ୍ଡ ଅର୍ଥ ବଂଟନର ତଥ୍ୟ ସର୍ବସାଧାରଣରେ ପ୍ରକାଶ କରନ୍ତୁ । ଏବେ ବିଜେଡି ୨୦୧୯ ନିର୍ବାଚନରେ ଚିଟଫଣ୍ଡ ଲୁଟରେ ଯେତେ ନେତା ମାନେ ସାମିଲ ଥିଲେ ସେ ସମସ୍ତ ନେତାଙ୍କୁ ପୁଣି ଥରେ ଟିକେଟ ଦେଇଛି । ଜଣେ ହେଲେବି ନେତାମାନଙ୍କର ଟିକେଟ ନବିନ ବାବୁ କାଟିଲେ ନାହିଁ । ନବିନ ବାବୁ ଏକଥା ପ୍ରମାଣିତ କରିଛନ୍ତି ଯେ ସେ ଚିଟ ଫଣ୍ଡ ଲୁଟ କରିଥିବା ନେତାମାନଙ୍କ ସହ ଥିଲେ ଓ ଅଛନ୍ତି ବୋଲି ପ୍ରତାପ କହିଛନ୍ତି । ବାଲେଶ୍ୱର ସାଂସଦ ରବିନ୍ଦ୍ର ଜେନା ଚିଠ୍‌ଫଣ୍ଡ ଠକେଇରେ ସଂପୃକ୍ତ ଥିବା ବେଳେ ଏବେ ବେଲ୍‌ରେ ଅଛନ୍ତି । ସେ କିନ୍ତୁ ଏବେ ବାଲେଶ୍ୱର ଜିଲ୍ଲାରେ ସବୁଠି



ବଡ ବଡ ହୋଡିଂ ଲଗାଇ ନିଜକୁ ଶ୍ରେଷ୍ଠ ସାସଂଦ ବୋଲି ପ୍ରଚାର କରୁଛନ୍ତି । ସିସୋର୍ ଗ୍ରୁପ୍‌ର ୧୮ କୋଟି ଟଙ୍କାର ଠକେଇ ଅଭିଯୋଗରେ ଜାନୁଆରୀ ୧୫ ତାରିଖ ୨୦୧୫ ମସିହାରେ ସିବିଆଇ ତାଙ୍କୁ ୬ ଘଟାଂ ଜେରା କରିଥିଲା । ତାଙ୍କ ଘରକୁ ମଧ ଜାନୁଆରୀ ୧୨ ତାରିଖ ୨୦୧୭ ମସିହାରେ ରେଡ୍ କରାଯାଇଥିଲା । ସେତେବେଳେ ସେ ଗିରଫ ଭୟରେ ଆତ୍ମଗୋପନ ହୋଇଯାଇଥିଲେ । ଜିଲ୍ଲା ପରିଷଦ ନିର୍ବାଚନରେ ତାଙ୍କୁ ବାଲେଶ୍ୱରବାସୀ ଦେଖିବାକୁ ପାଇନଥିଲେ । ସାଂସଦ ରବିନ୍ଦ୍ର ଜେନା ଜଣେ ବାଲେଶ୍ୱର ଇସ୍ପାତ ଅଲୟସ୍‌ର ଜଣେ ସାଧାରଣ କର୍ମଚାରୀ ଥିବାବେଳେ କିଭଳି ଭାବେ ତାହାର ସିଇଓ ହୋଇଗଲେ ଏବଂ ପରବର୍ତ୍ତୀ ସମୟରେ ୨୦୧୧ ମସିହାରେ ତାହାର ଏମ୍‌ଡି ହୋଇଥିଲେ । ସେ ଏବେ ଓଡିଶାର ସବୁଠୁ ବଡ ଧନୀ ସାଂସଦ ଭାବରେ ପରିଚିତ । ସେ ରାତାରାତି ଧନୀ କିପରି ହେଲେ ଓ ତାହାର ସୂତ୍ର ଓଡିଶାବାସୀଙ୍କୁ ଅବଗତ କରାନ୍ତୁ ବୋଲି ପ୍ରତାପ ପ୍ରଶ୍ନ କରିଛନ୍ତି । ଶ୍ରୀ ଷଡଙ୍ଗି କହିଛନ୍ତି ଯେ ନବିନ ବାବୁ ବିଜେଡିର ପୁର୍ବତନ ମନ୍ତ୍ରୀ ସଂଜୟ ଦାଶବର୍ମାଙ୍କୁ ଟିକେଟ ଦେଇଛନ୍ତି । ଚିଟଫଣ୍ଡ କମ୍ପାନୀର ଅର୍ଥକୁ ସଂଜୟଙ୍କ ପରିବାର ମାଲିକାନାରେ ଥିବା ପାଂଚୋଟି କମ୍ପାନିରେ ବିନିଯୋଗ କରାଯାଇଛି । ଅର୍ଥ ତତ୍ୱ ପଇସାରେ ଦୁଇଟି ପାଜେରୋ କିଣିଥିଲେ ଦାଶବର୍ମା । ସେହିପରି ବିଜେଡିର ପୁର୍ବତନ ମନ୍ତ୍ରୀ ଦେବୀ ମିଶ୍ରଙ୍କର ଅତ୍ୟନ୍ତ ଏକାନ୍ତ ତଥା ବ୍ୟକ୍ତିଗତ ସହାୟକ ପ୍ରଫୁଲ୍ଲ ସିଂଙ୍କୁ ସି ସୋର ଚିଟ ଫଣ୍ଡ ଠକେଇ ସମ୍ପୃକ୍ତରେ ସିବିଆଇ ଜେରା କରିଥିଲା । ଦେବୀ ମିଶ୍ର ପର୍ଯ୍ୟଟନ ମନ୍ତ୍ରୀ ଥିବା ବେଳେ ସିସୋର ଗ୍ରୁପ କମ୍ପାନି ସହ ରାଜ୍ୟ ସରକାର ଅନେକ ପର୍ଯ୍ୟଟନ ପ୍ରକଳ୍ପ ପାଇଁ ବୁଝାମଣା ପତ୍ର ସ୍ୱାକ୍ଷର କରିଥୀଲେ । ବରଗଡ ସାଂସଦ ଆସନ ପାଇଁ ବିଜେଡି ଟିକେଟରେ ଲଢୁଥିବା ପ୍ରସନ୍ନ ଆଚାର୍ଯ୍ୟ ଗ୍ରିନରେ ଚିଟଫଣ୍ଡ କମ୍ପାନୀର ବାଲେଶ୍ୱରରେ ଥିବା ମେଡିସିନ କାରଖାନାକୁ ୨୦୦୧ ମସିହାରେ ଉଦଘାଟନ କରିଥିଲେ । ମେଡିସିନ ନାଁରେ ସେହି ସଂସ୍ଥା ବାଲେଶ୍ୱରରେ ନିଶା ଔଷଧ ତିଆରି କରୁଥିଲା । ପ୍ରସନ୍ନ ଆଚାର୍ଯ୍ୟ ସ୍ୱାସ୍ଥ୍ୟ ମନ୍ତ୍ରୀ ଥିବାବେଳେ ସିସୋରକୁ ସରକାରୀ ଡାକ୍ତରଖାନା ବି ଚଲାଇବାର ଠିକା ଦିଆଯାଇଥିଲା । ପ୍ରଭାତ ତ୍ରିପାଠି ଓ ପ୍ରଭାତ ବିଶ୍ୱାଳ ଏହି ଦୁଇ ଜଣ ଚିଟ ଫଣ୍ଡ ଠକେଇରେ ଗିରଫ ହୋଇଥିଲେ । ଏବେ ସେମାନଙ୍କର ପୁଅ ମାନଙ୍କୁ ଟିକେଟ ଦିଆଯାଇଛି । ଚିଟଫଣ୍ଡ ମାମଲାରେ ତଦନ୍ତ କରୁଥିବା ସିବିଆଇ ନବୀନ ନିବାସର ଦ୍ୱାର ଖଟ୍ ଖଟ୍ କରିଛି । ନବୀନଙ୍କ ଅତି ଘନିଷ୍ଠ ନବୀନ ନିବାସର କର୍ମଚାରୀ ସରୋଜ ସାହୁ ଜଣଙ୍କ କିଏ ଏହାର ଜବାବ କଣ ପାଇଁ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ ଦେଇପାରୁନାହାନ୍ତି । ସରୋଜଙ୍କ ସ୍ୱାକ୍ଷରରେ ନେତାଙ୍କୁ ଟିକେଟ ଦିଆଯାଉଥିଲା, ଦଳରେ ନିଆଯାଉଥିଲା ଓ ବହିଷ୍କାର କରାଯାଉଥିଲା । ନବୀନଙ୍କ ଭାରପ୍ରାପ୍ତ ସ୍ୱାକ୍ଷରକାରୀ ରହିଥିଲେ ସରୋଜ । ସରୋଜ ସାହୁ ହେଉଛନ୍ତି ଛୋଟ ଦାନବ ତାହେଲେ ବଡ ଦାନବ କିଏ ଏକଥା ମୁଖ୍ୟମନ୍ତ୍ରୀ ସ୍ୱଷ୍ଟ କରନ୍ତୁ ବୋଲି ପ୍ରତାପ କହିଛନ୍ତି ।

## ମେ'ରେ ପ୍ରକାଶ ପାଇବ ମାଟ୍ରିକ୍ ରେଜଲ୍ଟ

**ଭୁବନେଶ୍ୱର :** ଚଳିତ ବର୍ଷର ମାଟ୍ରିକ ପରୀକ୍ଷା ଖାତା ଦେଖା ସରିଛି । ତ୍ରୁଟିଶୂନ୍ୟ ମୂଲ୍ୟାୟନ କରାଯାଇଛି ବୋଲି ବୋର୍ଡ୍‌ର ସମ୍ପାଦକ ରାମାଶିଷ ହାଜରା ସୂଚନା ଦେଇଛନ୍ତି । ମେ ମାସରେ ଏହି ଫଳ ପ୍ରକାଶ ପାଇବ ବୋଲି ସେ କହିଛନ୍ତି । ସୂଚନାଯୋଗ୍ୟ ଯେ ଚଳିତବର୍ଷ ୫ ଲକ୍ଷ ୮୭ ହଜାର ଛାତ୍ରଛାତ୍ରୀ ମ୍ୟାଟ୍ରିକ୍ ପରୀକ୍ଷା ଦେଇଛନ୍ତି । ପରୀକ୍ଷାର ପ୍ରଥମ ଦିନରେ ମାତୃଭାଷା ଓଡ଼ିଆ ପରୀକ୍ଷ ଆରମ୍ଭ ହେବାର କିଛି ସମୟ ପରେ ସୋସିଆଲ୍ ମିଡିଆରେ ପ୍ରଶ୍ନପତ୍ର ଘୁରି ବୁଲୁଥିଲା । ତା'ପରେ ଇଂରାଜୀ, ଗଣିତ ପ୍ରଶ୍ନପତ୍ର ମଧ୍ୟ ଭାଇରାଲ୍ ହୋଇଥିଲା ।

## ବଂଶଧାରା ବିବାଦର ପରବର୍ତ୍ତୀ ଶୁଣାଣି ଜୁଲାଇ ୮ରେ

**ଭୁବନେଶ୍ୱର :** ବିବାଦୀୟ ବଂଶଧାରା ପ୍ରକଳ୍ପ ଉପରେ ଟ୍ରିବ୍ୟୁନାଲରେ ଆରମ୍ଭ ହୋଇଥିବା ୩ ଦିନିଆ ଶୁଣାଣୀ ଶୁକ୍ରବାର ଶେଷ ହୋଇଛି । ଆସନ୍ତା ଜୁଲାଇ୮ ତାରିଖରେ ପୁନର୍ବାର ଶୁଣାଣୀ କରାଯିବ । ନେରେଡି ପ୍ରକଳ୍ପ ଦ୍ୱାରା ଯେଉଁ ଅଂଚଳ କ୍ଷତିଗ୍ରସ୍ତ ହେବାକୁ ଯାଉଛି ତାହା ଉପରେ ମିଳିତ ସର୍ଭେ କରିବାପାଇଁ ଉଭୟ ରାଜ୍ୟ ଓଡିଶା ଓ ଆନ୍ଧ୍ର ସହମତି ପ୍ରକାଶ କରିଛନ୍ତି ।

## ଖୋର୍ଦ୍ଧାରେ ଗଡିଲା ଭୋଟର ସଚେତନତା ରଥ



**ଖୋରଧା :** ଆଗାମୀ ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ଭୋର୍ଟରମାନଙ୍କୁ ସଚେତନତା କରାଇବା ଉଦ୍ଦେଶ୍ୟରେ ଭୋଟର ସଚେତନତା ରଥକୁ ପତାକା ଦେଖାଇ ଖୋର୍ଦ୍ଧା ଉପଜିଲ୍ଲାପାଳ ସରୋଜ କୁମାର ସାହୁ ଶୁଭ ଉଦ୍‌ଘାଟନ କରିଥିଲେ । ଏ ସମ୍ପର୍କରେ ଏକ ପଥପ୍ରାନ୍ତ ନାଟକ କଳାକାରମାନଙ୍କ ଦ୍ୱାରା ପ୍ରଦର୍ଶିତ ହୋଇଥିଲା । ଆଗାମୀ ସାଧାରଣ ନିର୍ବାଚନରେ କୌଣସି ଭୋଟର ଯେପରି ନିଜର ମତଦାନ ଅଧିକାରରୁ ବଞ୍ଚିତ ନ ହେବେ ସେହି ଉଦ୍ଦେଶ୍ୟରେ ଏହି ସଚେତନତା ରଥଟି ନିର୍ବାଚନ ପର୍ଯ୍ୟନ୍ତ ଜିଲ୍ଲାର ବିଭିନ୍ନ ସ୍ଥାନରେ ବୁଲିବା ସହିତ ପଥପ୍ରାନ୍ତ ନାଟକ ମଧ୍ୟରେ ଜନସାଧାରଣଙ୍କ ମନରେ ସଚେତନତା କରାଯିବ ବୋଲି ଉପଜିଲ୍ଲାପାଳ ପ୍ରକାଶ କରିବା ସହିତ ଭିନ୍ନକ୍ଷମ ,ବୟସ୍କ ବ୍ୟକ୍ତିମାନଙ୍କ ନିମନ୍ତେ ସରକାରଙ୍କ ତରଫରୁ ମତଦାନ ନିମନ୍ତେ ସମସ୍ତ ପ୍ରକାର ସୁବିଧା କରାଯାଇଛି ବୋଲି ପ୍ରକାଶ କରିଥିଲେ । ଆଜିର ଏହି ଭୋଟର ସଚେତନତା କାର୍ଯ୍ୟକ୍ରମରେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ତଥା ଗଣମାଧ୍ୟମର ପ୍ରତିନିଧିମାନେ ଉପସ୍ଥିତ ଥିଲେ ।

## ଚିଟ୍‌ଫଣ୍ଡ ସଂସ୍ଥାକୁ କମିଶନଙ୍କ ନୋଟିସ

**କଟକ :** ଜଷ୍ଟିସ୍ ମଦନ ମୋହନ ଦାସ କମିଶନ ଏକାଧିକ ଚିଟ୍‌ଫଣ୍ଡ ସଂସ୍ଥାକୁ ନୋଟିସ୍ ଜାରି କରିଛନ୍ତି । କମିଶନ ସଂପୃକ୍ତ ଚିଟ୍‌ଫଣ୍ଡ ସଂସ୍ଥାଗୁଡ଼ିକୁ ସେମାନଙ୍କ ସଂସ୍ଥାରେ ଜମା ରଖିଥିବା ଜମାକାରୀ ଓ ଜମାଟଙ୍କା ସମ୍ପର୍କରେ ସତ୍ୟପାଠ ମାଧ୍ୟମରେ ତଥ୍ୟ ରଖିବାକୁ କହିଛନ୍ତି । କମିଶନ ଆଲିଆନ୍ସ ସ୍ମାର୍ଟ ଇନଫ୍ରାଷ୍ଟ୍ରକ୍‌ଚର୍ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ କଳିଙ୍ଗ କେଶରୀ ରଥ, ନିର୍ଦ୍ଦେଶକ ସୁକୁରାମ ଓରାମ, ଅଜୟ କୁମାର କେର୍‌କେଟା ପ୍ରମୁଖଙ୍କୁ ନୋଟିସ୍ ଜାରି କରିଛନ୍ତି । ସେହିପରି ସନ୍‌ରେ ଆଡ୍‌ଭାଇଜର୍ସ ଲିମିଟେଡ୍/ସନ୍‌ରେ ମଲ୍‌ଟି ଷ୍ଟେଟ୍ ମଲ୍‌ଟି ପର୍ପଜ କୋଅପରେଟିଭ୍ ସୋସାଇଟି ଲିମିଟେଡ୍‌ର ନିର୍ଦ୍ଦେଶକ ଅଙ୍କିତ୍ ଖଣ୍ଡେଲ୍‌ୱାଲ୍, ଗ୍ରୀନ୍ ଆଇ ଟ୍ରେଡିଂ ଏଣ୍ଡ୍ କନ୍‌ସଲ୍‌ଟାନ୍‌ସି ପ୍ରାଇଭେଟ୍ ଲିମିଟେଡ୍‌ର ନିର୍ଦ୍ଦେଶକ ବୈଦ୍ୟନାଥ ମୁର୍ମୁ, ନିର୍ଦ୍ଦେଶକ ଗୌରୀ ଶଙ୍କର ଚୌଧୁରୀ, ପରିଚାଳନା ନିର୍ଦ୍ଦେଶକ ନିବେଦିତା ପାତ୍ରଙ୍କୁ ସତ୍ୟପାଠ ଦେବାକୁ କହିଛନ୍ତି । ଏଏମ୍ ଫଣ୍ଡ୍ ମ୍ୟାନେଜର୍ସ ଲିମିଟେଡ୍/ଏଏମ୍‌ଏଫ୍ ଗୃପ୍ ଅଫ୍ କମ୍ପାନୀଜ୍‌ର ନିର୍ଦ୍ଦେଶକ ଦୀପକ୍ କୁମାର ବେହେରା, ଡ୍ରିମ୍‌ଭ୍ୟୁ ଭ୍ୟାଲି ଇନଫ୍ରା ଇଣ୍ଡିଆ ଲିମିଟେଡ୍‌ର ନିର୍ଦ୍ଦେଶକ ଦେବାଶିଷ ଭଟ୍ଟାଚାର୍ଯ୍ୟଙ୍କୁ ଜମାକାରୀଙ୍କ ସମ୍ପର୍କରେ ତଥ୍ୟ ଦେବାକୁ କମିଶନ ନିର୍ଦ୍ଦେଶ ଦେଇଛନ୍ତି । ଅନ୍ୟପକ୍ଷରେ ପିଏସିଏଲ୍ ଇଣ୍ଡିଆ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ ସୁଖ୍‌ଦେବ୍ ସିଂ, ନିର୍ଦ୍ଦେଶକ ଗୁର୍‌ଜନ୍ତ ସିଂ, ନିଉ ଲାଇଫ୍ ଇନ୍‌ଫ୍ରା ପ୍ରପର୍ଟିଜ୍ ସଂସ୍ଥାର ନିର୍ଦ୍ଦେଶକ ଶରତ କୁମାର ନାୟକଙ୍କୁ ମଧ୍ୟ କମିଶନ ନୋଟିସ୍ ଦେଇଛନ୍ତି ।

## 'ସମସ୍ତ ବାମପନ୍ଥୀ ଦଳକୁ ଏକାଠି କରାଯିବ'

**ଭୁବନେଶ୍ୱର :** ଚଳିତ ୨୦୧୯ରେ ଦେଶରେ ହେଉଥିବା ସାଧାରଣ ନିର୍ବାଚନରେ ସର୍ବାଧିକ ଘଟଣା ଘଟିବାକୁ ଯାଉଛି । ଦେଶରେ ସାମ୍ବିଧାନିକ ଗଣତନ୍ତ୍ର ବ୍ୟବସ୍ଥା ରହିବ ନା ଏକଛତ୍ରବାଦ ଶାସନ ଚାଲିବ ତାହା ଏହି ନିର୍ବାଚନରୁ ସ୍ପଷ୍ଟ ହୋଇଯିବ ବୋଲି ଭୁବନେଶ୍ୱର ଲୋକସଭା ଆସନରୁ ପ୍ରତିଦ୍ୱନ୍ଦିତା କରୁଥିବା ସିପିଏମ ପ୍ରାର୍ଥୀ ଜନର୍ଦ୍ଦନ ପତି ପ୍ରକାଶ କରିଛନ୍ତି । ଓଡ଼ିଶାରେ ବିଜେପି-ବିଜେଡ଼ି ଭିତରେ ଅଘୋଷିତ ଏକ ବୁଝାମଣା ହୋଇଛି ଏବଂ ଉଭୟ ଦଳର ଘୋଷିତ ଓ ଅଘୋଷିତ ମିତ୍ରଗୋଷ୍ଠୀଙ୍କୁ ପରାସ୍ତ କରିବାକୁ ପଡ଼ିବ । ଏଥିପାଇଁ ଦେଶରେ ଥିବା ସମସ୍ତ ବାମପନ୍ଥୀ ଦଳକୁ ଏକାଠି କରାଯିବ । ବର୍ତ୍ତମାନ ଉଭୟ କେନ୍ଦ୍ର ଓ ରାଜ୍ୟର ଶାସନ କ୍ଷମତାରେ ଥିବା ବିଜେପି-ବିଜେଡ଼ି ସରକାର ମିଥ୍ୟା ଓ ସତ୍ୟର ଆଶ୍ରୟ ନେଇଥିଲା ବେଳେ ପ୍ରଚାରଧର୍ମୀ ହୋଇଛନ୍ତି । ଦେଶରେ ବେକାରୀ ସଂଖ୍ୟା, ନାରୀ ନିର୍ଯ୍ୟାତନା ବୃଦ୍ଧି ପାଇଥିଲା ବେଳେ କଳା ଟଙ୍କା ଫେରିଲା ନାହିଁ । ନିର୍ବାଚନ ପ୍ରତିଶ୍ରୁତି ପାଳନ କରାଯାଇ ନାହିଁ । ମୁସଲମାନ, ଖ୍ରୀଷ୍ଟିଆନ ମହିଳାଙ୍କ ଉପରେ ବହୁ ଅଣଦେଖା କରାଯାଉଛି । ଭୁବନେଶ୍ୱର ସ୍ମାର୍ଟ ସିଟି ଘୋଷଣା କରାଯାଇଥିଲା ବେଳେ ଟେଲିଫୋନ ଠିକ୍ ଭାବେ କାମ କରୁନାହିଁ, ଗାଇ, ଗୋରୁ, କୁକୁରମାନେ ରାସ୍ତାରେ ଖୁଲୁମ୍ ଖୋଲା ବୁଲୁଛନ୍ତି, ପାଣି ନାହିଁ, ଦାରିଦ୍ର୍ୟ ବଢ଼ି ବଢ଼ି ଚାଲିଛି ବୋଲି ଅଭିଯୋଗ କରିଥିଲେ । ତେଣୁ ଧର୍ମନିରପେକ୍ଷ କୁ ଭୋଟ ଦେବା ପାଇଁ ସେ ଜନସାଧାରଣଙ୍କୁ ଅନୁରୋଧ କରିଥିଲେ ।

## ନିର୍ବାଚନ କାର୍ଯ୍ୟରେ ଯୋଗ ଦେବେନି ଗୃହରକ୍ଷୀ

**ଭୁବନେଶ୍ୱର :** ଚଳିତ ନିର୍ବାଚନ କାର୍ଯ୍ୟରେ ଗୃହରକ୍ଷୀମାନଙ୍କୁ ନିୟୋଜିତ କରିବା ପାଇଁ ସରକାର ଦେଇଥିବା ନିର୍ଦ୍ଦେଶକୁ ନେଇ ଗୃହରକ୍ଷୀମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପକାଶ ପାଇଛି । ନିର୍ବାଚନ କାର୍ଯ୍ୟରେ ସେମାନେ ଯୋଗ ଦେବେ ନାହିଁ ବୋଲି ରାଜ୍ୟ ଗୃହରକ୍ଷୀ ମହାସଂଘ ନିଷ୍ପତି ନେଇଛି । ରାଜ୍ୟ ସଭାପତି ଉପେନ୍ଦ୍ର ମହାପାତ୍ର କହିଛନ୍ତି ଯେ ରାଜ୍ୟରେ କାର୍ଯ୍ୟରତ ୧୭୬୭୫ ଗୃହରକ୍ଷୀ ଆଇନ୍ ଶୃଙ୍ଖଳାଠାରୁ ଆରମ୍ଭ କରି ନିର୍ବାଚନ କାର୍ଯ୍ୟରେ ସେମାନଙ୍କ ଜୀବନକୁ ମୂର୍ଚ୍ଛା କରି କାର୍ଯ୍ୟ କରିଆସୁଥିଲେ ମଧ୍ୟ ରାଜ୍ୟ ସରକାର ସେମାନଙ୍କ ଦାବୀକୁ ଅଣଦେଖା କରୁଛନ୍ତି । ସରକାରଙ୍କ ଏହି ବୈମାତୃକ ଉଦାସୀନ ମନୋଭାବ ପରିଚୟ ସ୍ୱରୂପ ଗୃହରକ୍ଷୀମାନେ ଏଯାବତ୍ ସେମାନଙ୍କର ନ୍ୟାୟୋଚିତ ଦାବୀ ହାସଲ କରିପାରି ନାହାଁନ୍ତି । ସୁପ୍ରିମକୋର୍ଟ ନିର୍ଦ୍ଦେଶ ମୁତାବକ ସମାନ କାମକୁ ସମାନ ଦରମା ହିସାବରେ ସମକାର୍ଯ୍ୟରତ ନିୟମିତ କର୍ମଚାରୀ ସର୍ବନିମ୍ନ ବେତନ ଠାରୁ କମ୍ ଦିଆଯିବ ନାହିଁ ବୋଲି ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ଏହି ନିର୍ଦ୍ଦେଶକୁ ଆଜି ପର୍ଯ୍ୟନ୍ତ କାର୍ଯ୍ୟକାରୀ କରାଯାଉ ନାହିଁ । ଏହି ପରିପ୍ରେକ୍ଷୀରେ ଗୃହରକ୍ଷୀ ମହାନିର୍ଦ୍ଦେଶକ ଦୁଇ ଦୁଇଥର ସରକାରଙ୍କୁ ପ୍ରସ୍ତାବ ଦେଇଥିଲେ । ଏହାକୁ କାର୍ଯ୍ୟକାରୀ ନକରିବା ଦୁଃଖ ଏବଂ ପରିତାପର ବିଷୟ ବୋଲି ସମ୍ପାଦକ ନିରଞ୍ଜନ ସେନାପତି କହିଛନ୍ତି । ସରକାର ଗୃହରକ୍ଷୀମାନଙ୍କୁ ସ୍ୱେଚ୍ଛାସେବୀ କହୁଥିବା ବେଳେ ଏହି ସ୍ୱେଚ୍ଛାସେବୀମାନେ ନିର୍ବାଚନ ଭଳି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ କିପରି ଯୋଗ ଦେବେ ବୋଲି ମହାସଂଘ ପକ୍ଷରୁ ବିରୋଧ କରାଯାଉଛି । ଓଡ଼ିଶା ଗୃହରକ୍ଷୀ ୧୯୬୧ ଆଇନ୍‌ରେ ବ୍ୟାପକ ସଂଶୋଧନ କରି ଚାକିରୀର ସର୍ତ୍ତାବଳୀ ନିର୍ଦ୍ଧାରଣ କରିବା ସହିତ ସେମାନଙ୍କୁ ସର୍ବନିମ୍ନ ବେତନହାରରେ ଦରମା ପ୍ରଦାନ କରାନଗଲେ ଜଣେ ହେଲେ ଗୃହରକ୍ଷୀ ନିର୍ବାଚନ କାର୍ଯ୍ୟରେ ଯୋଗ ଦେବେନାହିଁ ବୋଲି ଶ୍ରୀ ମହାପାତ୍ର ଗଣମାଧ୍ୟମକୁ ଜଣାଇଛନ୍ତି ।

## ବିଧାୟକଙ୍କୁ ସହଯୋଗ କରୁଛନ୍ତି ସଂଗୀତ ଅଧ୍ୟାପକ !

**ଭୁବନେଶ୍ୱର,(ଅନନ୍ତ ଗୋପାଳ ସାହୁ) :** ସରକାରୀ ଚାକିରିରେ ଥିବା ଜଣେ ଅଧ୍ୟାପକ ରାଜନେତାଙ୍କୁ ସହଯୋଗ କରୁଥିବାର ଖବରକୁ ନେଇ ଚର୍ଚ୍ଚା ଜୋର ଧରିଛି । ରାଜଧାନୀର ବିଜୁ ପଟ୍ଟନାୟକ କଲେଜରେ କାର୍ଯ୍ୟରତ ଉକ୍ତ ସଂଗୀତ ଅଧ୍ୟାପକଙ୍କ ନାମ ପୀରବର ଜେନା ହୋଇଥିବା ବେଳେ ସେ ନିଜକୁ ଜଣେ ବରିଷ୍ଠ ସଂଗୀତ ବିଶାରଦ, ଅଧ୍ୟାପକ ଏବଂ ପ୍ରଫେସର ବୋଲି ପରିଚୟ ଦେଇ ବିଧାୟକ ଅତନୁ ବାବୁଙ୍କ ସଂପର୍କରେ ଗୁଣ ଗାନ କରୁଥିବାର ଦେଖିବାକି ମିଳୁଛି । ସୂଚନାଯୋଗ୍ୟ -ଏହି ବ୍ୟକ୍ତି ଜଣକ ଗତ କିଛି ଦିନ ପୂର୍ବେ ତାଙ୍କ ଗ୍ରାମରେ ( ମହାକାଳପଡା ଅନ୍ତର୍ଗତ ବବକରପୁର ଗ୍ରାମ) ଏକ ମହୋତ୍ସବର ଆୟୋଜନ କରିଥିଲେ । ସେଥିରେ ସେ ଅତନୁ ସବ୍ୟସାଚୀଙ୍କୁ ନିମନ୍ତ୍ରୀତ କରି ତାଙ୍କର ଜୟଗାନ କରିଥିଲେ । ଯାହାକି ଉକ୍ତ ଗ୍ରାମରେ ଖୁବ ସମାଲୋଚନା ହୋଇଥିଲା । ଏ ସଂପର୍କରେ ଉକ୍ତ ପଞ୍ଚାୟତର କିଛି ଲୋକ କହିଛନ୍ତି ଯେ ଆଗାମୀ ନିର୍ବାଚନକୁ ଦୃଷ୍ଟିରେ ରଖି ଶ୍ରୀ ଜେନା ବିଧାୟକଙ୍କୁ ଡକାଇ ଲୋକଙ୍କୁ ଭୁଆଁ ବୁଲାଉଛନ୍ତି । ଏ କ୍ଷେତ୍ରରେ ପୀରବରଙ୍କୁ ରାଜଧାନୀରେ ଥିବା ନିର୍ମାଣ ଶୌଧର ଜଣେ ବରିଷ୍ଠ ଅଧିକାରୀ ସଂପୂର୍ଣ୍ଣ ସହଯୋଗ କରୁଥିବାର ଜଣାପଡିଛି । ତେବେ ସରକାରୀ ଚାକିରିରେ ଥାଇ ରାଜନୈତିକ ଦଳ ବା ନେତାଙ୍କୁ ସହଯୋଗ କରିବା ବେଆଇନ ବୋଲି ବୁଦ୍ଧୀଜୀବୀଙ୍କ ମହଲରେ ମତ ପ୍ରକାଶ କରିଛି ।

## ପ୍ରାଥମିକ ସ୍କୁଲରେ ବାର୍ଷିକ ଦୁଇଥର ସ୍ୱାସ୍ଥ୍ୟ ପରୀକ୍ଷା

**ଭୁବନେଶ୍ୱର :** ପ୍ରାଥମିକ ଶିକ୍ଷାର ବିକାଶ ଲାଗି ରାଜ୍ୟରେ ବିଭିନ୍ନ ଯୋଜନା କାର୍ଯ୍ୟକାରୀ ହେଉଛି । ବିଦ୍ୟାଳୟ ଗୁଡ଼ିକର ଭିତ୍ତିଭୂମି, ଗୁଣାତ୍ମକ ଶିକ୍ଷା ଆଦି ଦିଗରେ ସର୍ବାଧିକ ଗୁରୁତ୍ୱ ଦିଆଯାଉଛି । ପ୍ରାଥମିକ ଏବଂ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ପଢୁଥିବା କିଛି ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହୋଇଥିଲେ ବି ସେମାନେ ଏହାକୁ ଅଣଦେଖା କରିଥାନ୍ତି । ଫଳରେ ସେମାନଙ୍କର ପଢ଼ାରେ ବ୍ୟାଘାତ ସୃଷ୍ଟି ହୋଇଥାଏ । ଏନେଇ ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଏକ ଅଭିନବ ପ୍ରୟାସ ଆରମ୍ଭ କରିବାକୁ ଯାଉଛି । ଆସନ୍ତା ଶିକ୍ଷାବର୍ଷରୁ ରାଜ୍ୟର ସମସ୍ତ ସ୍କୁଲରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ସବୁ ଛାତ୍ରଛାତ୍ରୀଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯିବ । ଜୁଲାଇ ଏବଂ ଡିସେମ୍ବରରେ ଦୁଇ ଥର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ତତ୍ତ୍ୱାବଧାନରେ ପ୍ରତ୍ୟେକ ସ୍କୁଲରେ ୨ଜଣ ଡାକ୍ତର ସବୁ ପିଲାଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିବେ । ଏହାସହିତ ରକ୍ତ ପରୀକ୍ଷା ଏବଂ ଆବଶ୍ୟକ ସ୍ଥଳେ ଚକ୍ଷୁ ପରୀକ୍ଷା ମଧ୍ୟ କରାଯିବ । ରାଜ୍ୟ ଗଣଶିକ୍ଷା ବିଭାଗ ଏବଂ କିଛି ସ୍ୱେଚ୍ଛାସେବୀ ସଂଗଠନର ମିଳିତ ସହଯୋଗରେ ଏହି ଯୋଜନା କାର୍ଯ୍ୟକାରୀ କରାଯିବ ବୋଲି ନିଷ୍ପତ୍ତି ହୋଇଛି । ପ୍ରଥମରୁ ଅଷ୍ଟମ ଶ୍ରେଣୀ ମଧ୍ୟରେ କୌଣସି ଛାତ୍ରଛାତ୍ରୀଙ୍କର ସ୍ୱାସ୍ଥ୍ୟ ସମସ୍ୟା ଥିବ ତେବେ ସମ୍ପୃକ୍ତ ଛାତ୍ରଛାତ୍ରୀଙ୍କ ନାମ, ବୟସ ଓ ଶ୍ରେଣୀ ଭୁବନେଶ୍ୱର ଶିକ୍ଷା ଅଧିକାରୀଙ୍କୁ ପ୍ରଦାନ କରିବେ । ପରେ ସେହି ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ପୁଣି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ କରାଯିବ । ଏନେଇ ସବୁ ମେଡିସିନ୍ ମାଗଣାରେ ପିଲାଙ୍କୁ ଦିଆଯିବ । ସ୍ୱାସ୍ଥ୍ୟ ପରୀକ୍ଷା ଶେଷ ହେବା ପରେ ସବୁ ପିଲାଙ୍କର ରିପୋର୍ଟ ଜିଲ୍ଲା ଓ୍ୱାରୀ ସିଡିଏମ୍‌ଓଙ୍କୁ ପ୍ରଦାନ କରାଯିବ । ଯଦି କୌଣସି ଛାତ୍ରଛାତ୍ରୀଙ୍କର କିଛି ଅଧିକ ସମସ୍ୟା ଯଥା ଆଖି, ଛାତି କିମ୍ବା ହିମୋଗ୍ଲୋବିନ୍ ଅଭାବ ତଥା ଏନିମିଆ ଛାତ୍ରଛାତ୍ରୀଙ୍କ ପୁଣି ସ୍ୱାସ୍ଥ୍ୟ ପରୀକ୍ଷା କରାଯିବ । ଏହି ପରୀକ୍ଷା ପୂର୍ବରୁ ପିଲାଙ୍କ ଅଭିଭାବକଙ୍କୁ ଅବଗତ କରାଯିବ । ରାଜ୍ୟରେ ମୋଟ୍ ୬୫ହଜାର ୨୭୯ଟି ସ୍କୁଲ ରହିଥିବା ବେଳେ ଛାତ୍ରଛାତ୍ରୀଙ୍କ ସଂଖ୍ୟା ୫୯ଲକ୍ଷ ୭୨ହଜାର ୮୭୦ । ଶିକ୍ଷାବର୍ଷ ଆରମ୍ଭ ହେବା ପରେ ପ୍ରଥମ ଦିନ ପିଲାଙ୍କ ଓଜନ ଏବଂ ଉଚ୍ଚତା ରିପୋର୍ଟ ସଂଗ୍ରହ କରାଯିବ । ଏହି ରିପୋର୍ଟ ଜୁଲାଇ ଶେଷ ସପ୍ତାହ ସୁଦ୍ଧା ସମସ୍ତ ସ୍କୁଲର ଅଧିକାରୀ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ଦାଖଲ କରିବେ । ସ୍ୱାସ୍ଥ୍ୟ ପରୀକ୍ଷା ସାଙ୍ଗକୁ ପ୍ରତିବର୍ଷ ଉଭୟ ଛାତ୍ରଛାତ୍ରୀ ଏବଂ ଅଭିଭାବକଙ୍କୁ କାଉନସେଲିଂ କରିବା ଲାଗି ମଧ୍ୟ ଯୋଜନା କରାଯାଇଛି । ଯେଉଁ ଛାତ୍ରଛାତ୍ରୀମାନେ ସ୍କୁଲ ଆସିବାକୁ ଭୟ କରୁଛନ୍ତି କିମ୍ବା ଯେଉଁ ପିଲାଙ୍କର ପାଠପଢ଼ାରେ ସମସ୍ୟା ହେଉଛି ସେମାନଙ୍କ ଲାଗି ସ୍କୁଲରେ ସ୍ୱତନ୍ତ୍ର କାଉନସେଲିଂ ବ୍ୟବସ୍ଥା କରିବାକୁ ମଧ୍ୟ ନିଷ୍ପତ୍ତି ହୋଇଛି । ଏନେଇ କିଛି ନିର୍ଦ୍ଦିଷ୍ଟ ସ୍ୱେଚ୍ଛାସେବୀ ଅନୁଷ୍ଠାନକୁ ଦାୟିତ୍ୱ ଦିଆଯିବ । ବିଶେଷକରି ଯେଉଁ ସଂସ୍ଥା କାଉନ୍‌ସେଲିଂ କାର୍ଯ୍ୟ କରୁଥିବ ଏବଂ ସ୍ୱୀକୃତିପ୍ରାପ୍ତ ସଂସ୍ଥା ହୋଇଥିବ ସେହି ଅନୁଷ୍ଠାନକୁ ଦାୟିତ୍ୱ ଦିଆଯିବ ବୋଲି ଜଣାପଡ଼ିଛି ।

# କଂଗ୍ରେସ ପାଇଁ କାଳ ହେବ ଶ୍ରୀକାନ୍ତଙ୍କ ଖେଳ

**ବାଲେଶ୍ୱର,(କୈଳାସ ବେହେରା) :** ଉତ୍ତର ଓଡ଼ିଶାର ପ୍ରମୁଖ ନିର୍ବାଚନ ମଣ୍ଡଳୀ ହେଉଛି ବାଲେଶ୍ୱର ସଂସଦୀୟ କ୍ଷେତ୍ର । ଏହି ନିର୍ବାଚନ ମଣ୍ଡଳୀ ପାଇଁ ତିନି ପ୍ରମୁଖ ଦଳ ନିଜର ପ୍ରାର୍ଥୀ ଘୋଷଣା କରିସାରିଛନ୍ତି । ବହୁ ପ୍ରତୀକ୍ଷା ପରେ ଏଠାରେ ଶାସକ ବିଜୁ ଜନତା ଦଳର ବର୍ତ୍ତମାନର ସାଂସଦ ରବୀନ୍ଦ୍ର ଜେନା ପୁଣିଥରେ ନବୀନଙ୍କ ଆସ୍ଥାଭାଜନ ହୋଇ ଟିକଟ ପାଇଛନ୍ତି । ରବୀନ୍ଦ୍ରଙ୍କୁ ଦେଖି ପିସିସି ମୁଖିଆ ନିରଞ୍ଜନ ପଟ୍ଟନାୟକ ତାଙ୍କ ପୁଅ ନବଜ୍ୟୋତି ପଟ୍ଟନାୟକଙ୍କୁ ଏଠାରେ ପ୍ରାର୍ଥୀ କରିଛନ୍ତି । ବହୁ ପୂର୍ବରୁ ଭାରତୀୟ ଜନତା ପାର୍ଟିର ବରିଷ୍ଠ ନେତା ପ୍ରତାପ ଷଡଙ୍ଗୀଙ୍କୁ ଦ୍ୱିତୀୟଥର ପାଇଁ ଦଳ ଏଠାରେ ପ୍ରାର୍ଥୀ କରିଛି । ବର୍ତ୍ତମାନ ଏଠାରେ ନିର୍ବାଚନ ଏବଂ ପ୍ରଚାର ରୋଚକ ସ୍ଥିତିରେ ପହଞ୍ଚିଛି । ଏହି ସଂସଦୀୟ କ୍ଷେତ୍ରରେ ୭ଟି ବିଧାନସଭା କ୍ଷେତ୍ର ଯଥା ମୟୂରଭଞ୍ଜର ବଡସାହି ଏବଂ ବାଲେଶ୍ୱରର ସଦର, ରେମୁଣା, ନୀଳଗିରି, ବସ୍ତା, ଜଳେଶ୍ୱର ଓ ଭୋଗରାଇକୁ ନେଇ ଗଠିତ । ଏମାନଙ୍କ ମଧ୍ୟରୁ ବସ୍ତା, ଜଳେଶ୍ୱର, ଭୋଗରାଇ ଏବଂ ବଡସାହିରେ ବିଜେଡିର କଂଗ୍ରେସ ସହିତ ସିଧା ମୁକାବିଲା ହେବ ଏବଂ ବାକି ନୀଳଗିରି, ରେମୁଣା ଓ ସଦରରେ ବିଜେଡିର ବିଜେପି ସହିତ ଜୋରଦାର ଟକ୍କର ହେବ । କଂଗ୍ରେସରୁ ନବାଗତ ପିସିସି ମୁଖିଆଙ୍କ ପୁଅ ଏଥର ସାମ୍ନା କରିବେ ଦୁଇ ବରିଷ୍ଠ ପ୍ରାର୍ଥୀଙ୍କୁ । କିନ୍ତୁ ଏମାନଙ୍କ ମଧ୍ୟରେ କଣ୍ଟା ସାଜିଛନ୍ତି ପୂର୍ବତନ କେନ୍ଦ୍ର ମନ୍ତ୍ରୀ ତଥା କଂଗ୍ରେସରୁ ବହିଷ୍କୃତ ବରିଷ୍ଠ ନେତା ଶ୍ରୀକାନ୍ତ ଜେନା । ବାଲେଶ୍ୱରରେ ଏକ ସାମ୍ବାଦିକ ସମ୍ମିଳନୀ ଡକାଇ ଶ୍ରୀକାନ୍ତ ତାଙ୍କ ସମୟରେ କରାଯାଇଥିବା ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟର ବ୍ୟାଖ୍ୟା କରିବା ସହିତ ଦମ୍ଭୋକ୍ତି ଦେଖାଇ କହିଥିଲେ ଯେ, ଅନ୍ୟ ନେତାମାନଙ୍କର ନିର୍ବାଚନ ଲଢ଼ିବାର କି ଉଦ୍ଦେଶ୍ୟ ଅଛି ସେମାନଙ୍କୁ ପଚାର । କାରଣ ତାଙ୍କ ସମୟରେ ଭୋଟରଙ୍କୁ ସେ ଯାହା ପ୍ରତିଶ୍ରୁତି ଦେଇଥିଲେ ତାହା ସେ ପାଳନ କରିଛନ୍ତି । ବାଲେଶ୍ୱର ବିକାଶ ପାଇଁ ସେ ସର୍ବଦା ଅଙ୍ଗୀକାରବଦ୍ଧ ଥିବା କଥା କହିଥିଲେ । ଏଥିସହିତ ନିର୍ବାଚନ ନଲଢ଼ି ସେ ଆଗାମୀ ଦିନରେ କେନ୍ଦ୍ରରେ ଯେଉଁ ସରକାର ଗଠନ ହେବ



ସେଥିରେ ମୁଖ୍ୟ କାର୍ପଟଦାର ରହିବେ ବୋଲି କହିଥିଲେ । ଏଥର କେନ୍ଦ୍ରରେ କଂଗ୍ରେସ ୧୦୦ ଆସନରୁ କମ ଏବଂ ବିଜେପି ୨୦୦ ଆସନରୁ କମ ପାଇବ ଏବଂ ହାତୀ, ସାଇକେଲ, ଝାଡୁ, ଘାସ କେନ୍ଦ୍ରରେ ସରକାର ଗଠନ କରିବେ ବୋଲି ଭବିଷ୍ୟବାଣୀ କରିଥିଲେ ଶ୍ରୀକାନ୍ତ । ସାମ୍ବାଦିକ ସହିତ ବାର୍ତ୍ତାଳାପ ବେଳେ ସେ କଂଗ୍ରେସର କାର୍ଯ୍ୟଶୈଳୀକୁ ଘୋର ନିନ୍ଦା କରିବା ସହିତ ପିସିସି ମୁଖିଆ ଖଣି ଘୋଟାଲାରେ ସମ୍ପୃକ୍ତ ଥାଇ ଫାଇନ୍ ଦେଇଥିବାର ପ୍ରକାଶ କରିଥିଲେ । ତା'ସହିତ ରାଜ୍ୟ ସରକାର ପ୍ରାୟ ୭ ହଜାର ୮୦୦ କୋଟି ଟଙ୍କା ଛାଡ କରିଥିବା କହିଥିଲେ । କାହିଁକି ଏତେଟଙ୍କା ରାଜ୍ୟ ସରକାର ତାଙ୍କୁ ଛାଡ କଲେ ବୋଲି କଟାକ୍ଷ କରି କହିଥିଲେ ଯେ, ରାହୁଲ ଗାନ୍ଧି କାହିଁକି ଏମିତି ନେତାଙ୍କୁ ଓଡ଼ିଶାରେ କଂଗ୍ରେସର ମୁଖିଆ ବନାଇ ଖଣି ଚୋରିକୁ ପ୍ରଶୟ ଦେଉଛନ୍ତି ବୋଲି କ୍ଷୋଭ ପ୍ରକାଶ କରିଥିଲେ । ଏଭଳି ଅଭିଯୋଗ ଆଣିଥିବାରୁ ତାଙ୍କୁ ଦଳରୁ ବହିଷ୍କାର କରାଗଲା ବୋଲି କହିବା ସହିତ ଚଳିତ ନିର୍ବାଚନରେ ବହୁଳ ମାତ୍ରାରେ କଳା ଟଙ୍କା ଓ ଚୋରି ଟଙ୍କା ବ୍ୟବହାର ହେଉଛି ବୋଲି ଅଭିଯୋଗ କରିଥିଲେ । ଏଥିସହିତ ଏଭଳି ଚୋର ପ୍ରାର୍ଥୀଙ୍କୁ ଭୋଟ ନଦେବାକୁ ପରାମର୍ଶ ଦେବା ସଙ୍ଗେ ସଙ୍ଗେ ଆଗାମୀ ନିର୍ବାଚନରେ ସେ ନ ଲଢ଼ି କଂଗ୍ରେସ ବିରୋଧରେ ସାରା ଜିଲ୍ଲାରେ ବହୁ ସଭା ସମିତି କରି କଂଗ୍ରେସ ନେତାଙ୍କୁ ପରାସ୍ତ କରିବା ପାଇଁ ସବୁ ପ୍ରକାର ଉଦ୍ୟମ କରିବେ ବୋଲି କହିଥିଲେ । ଆଗାମୀ ଦିନରେ ଏଠାରେ ବିଏସ୍‌ପି, ତୃଣମୂଳ କିମ୍ବା ସମାଜବାଦୀ ଦଳର ପ୍ରାର୍ଥୀଙ୍କୁ ଭେଟ ଦେବା ସହିତ ସେମାନଙ୍କ ପାଇଁ ପ୍ରଚାର କରିବେ ବୋଲି ଶ୍ରୀକାନ୍ତ କହିଥିଲେ । ଏପରି ସ୍ଥଳେ ଜିଲ୍ଲାରେ କଂଗ୍ରେସ ପ୍ରାର୍ଥୀ ଜିତିବାରେ ଅସୁବିଧା ହେବ ବୋଲି ବୁଦ୍ଧିଜୀବୀମାନେ ମତ ପ୍ରକାଶ କରିଥିଲେ । ଏପରି ହେଲେ ଏଠାରେ ସିଧା ମୁକାବିଲା ଗତଥର ଭଳି ବିଜେଡିର ରବୀନ୍ଦ୍ରଙ୍କ ସହିତ ବିଜେପିର ପ୍ରତାପଙ୍କ ଭିତରେ ହେବ । ଯେହେତୁ ଏଠାରେ ଚତୁର୍ଥ ପର୍ଯ୍ୟାୟରେ ନିର୍ବାଚନ ହେଉଛି ସେଥିପାଇଁ ବିଜେଡି ପ୍ରାର୍ଥୀଙ୍କୁ ବିଜେପିର କେନ୍ଦ୍ରୀୟ ଟିମ୍ ନେତାଙ୍କ ଶେଷ ପ୍ରଚାର କେତେଦୂର ସାହାଯ୍ୟ କରିବ ତାହା ଦେଖିବାକୁ ବାକି ରହିଲା । ଏଠାରେ ଶ୍ରୀକାନ୍ତ ଜେନାଙ୍କ ଗୋଟି ଚାଳନା ସମସ୍ତ ପ୍ରାର୍ଥୀଙ୍କ ଜିତିବା ଉପରେ ନିର୍ଭର କରେ ।

ନିଜ ସୁଖ ପାଇଁ କରାଯାଇଥିବା କର୍ମ
ସୀମିତ ସୁଖ ଦେଇଥାଏ; କିନ୍ତୁ
ପରୋପକାର ପାଇଁ କରାଯାଇଥିବା କର୍ମ
ନିତ୍ୟ ନୂତନ ଆନନ୍ଦ ଦିଏ : ଚାଣକ୍ୟ





EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୦୮ - ୧୪ ଏପ୍ରିଲ, ୨୦୧୯


# ମନେରହିବେ ଶେଷାନ୍

ସମ୍ପାଦକୀୟ

ତାରକ ମହାନ୍ତି



**ଦେ**ଶରେ ନିର୍ବାଚନ ପ୍ରସଙ୍ଗ ଉଠିଲେ ପୂର୍ବତନ ନିର୍ବାଚନ ଆୟୁକ୍ତ ଟି.ଏନ୍. ଶେଷାନଙ୍କ କଥା ଆପଣାଛାଏଁ ମନକୁ ଆସିଥାଏ। ତେଣୁ ଶେଷାନ ହିଁ ଭାରତୀୟ ନିର୍ବାଚନ ସଂସ୍କାରର ମୁଖ୍ୟ ବିନ୍ଧାଣି। ତାଙ୍କର ବଳିଷ୍ଠ ପଦକ୍ଷେପ ଯୋଗୁ ଦେଶରେ ନିର୍ବାଚନ ସଂସ୍କାର ଆସିପାରିଛି। ନିର୍ବାଚନ ଆୟୁକ୍ତ ଭାବେ ନିଯୁକ୍ତ ହେବାର ପ୍ରଥମ ଦିନରୁ ହିଁ ସେ ତାଙ୍କର ବଳିଷ୍ଠ ଚିନ୍ତାଧାରାକୁ କାର୍ଯ୍ୟରେ ପରିଣତ କରିଛନ୍ତି। ଯେଉଁ ପ୍ରକୋଷ୍ଠରେ ପୂର୍ବ ନିର୍ବାଚନ ଆୟୁକ୍ତ ବସୁଥିଲେ ସେଠାରେ ଥିବା ବିଭିନ୍ନ ଦେବାଦେବୀଙ୍କ ମୂର୍ତ୍ତି ଓ କ୍ୟାଲେଣ୍ଡରକୁ ହଟାଇ ସର୍ବଧର୍ମ ସମନ୍ୱୟର ଏକ ବାର୍ତ୍ତା ଦେଇଥିଲେ। ଯାହାକି ଭାରତ ଭଳି ଏକ ବୃହତ ଗଣତାନ୍ତ୍ରିକ ରାଷ୍ଟ୍ର ପାଇଁ ଅପରିହାର୍ଯ୍ୟ ଥିଲା। ତତ୍କାଳୀନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧିଙ୍କ ସହିତ ଆରମ୍ଭରୁ ମତ ପାର୍ଥକ୍ୟ ରହିଥିଲେ ସୁଦ୍ଧା ପରେ ଶେଷାନ ରାଜୀବଙ୍କ ବିଶ୍ୱାସଭାଜନ ହେବା ସହିତ ତାଙ୍କର ପ୍ରିୟପାତ୍ର ହୋଇପାରିଥିଲେ। ସ୍ୱାଧୀନ ଭାବେ କାର୍ଯ୍ୟ କରିବାର ପରମ୍ପରା ଆରମ୍ଭ କରି ବହୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାରେ ତାଙ୍କର ବଳିଷ୍ଠ ଭୂମିକା ରହିଛି। ନିର୍ବାଚନ କମିଶନଙ୍କୁ ସରକାରଙ୍କ ଅଧିନ ଭଳି ବ୍ୟବସ୍ଥାକୁ ସେ ଦୃଢ଼ ଭାବେ ବିରୋଧ କରୁଥିଲେ। କାରଣ ତାଙ୍କ ପୂର୍ବରୁ ଯେଉଁମାନେ ମୁଖ୍ୟ ନିର୍ବାଚନ ଆୟୁକ୍ତ ଭାବେ ରହିଥିଲେ ସେମାନେ ଆଇନ ମନ୍ତ୍ରୀଙ୍କ କାର୍ଯ୍ୟାଳୟ ବାହାରେ ବସି ଦୀର୍ଘ ସମୟ ଅପେକ୍ଷା କରୁଥିଲେ। ଯାହା ତାଙ୍କର ପସନ୍ଦ ନଥିଲା। ଯେଉଁଥିପାଇଁ ସେ ଏହା କରିପାରିବେ ନାହିଁ ବୋଲି ରୋକ୍‌ଠୋକ୍ ଜଣାଇଦେବା ସହିତ ମତ ରଖିଥିଲେ ଯେ, ନିର୍ବାଚନ ଆୟୁକ୍ତ ମାନଙ୍କ ସହିତ ସମ୍ମାନର ସହ ବ୍ୟବହାର କରାଯିବା ଉଚିତ୍। ଶେଷାନଙ୍କ ସ୍ୱାଧୀନ ଚିନ୍ତାଧାରାର ପ୍ରମାଣ ମିଳିଥିଲା ସେତିକି ବେଳେ ଯେତେବେଳେ ରାଜୀବ ଗାନ୍ଧିଙ୍କ ହତ୍ୟାପରେ ତତ୍କାଳୀନ ସରକାରଙ୍କ ଅନୁମତି ନ ନେଇ ସେ ଲୋକସଭା ନିର୍ବାଚନକୁ ସ୍ଥଗିତ କରିଦେଲେ। ନିର୍ବାଚନ ଆୟୋଗକୁ ଶକ୍ତିଶାଳୀ କରାଇବା ସହିତ ଏହାକୁ କିଭଳି ଅଧିକରୁ ଅଧିକ ନିରପେକ୍ଷ କରାଯାଇପାରିବ ସେ ନେଇ କାର୍ଯ୍ୟ କରିଚାଲିଥିଲେ। ପୂର୍ବରୁ ନିର୍ବାଚନ ଆୟୋଗକୁ ଆସୁଥିବା ସମସ୍ତ ଚିଠିର ଲଫାପା ଉପରେ ଲେଖା ଯାଉଥିଲା ନିର୍ବାଚନ ଆୟୋଗ, ଭାରତ ସରକାର। ମାତ୍ର ନିର୍ବାଚନ ଆୟୁକ୍ତ ଭାରତ ସରକାରଙ୍କ ଅଂଶ ନୁହେଁ ବୋଲି ସରକାରଙ୍କୁ ସ୍ପଷ୍ଟ କରିଥିଲେ ଶେଷାନ। ସର୍ବଦା ସରକାରୀ ଅଧିକାରୀମାନଙ୍କୁ ସେମାନଙ୍କ ତ୍ରୁଟି ପାଇଁ ସମାଲୋଚନା କରି ସେ କେତେକଙ୍କ ଚକ୍ଷୁଶୀଳ ହୋଇଥିଲେ ବି ଏହାକୁ ଆଦୌ ଭ୍ରୂକ୍ଷେପ କରୁନଥିଲେ। ତାଙ୍କ କାର୍ଯ୍ୟକାଳରେ ସେ ଏଭଳି ଏକ ନିର୍ଦ୍ଦେଶାବଳୀ ଜାରି କରିଥିଲେ ଯେଉଁଥିରେ ସ୍ପଷ୍ଟ ଭାବେ ଉଲ୍ଲେଖ କରିଥିଲେ 'ଯେପର୍ଯ୍ୟନ୍ତ ସରକାର ନିର୍ବାଚନ ଆୟୋଗର କ୍ଷମତା ଗୁଡିକୁ ମାନ୍ୟତା ପ୍ରଦାନ କରିନାହାନ୍ତି ସେ ପର୍ଯ୍ୟନ୍ତ ଦେଶରେ କୌଣସି ନିର୍ବାଚନ ଅନୁଷ୍ଠିତ ହେବନାହିଁ।' ନିଜର ସାମ୍ବିଧାନିକ କର୍ତ୍ତବ୍ୟକୁ ଗୁରୁତ୍ୱ ଦେଇ ଦେଶ ପାଇଁ ଯାହା ଭଲ ତାହା ସେ ନିଷ୍ପତ୍ତି ନେଉଥିଲେ। ଏଭଳି ନିଷ୍ପତ୍ତି ପାଇଁ ସେ ବିଭିନ୍ନ ମହଲରୁ ସମାଲୋଚିତ ହେବା ସହିତ ପ୍ରତିକୂଳ ପରିସ୍ଥିତିକୁ ସାମ୍ନା କରି ନିଜ ଦକ୍ଷତାର ପ୍ରମାଣ ଦେଇଥିଲେ। ହେଲେ ଶେଷାନଙ୍କ ଏହି ପଦକ୍ଷେପ ପାଇଁ ପଶ୍ଚିମବଙ୍ଗର ତତ୍କାଳୀନ ମୁଖ୍ୟମନ୍ତ୍ରୀ ଜ୍ୟୋତି ବସୁ କ୍ରୋଧରେ ତାଙ୍କୁ ପାଗଳ ବୋଲି ଆଖ୍ୟା ଦେଇଥିଲେ। ତତ୍କାଳୀନ ପ୍ରଧାନମନ୍ତ୍ରୀ ଭି.ପି. ସିଂହ ଏକଦା କହିଥିଲେ ଯେ, ପୂର୍ବରୁ କାରଖାନା ଗୁଡିକରେ ତାଲା ପଡିବା କଥା ଆମେ ଶୁଣିଥିଲୁ। ହେଲେ ଶେଷାନ ପ୍ରଜାତନ୍ତ୍ରକୁ ହିଁ ତାଲା ପକାଇ ଦେଉଛନ୍ତି। ତେଣୁ ଏଭଳି ପରିସ୍ଥିତିରେ ଶେଷାନଙ୍କ କାର୍ଯ୍ୟକାଳ ଯେ କେତେ କଣ୍ଟକିତ ଭରା ଥିଲା ତାହା ଚିନ୍ତାର ବିଷୟ। ତାଙ୍କ କାର୍ଯ୍ୟକାଳରେ ଅନେକ ଗୁଡିଏ ବଳିଷ୍ଠ ପଦକ୍ଷେପ ନେଇଥିଲେ ତନ୍ମଧ୍ୟରେ - ନିର୍ବାଚନ ଆଚରଣ ବିଧି କଡାକଡି, ସମସ୍ତ ଯୋଗ୍ୟ ଭୋଟରଙ୍କୁ ଭୋଟର ପରିଚୟପତ୍ର ପ୍ରଦାନ, ପ୍ରାର୍ଥୀଙ୍କ ନିର୍ବାଚନୀ ଖର୍ଚ୍ଚ ସୀମିତ, ପ୍ରଗତିଶୀଳ ତଥା ସ୍ୱୟଂଚାଳିତ ନିର୍ବାଚନ ଆୟୋଗ, ରାଜ୍ୟସ୍ତରୀୟ ନିର୍ବାଚନ ଅଧିକାରୀ, ଭୋଟରଙ୍କୁ ପ୍ରଲୋଭିତ କରିବା ତଥା ଲାଞ୍ଚ ପ୍ରଦାନ ଉପରେ ଅଙ୍କୁଶ, ଭୋଟ ବେଳେ ମଦ ବଣ୍ଟନ ବନ୍ଦ, ନିର୍ବାଚନୀ ପ୍ରଚାରରେ ସରକାରୀ ସାମଗ୍ରୀ ବ୍ୟବହାର ଉପରେ କଟକଣା, ଜାତି ତଥା ସାମ୍ପ୍ରଦାୟିକ ପ୍ରସଙ୍ଗକୁ ନେଇ ଭୋଟ ନିବେଦନ ନିଷେଧ, ପ୍ରଚାର ପାଇଁ ପୂଜା ସ୍ଥାନ ବ୍ୟବହାର ଉପରେ କଟକଣା ଏବଂ ପୂର୍ବରୁ ଲିଖିତ ଅନୁମତି ନ ନେଇ ଡାକବାଜି ଯନ୍ତ୍ର ଓ ଶବ୍ଦ ସୃଷ୍ଟିକାରୀ ବାଦ୍ୟଯନ୍ତ୍ର ବ୍ୟବହାର ଉପରେ କଟକଣା। ଏଥିରୁ ଅନୁମାନ କରନ୍ତୁ ଦେଶରେ ନିର୍ବାଚନ ସଂସ୍କାର ପାଇଁ ତାଙ୍କର ବିଜ୍ଞତା, ଦକ୍ଷତା ଓ କାର୍ଯ୍ୟ ପ୍ରଣାଳୀ କିଭଳି ରହିଥିଲା। ତେଣୁ ସାମ୍ପ୍ରତିକ ପରିସ୍ଥିତିରେ ଶେଷାନ ନିର୍ବାଚନରେ ନିରପେକ୍ଷତାକୁ ନେଇ ଯେଉଁ ଆଦର୍ଶ ବିଚାରବୋଧର ଖସଡା ପ୍ରସ୍ତୁତ କରିଥିଲେ ତାହା ଇତିହାସ ହୋଇ ରହିବ।

ବର୍ତ୍ତମାନ ସମୟରେ ନିର୍ବାଚନ ଓ ନିର୍ବାଚନ ସଂସ୍କାର ଦୁଇଟି ଭିନ୍ନ ପର୍ଯ୍ୟାୟ ଭାବେ କାର୍ଯ୍ୟ କରୁଥିବା ଜଣାପଡେ। କାରଣ ଏବେ ନିର୍ବାଚନରେ ପ୍ରାର୍ଥୀ ହେଉଥିବା ବ୍ୟକ୍ତିମାନେ ଭୋଟରଙ୍କୁ ପ୍ରଲୋଭିତ କଲା ଭଳି ଅନେକ ପ୍ରକାର ଉଦ୍ୟମ ଜାରି ରଖୁଛନ୍ତି। କଳେବଳେ କୌଶଳେ ଭୋଟ ହାତେଇବା ପାଇଁ ଯେକୌଣସି ପନ୍ଥା ଅବଲମ୍ବନ କରିବା ପାଇଁ ପ୍ରାର୍ଥୀମାନେ ପଛାଉ ନାହାନ୍ତି। ସୀମିତ ଖର୍ଚ୍ଚ ପ୍ରସଙ୍ଗ ଉଠିଲେ ଆମେ ସ୍ପଷ୍ଟ ଭାବେ କହିପାରିବା କି କୌଣସି ନେତା ଅନୀତି ନକରି ନିର୍ବାଚନ ବୈତରଣୀ ପାର ହୋଇଯାଉଛି। ଯଦିଓ ନିର୍ବାଚନ ବେଳେ ଆଦର୍ଶ ଆଚରଣ ବିଧି ଅନୁସରଣ କରିବା ପାଇଁ ସବୁ ଦଳ ଓ ସବୁ ନେତାଙ୍କୁ ନିର୍ବାଚନ କମିଶନଙ୍କ ପକ୍ଷରୁ ସ୍ପଷ୍ଟ ଚେତାବନୀ ଦିଆଯାଇଛି ବା ସୂଚନା ଦିଆଯାଇଛି ତାହାକୁ ଦଳ ବା ପ୍ରାର୍ଥୀମାନେ ଅନୁସରଣ କରୁଛନ୍ତି କି? ମଦ, ମାଂସ ଓ ଟଙ୍କା ପାଇବା ଲୋଭରେ କିଛି ଭୋଟର ନିର୍ବାଚନ ବେଳେ ପାଗଳ ଭଳି ଦଳ ତଥା ନେତାଙ୍କ ପଛରେ ଧାଉଁଛନ୍ତି। ଫଳସ୍ୱରୂପ ନିର୍ବାଚନରେ ପ୍ରାର୍ଥୀଙ୍କ ଆଦର୍ଶ ଅପେକ୍ଷା ଅର୍ଥ ଓ ବାହୁବଳ ଅଧିକ ଗୁରୁତ୍ୱ ରଖୁଛି। ଯେଉଁଥିପାଇଁ ନିର୍ବାଚନୀ ହିଂସା ଓ ଦ୍ୱନ୍ଦ୍ୱାତ୍ମକ ପରିସ୍ଥିତି ସୃଷ୍ଟି ହେଉଛି। ଯାହାକି ଆଦର୍ଶ ଆଚରଣ ବିଧିର ଉଲ୍ଲଘଂନ କହିଲେ ଅତ୍ୟୁକ୍ତି ହେବନାହିଁ। ଆରୋପ ପ୍ରତ୍ୟାରୋପ ମଧ୍ୟରେ ଗୋଟିଏ ଦଳ ଅନ୍ୟ ଦଳକୁ ଶଙ୍କାଗ୍ରସ୍ତ କରିବା ସହିତ ନିରପେକ୍ଷତା ଉପରେ ପ୍ରଶ୍ନବାଚୀ ଲଗାଉଛି। ଯେତେଦିନ ପର୍ଯ୍ୟନ୍ତ ଭୋଟରମାନେ ସଚେତନ ହୋଇନାହାନ୍ତି ସେତେଦିନ ପର୍ଯ୍ୟନ୍ତ ନୀତିନିଷ୍ଠ ପ୍ରାର୍ଥୀମାନେ ନିର୍ବାଚନ ଜିତିବା ପାଇଁ ସକ୍ଷମ ହେବେନାହିଁ। କାରଣ ବର୍ତ୍ତମାନ ପରିପ୍ରେକ୍ଷୀରେ ରାଷ୍ଟ୍ରଚିନ୍ତା ଅପେକ୍ଷା ଦଳ ଚିନ୍ତା ନେତୃତ୍ୱ ପାଇଁ ବଡ ଆହ୍ୱାନ ପାଲଟିଛି। ଭୋଟରଙ୍କ ମାନସିକତାକୁ ପରଖି ନେଇ ପ୍ରାର୍ଥୀମାନେ ନିଜ ନିଜର ରଣନୀତି ପ୍ରସ୍ତୁତ କରିବା ସହିତ ନିଜ ସପକ୍ଷରେ ଅଧିକ ଭୋଟ ହାତେଇବା ପାଇଁ ନୂତନ କୌଶଳର ପ୍ରୟୋଗ ମଧ୍ୟ କରୁଛନ୍ତି। ଯେଉଁଥିପାଇଁ ଭୋଟରଙ୍କୁ ସୁହାଇଲା ଭଳି ବିଭିନ୍ନ ଯୋଜନାମାନ ଘୋଷଣା କରି ଏଥିରୁ ଫାଇଦା ଉଠାଉଛନ୍ତି। ଏହି ପ୍ରକ୍ରିୟା ଜାରି ରହିଲେ ଆଗାମୀ ଦିନରେ ନିର୍ବାଚନ ଏକ ରଣଭୂଇଁ ସଦୃଶ ହେବ ସିନା ଲୋକଙ୍କ ହୃଦୟ ଜିତି ଭୋଟ ହାତେଇ ହେବନାହିଁ।


**ଯୋଗାଯୋଗ ଠିକଣା**
ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭


# ଆଞ୍ଚଳିକ ଦଳ ହାତରେ ରାଜନୈତିକ ଭବିଷ୍ୟତ



ସୌରଚନ୍ଦ୍ର ମହାପାତ୍ର

ଏହି ବର୍ଷ ମାର୍ଚ୍ଚ ୧୦ ତାରିଖରେ ଭାରତର ନିର୍ବାଚନ କମିଶନ ସପ୍ତଦଶ ଲୋକସଭା ସହ ଚାରୋଟି ରାଜ୍ୟର ବିଧାନସଭା ପାଇଁ ନିର୍ବାଚନୀ ତାରିଖ ଘୋଷଣା କଲାପରେ ଭାରତରେ ରାଜନୈତିକ ପରିସ୍ଥିତି ସରଗରମ ହୋଇଛି। ଜାତୀୟ ସ୍ତରରେ ପୁରୁଣା ଓ ବଡ଼ ଦଳ କୁହାଯାଉଥିବା ବିଜେପି, କଂଗ୍ରେସ ଓ ବାମଦଳ ପରେ ଯେତିକ ରାଜନୈତିକ ଦଳ ମୁଣ୍ଡ ଟେକିଛନ୍ତି ତାହା ଭାରତୀୟ ଗଣତାନ୍ତ୍ରିକ ଓ ରାଜନୈତିକ ବ୍ୟବସ୍ଥା ପାଇଁ ଏକ ବହୁତ ବଡ଼ ପ୍ରଶ୍ନବାଚୀ। ସର୍ବଶେଷ ପରିସଂଖ୍ୟାନର ତଥ୍ୟ ଅନୁଯାୟୀ ଭାରତରେ ୨୨୯୩ଟି ରାଜନୈତିକ ଦଳ ରହିଛି। ଗତ ସାଧାରଣ ନିର୍ବାଚନରେ ଏହି ସଂଖ୍ୟା ଥିଲା ୧୮୪୧। ପାଞ୍ଚ ବର୍ଷ ଭିତରେ ଭାରତରେ ୪୫୨ଟି ନୂଆ ରାଜନୈତିକ ଦଳ ସୃଷ୍ଟି ହୋଇଛନ୍ତି। ନିକଟରେ ଗଣମାଧ୍ୟମରେ ଏକ ପ୍ରକାଶିତ ତଥ୍ୟ ଅନୁଯାୟୀ ମାର୍ଚ୍ଚ ୯, ୨୦୧୯ ଭିତରେ ଜାତୀୟ ନିର୍ବାଚନ କମିଶନ ୨୨୯୩ଟି ଦଳକୁ ତାଲିକାଭୁକ୍ତ କରି ଜାତୀୟ ଦଳ ଭାବେ ୭ଟି ଓ ୫୯ଟି ଦଳ ଆଞ୍ଚଳିକ ଦଳର ସ୍ୱୀକୃତି ପାଇଛନ୍ତି। ଏହା ଭିତରେ ବଳକା ଥିବା ୨୨୬୭ଟି ରାଜନୈତିକ ଦଳ ନିର୍ବାଚନ ପାଇଁ ପଞ୍ଜୀକୃତ ହେଲେ ବି ଅଣସ୍ୱୀକୃତିପ୍ରାପ୍ତ। ଗତ ନିର୍ବାଚନରୁ ଆଜିର ନିର୍ବାଚନ ଭିତରେ ୮ଟି ନୂତନ ଆଞ୍ଚଳିକ ଦଳ ମୁଣ୍ଡ ଟେକିଥିବାବେଳେ ଜାତୀୟ ଦଳ ଭାବେ କୌଣସି ଦଳ ସ୍ୱୀକୃତି ପାଇନାହାନ୍ତି। ପ୍ରଶ୍ନ ଉଠୁଛି ଭାରତୀୟ ରାଜନୀତିରେ ଗୋଟିଏ ଦଳ ଜାତୀୟ ଦଳ ଭାବେ ସ୍ୱୀକୃତି ପାଇବା ନିମନ୍ତେ ତାର ଦକ୍ଷତା ଓ ଆବଶ୍ୟକୀୟ ଯୋଗ୍ୟତା କ'ଣ ରହିଛି? କେନ୍ଦ୍ରୀୟ ନିର୍ବାଚନ କମିଶନଙ୍କ ବ୍ୟବସ୍ଥାପକ କାର୍ଯ୍ୟ ଭିତରେ ଗୋଟିଏ ଦଳ ଜାତୀୟ ଦଳର ମାନ୍ୟତା ପାଇବାକୁ ହେଲେ ଦେଶର ତିନୋଟି ରାଜ୍ୟରେ ସମୁଦାୟ ଲୋକସଭା ଆସନ ସଂଖ୍ୟାର ଦୁଇ ପ୍ରତିଶତ ଆସନରେ ବିଜୟୀ ହୋଇଥିବେ କିମ୍ବା ଲୋକସଭା ବା ବିଧାନସଭା ନିର୍ବାଚନରେ ଚାରୋଟି ରାଜ୍ୟରେ ସର୍ବନିମ୍ନ ଭାବେ ଛଅ ପ୍ରତିଶତ ଭୋଟ ପାଇଥିବେ ଓ ତାଙ୍କର ଚାରିଜଣ ଲୋକସଭା ସଦସ୍ୟ ଦଳୀୟ ପ୍ରାର୍ଥୀ ଭାବେ ବିଜୟ ଲାଭ କରିଥିବେ। ସେହିପରି ଆଞ୍ଚଳିକ ଦଳ ଭାବେ ସ୍ୱୀକୃତି ପାଇବା ପାଇଁ ବ୍ୟବସ୍ଥା ହେଉଛି କୌଣସି ରାଜ୍ୟର ବିଧାନସଭାରେ ଦଳ ସମୁଦାୟ ଆସନର ତିନି ପ୍ରତିଶତରେ ବିଜୟ ହୋଇଥିବେ କିମ୍ବା ସର୍ବନିମ୍ନ ତିନୋଟି ବିଧାନସଭା ଆସନ ସହ ପ୍ରତି ୨୫ ଲୋକସଭା ଆସନରେ ସର୍ବନିମ୍ନ ଗୋଟିଏ ଆସନ ଜିଣିଥିବେ କିମ୍ବା ଦଳ ବିଧାନସଭା ନିର୍ବାଚନରେ ସର୍ବନିମ୍ନ ଭାବେ ୬ପ୍ରତିଶତ ଭୋଟ ସହ ଅନ୍ୟୁନ ଗୋଟିଏ ଲୋକସଭା ଓ ଦୁଇଟି ବିଧାନସଭା ଆସନରେ ବିଜୟ ଲାଭ କରିଥିବେ। ସେହିପରି ଏକାଧିକ ରାଜ୍ୟରେ ମୋଟ ୮ପ୍ରତିଶତ ଭୋଟ ସହ ଅନ୍ତତଃ ଗୋଟିଏ ବିଧାନସଭା ଆସନ ପାଇଥିବା ଦଳକୁ ମଧ୍ୟ ଆଞ୍ଚଳିକ ଦଳ ଭାବେ ନିର୍ବାଚନ କମିଶନ ସ୍ୱୀକୃତି ଦେଇଥାନ୍ତି।

ବିଶ୍ୱର ସବୁଠାରୁ ବଡ଼ ଗଣତାନ୍ତ୍ରିକ ରାଷ୍ଟ୍ର ଭାବେ ଭାରତ ପଞ୍ଚମାନବୀୟ ମୂଲ୍ୟବୋଧ ସହ ଜାତି, ଧର୍ମ, ବର୍ଣ୍ଣ, ଲିଙ୍ଗ, ଭାଷା ଓ ସଂସ୍କୃତି ଠାରୁ ଉର୍ଦ୍ଧ୍ୱରେ ରହି ଜନସାଧାରଣଙ୍କ ବିଶ୍ୱାସ ଭାଜନ ହୋଇ ଗଣତନ୍ତ୍ରର ମନ୍ଦିର ଲୋକସଭାକୁ ନିର୍ବାଚିତ ହୋଇଥାନ୍ତି। ଭାରତରେ ଦିନକୁ ଦିନ ଆଞ୍ଚଳିକ ଦଳ ଭାବେ ନୂଆ ନୂଆ ଦଳ ଗଠନ ହେଉଥିବାରୁ ଏହା କିନ୍ତୁ ନିର୍ବାଚନ କମିଶନଙ୍କ ପାଇଁ ମୁଣ୍ଡ ବିନ୍ଧାର କାରଣ ଏତେ ସଂଖ୍ୟକ ରାଜନୈତିକ ଦଳ ପାଇଁ ସେମାନଙ୍କ ପସନ୍ଦର ନିର୍ବାଚନୀ ଚିହ୍ନ ଦେବା କମିଶନଙ୍କ ପାଇଁ କାଠିକର ପାଠ। ଜାତୀୟ ଓ ଆଞ୍ଚଳିକ ଦଳ ମାନେ ନିଜ ନିଜର ମନୋନୀତ ନିର୍ଦ୍ଦିଷ୍ଟ ନିର୍ବାଚନୀ ସ୍ୱୀକୃତି ପୂର୍ବକ ଚିହ୍ନ ପାଇଥିବାବେଳେ ଅଣସ୍ୱୀକୃତ ଦଳକୁ ନିର୍ବାଚନ କମିଶନ ରିର୍ଜଭ ଭାବେ ରଖିଥିବା ୮୪ଟି ଚିହ୍ନରୁ ଗୋଟିଏ ଦେଇଥାନ୍ତି। ତେବେ ଏସବୁ ଭିତରେ ଅନେକ ପ୍ରସଙ୍ଗକୁ ଅଣଦେଖା କରାଯିବ ନାହିଁ। ଭାରତର ଆୟକର ଆଇନ ବ୍ୟବସ୍ଥା ଅନୁଯାୟୀ କୌଣସି ରାଜନୈତିକ ଦଳ ନିଜ ଆୟ ଉପରେ ଟିକସ ଦେଇନଥାନ୍ତି। ଯାହାଦ୍ୱାରା ତଥାକଥିତ ବ୍ଲାକମନି ଧଳା ହେବାର ଏକ ପ୍ରକୃଷ୍ଟ କ୍ଷେତ୍ର ପାଲଟିଥାଏ ସେହିପରି ଯେଉଁ ବ୍ୟକ୍ତିବିଶେଷ ବା ସଂସ୍ଥା ନିଜ ପସନ୍ଦର ରାଜନୈତିକ ଦଳକୁ ଦଳୀୟ ପାଣ୍ଠି ଦେଇଥାନ୍ତି ତାହା ଆୟକର ମୁକ୍ତ ବ୍ୟବସ୍ଥା ରହିଛି। ଏପରିକି ପାଣ୍ଠି ଯୋଗାଉଥିବା ସମ୍ପୃକ୍ତ ପକ୍ଷଙ୍କ ସୂଚନା ଓ ପରିଚୟ ଗୋପନୀୟ ରହିବାର ବ୍ୟବସ୍ଥା ମଧ୍ୟ ରହିଛି। ତେବେ ଏ ତଥାକଥିତ ଗୋପନୀୟତା କଳାଟଙ୍କାର ଗଣିତକୁ କେତେକ କ୍ଷେତ୍ରରେ ବଦଳାଇ ଦେଇଥାଏ। ତେବେ ଆଲୋଚ୍ୟର ପ୍ରସଙ୍ଗ ହେଉଛି ଏହା ତମାମ ରାଜନୈତିକ ଦଳଙ୍କ ଭିତରୁ ମାତ୍ର ୫ପ୍ରତିଶତ ଅଣସ୍ୱୀକୃତି ପ୍ରାପ୍ତ ଦଳ ନିୟମିତ ଭାବେ ନିଜର ଆୟକର ତଥ୍ୟ ସାର୍ବଜନୀନ କରିଥାନ୍ତି। ଏଠାରେ ପାଠକଙ୍କୁ ସ୍ମରଣ କରାଯାଇପାରେକି ୨୦୧୬ରେ ପ୍ରତ୍ୟକ୍ଷ କର ବୋର୍ଡ଼କୁ ୨୦୦୫ରୁ ୨୦୧୫ ଭିତରେ ନିର୍ବାଚନ ସାମ୍ନା କରିନଥିବା ୨୫୫ଟି ଦଳର ଆର୍ଥିକ କାରବାର ଯାଞ୍ଚ ନିର୍ଦ୍ଦେଶନାମା ଜାରି ହୋଇଥିଲା। ରାଜନୈତିକ ଦଳକୁ ସ୍ୱୀକୃତି ପ୍ରଦାନ ପାଇଁ ନିର୍ବାଚନ କମିଶନଙ୍କ କ୍ଷମତା ରହିଛି। କିନ୍ତୁ ଦୁର୍ଭାଗ୍ୟର ପ୍ରସଙ୍ଗ ହେଉଛି ଏହି ରାଜନୈତିକ ଦଳର ପଞ୍ଜୀକରଣ ରଦ୍ଦ ହେଉ ବା ସନ୍ଦିଗ୍ଧ ଆର୍ଥିକ ବା ଅନୈତିକ କାରବାରର ତଦନ୍ତ ବା ଯାଞ୍ଚ ପାଇଁ ତାଙ୍କ ପାଖରେ କ୍ଷମତା ନାହିଁ।

ଚଳିତ ଥର କେନ୍ଦ୍ରରେ ମଜଭୁତ୍ ଓ ଶକ୍ତିଶାଳୀ ସରକାରର ମଙ୍ଗ ଧରିଥିବା ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦି ଚଳିତ ନିର୍ବାଚନ ପାଇଁ ୩୦ରୁ ଉର୍ଦ୍ଧ୍ୱ ଆଞ୍ଚଳିକ ଦଳ ସହ ବନ୍ଧୁତ୍ୱ ମେଣ୍ଟ କରିଛି। ଅଟଳ ବିହାରୀ ବାଜପେୟୀଙ୍କ ଶାସନ ସମୟରେ ଭାରତର ରାଜନୈତିକ କ୍ଷେତ୍ରରେ ପ୍ରଥମ ଥର ପାଇଁ ଆଞ୍ଚଳିକ ଦଳର ସହଯୋଗ ନେଇ ସେ ସରକାର ଗଢ଼ିଥିଲେ। ବର୍ତ୍ତମାନର ନରେନ୍ଦ୍ର ମୋଦିଙ୍କ ସରକାରରେ ଅନେକ ଆଞ୍ଚଳିକ ଓ ସ୍ଥାନୀୟ ଦଳ ମେଣ୍ଟଭୁକ୍ତ ହୋଇଛନ୍ତି। ପ୍ରଧାନମନ୍ତ୍ରୀ ମୋଦି ତାଙ୍କ ଡବଲ ଇଞ୍ଜିନ ତତ୍ତ୍ୱର ଯେଉଁ ଆବଶ୍ୟକୀୟ ସହଯୋଗୀତା ସୂଚୀତ କରିଛନ୍ତି ତାହା ଆଞ୍ଚଳିକ ବିକାଶ କ୍ଷେତ୍ରରେ ବଡ଼ ଗୁରୁତ୍ୱ ରଖିବ। ଏଠାରେ ପାଠକଙ୍କୁ ସ୍ମରଣ କରୁକି ଯେ ପ୍ରଥମ ଲୋକସଭାରେ ମାତ୍ର ୭% ଆସନକୁ ଆଞ୍ଚଳିକ କବ୍ଜା କରିଥିବାବେଳେ ୨୦୧୪ର ଷୋଡ଼ଶ ଲୋକସଭାରେ ଏହି ଦଳର ସଙ୍ଗଠନ ଓ ଉପସ୍ଥିତି ବଢ଼ି ୩୨% ପହଞ୍ଚିଛି। ଏହା ଏକ ସ୍ୱାଭାବିକ ପ୍ରସଙ୍ଗ କୌଣସି ରାଜ୍ୟରେ ଏକ ତୃଣମୂଳସ୍ତରରୁ ସୁଦୃଢ଼ ହୋଇଥିବା ଆଞ୍ଚଳିକ ଦଳ ଜାତୀୟ ଦଳର ଉପସ୍ଥିତି ଓ ପ୍ରଭାବକୁ ନିଶ୍ଚିନ୍ତ ଭାବେ ପତିଆରା ବୃଦ୍ଧିରେ ବାଧକ ସାଜିବ। ଏଠାରେ ଆଉ ଏକ ପରିସଂଖ୍ୟାନର ତଥ୍ୟ ସ୍ପଷ୍ଟ କରୁକି ଯେ ବିଗତ ଲୋକସଭାରେ ୩୧ଟି ଦଳ ଆଞ୍ଚଳିକ ଦଳର ଦବ୍‌ଦବା ରଖିଥିଲେ। ୧୯୮୪ରେ ଭାରତରେ ପ୍ରଥମଥର ପାଇଁ ତେଲଗୁଦେଶମ ଆଞ୍ଚଳିକ ଦଳ ଭାବେ ଆତ୍ମ ପ୍ରକାଶ କରିବା ପରେ ୧୯୯୬ ପରଠାରୁ ସଂସଦରେ ଆଞ୍ଚଳିକ ଦଳର ଗହଳି ବଢ଼ିଛି। ପଶ୍ଚିମବଙ୍ଗରେ ତୃଣମୂଳ, ତାମିଲନାଡୁରେ ଏଆଇଡିଏମ୍‌କେ, ଓଡ଼ିଶାରେ ବିଜେପି, ଉତ୍ତରପ୍ରଦେଶରେ ସମାଜବାଦୀ ପାର୍ଟି ଓ ବହୁଜନ ସମାଜବାଦୀ ପାର୍ଟି, ନୂଆଦିଲ୍ଲୀରେ ଆପ୍ ପରି ପ୍ରମୁଖ ଆଞ୍ଚଳିକ ଦଳ ନିଜ ନିଜ କ୍ଷେତ୍ରରେ ସୁଦୃଢ଼ ପ୍ରଭାବ ରଖିଥିବାରୁ ଏହି ଦଳର ପ୍ରତିନିଧି ନିର୍ବାଚିତ ହେବା ପରେ ସଂସଦର ଉପର ସଦନ କୁହାଯାଉଥିବା ରାଜ୍ୟ ସଭାରେ ସେମାନଙ୍କର ପ୍ରତିନିଧିତ୍ୱକୁ ବଢ଼ାଇ ଚାଲିଛନ୍ତି। ୧୯୮୪ ବେଳେ ଆଞ୍ଚଳିକ ଦଳମାନେ ୧୧.୨% ଭୋଟ ପାଇଥିବାବେଳେ ୨୦୧୪ରେ ତାହା ୪୬.୬%କୁ ବଢ଼ିଛି। ସେହିପରି ଭାରତର ଦୁଇ ବଡ଼ ଦଳ କୁହାଯାଉଥିବା କଂଗ୍ରେସ ଓ ବିଜେପି ଦଳର ଯଥାକ୍ରମେ ୩୧.୩୪%, ୧୯.୫୨% ଭୋଟ ହାର ସହ ଏନ୍‌ଡିଏ ମେଣ୍ଟର ୩୮.୫% ଭୋଟରେ ଆଞ୍ଚଳିକ ସହଯୋଗୀ ଦଳଙ୍କ ସମର୍ଥନ ହେଉଛି ୭%। ବିଗତ କଂଗ୍ରେସର ଉପା ସରକାର ସମୟରେ ୟୁପିଏର ୨୩%ରେ ୪% ସମର୍ଥନ ଓ ସହଯୋଗ ଜୁଟାଇଥିଲେ ଆଞ୍ଚଳିକ ଦଳ। ଭାରତୀୟ ରାଜନୈତିକ ବ୍ୟବସ୍ଥାରେ ଦେଖାଯାଉଛି ଆଞ୍ଚଳିକ ଦଳମାନେ ନିଜ ନିଜ କ୍ଷେତ୍ରରେ ଦିନକୁ ଦିନ ପ୍ରଭାବ ବଢ଼ାଇ ଚାଲିଛନ୍ତି। ଚଳିତ ନିର୍ବାଚନରେ ମୋଦିଙ୍କ ଲୋକପ୍ରିୟ ସ୍ଲୋଗାନ 'ମଜବୁର ନୁହଁ ମଜଭୁତ୍ ସରକାର' ଅତ୍ୟନ୍ତ ପ୍ରାସଙ୍ଗିକ। କେନ୍ଦ୍ରରେ ଶକ୍ତିଶାଳୀ ଓ ସୁରକ୍ଷିତ ସରକାରକୁ ଦେଖିବାକୁ ଚାହିଁଲେ ମୋଦିଙ୍କ ଡବଲ ଇଞ୍ଜିନ୍ ତତ୍ତ୍ୱ ନିଶ୍ଚିନ୍ତ ଭାବେ ଗ୍ରହଣୀୟ ଏବଂ ଆଞ୍ଚଳିକ ଦଳ ମାନଙ୍କ ଅସଙ୍ଗଠିତ ପ୍ରଭାବ ଜାତୀୟ ପ୍ରଗତିର ବାଧକ ନିଶ୍ଚୟ ହେବ। ବିଗତ ଉପା ସରକାରରେ ଡକ୍ଟର ମନମୋହନ ସିଂହଙ୍କ ପ୍ରଧାନମନ୍ତ୍ରୀତ୍ୱ ବେଳେ ରାଜନୈତିକ ନିଷ୍ପତ୍ତି କ୍ଷେତ୍ରରେ ଅନେକ ପ୍ରସଙ୍ଗ ବିତର୍କିତ ହୋଇଥିଲା। ଅଟଳ ବିହାରୀ ବାଜପେୟୀ କୁହନ୍ତୁ ବା ନରେନ୍ଦ୍ର ମୋଦି ନିଜ କ୍ୟାବିନେଟରେ ଗୁରୁତ୍ୱପୂର୍ଣ୍ଣ ଆଞ୍ଚଳିକ ଦଳର ପ୍ରତିନିଧିଙ୍କୁ ରଖିବା ସହ ଶାସନ କ୍ଷେତ୍ରରେ ଦୃଢ଼ ନିଷ୍ପତ୍ତି ନେଉଛନ୍ତି। ଅନେକ ଯୁଗାନ୍ତକାରୀ ବିକାଶମୂଳକ ଓ କଲ୍ୟାଣମୂଳକ ଯୋଜନା ଏହି ଦୁଇ ପ୍ରଧାନମନ୍ତ୍ରୀଙ୍କ ସମୟରେ ଆରମ୍ଭ ହୋଇଛି। ଭାରତରେ ଆଞ୍ଚଳିକ ଦଳ ମାନଙ୍କର ଶକ୍ତି ଓ ଗୁରୁତ୍ୱ ଚଳିତ ନିର୍ବାଚନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ରଖିବ ନିଶ୍ଚୟ।


*ଆଡ୍‌ଭୋକେଟ*
*ଓଡ଼ିଶା ହାଇକୋର୍ଟ, କଟକ*
*ଦୂରଭାଷ : ୯୪୩୭୦୦୪୪୬୬*


# ନିର୍ବାଚନ ଇସ୍ତାହାରରେ ନିଶା ନିବାରଣ

ଡଃ.ଅରୁନ୍ଧତୀ ଦେବୀ

**ମ**ଦ, ମଦୁଆ ଓ ନିଶା ବେପାରୀ ତଥା ସେମାନଙ୍କ ପୃଷ୍ଠପୋଷକମାନେ ନେତାମାନଙ୍କୁ କାବୁ କରି ରଖିଥିବାରୁ ପ୍ରମୁଖ ରାଜନୈତିକ ଦଳମାନେ ସେମାନଙ୍କ ନିର୍ବାଚନୀ ଇସ୍ତାହାରରେ ନିଶା ନିବାରଣକୁ ସ୍ଥାନ ଦେଉନାହାନ୍ତି ବୋଲି ଓଡ଼ିଶା ମଦମୁକ୍ତି ଅଭିଯାନ ପକ୍ଷରୁ ଅଭିଯୋଗ ହୋଇଛି । ମଦ ଓ ଅନ୍ୟାନ୍ୟ ନିଶା କାରବାର ସରକାରୀ ଓ ରାଜନୈତିକ ପୃଷ୍ଠପୋଷକତା ଯୋଗୁଁ ଗତ ୨୦ ବର୍ଷ ଭିତରେ ରାଜ୍ୟରେ ଉଦ୍‌ବେଗଜନକ ଭାବରେ ବଢ଼ି ଚାଲିଛି । ଏଥିଯୋଗୁଁ ଧର୍ଷଣ ସମେତ ମହିଳାମାନଙ୍କ ଉପରେ ହିଂସା ବଢୁଛି । କେବଳ ସେତିକି ନୁହେଁ ବିଭିନ୍ନ କିସମର ଅପରାଧ ବି ନିଶାଡ଼ିମାନେ ଘଟାଉଛନ୍ତି । ଏହାଛଡ଼ା ନିଶା ପାଣିରେ ପଇସା ଉଡୁଥିବାରୁ ବହୁ ପରିବାର ଓ ବ୍ୟକ୍ତି ବିଶେଷ ଉଜୁଡୁଛନ୍ତି । ଦୁର୍ଘଟଣା ସହିତ ରୋଗବାଧି ବି ବଢୁଛି । ନିଶା ଯୋଗୁଁ ଆଳସ୍ୟ ପ୍ରବୃତ୍ତି ବଢ଼ିବା ସଙ୍ଗେ ସଙ୍ଗେ ଉତ୍ପାଦନ ମଧ୍ୟ ଗୁରୁତର ଭାବେ ପ୍ରଭାବିତ ହେଉଛି । ରାଜନୈତିକ ଓ ପ୍ରଶାସନିକ ବ୍ୟବସ୍ଥାକୁ ବି ନିଶା ପଙ୍ଗୁ କରୁଛି । ଦାରିଦ୍ର୍ୟ ଦୂରୀକରଣ ସମେତ ସାକ୍ଷରତା ଓ ଖାଦ୍ୟ ନିରାପତ୍ତା ଆଦି ବିଭିନ୍ନ ସରକାରୀ ଯୋଜନାରୁ ବି ଆଶାନୁରୂପ ସଫଳତା ମିଳୁନାହିଁ । ଏହି ସମସ୍ୟା ଭୟାବହ ହେବାରୁ ଗତ କିଛିବର୍ଷ ଧରି ରାଜ୍ୟର ବିଭିନ୍ନ ଅଞ୍ଚଳର ମହିଳାମାନେ ରାଜରାସ୍ତାକୁ ଓହ୍ଲାଇ ମଦ ଭାଟି ଭାଙ୍ଗୁଛନ୍ତି । ଏହା ମହିଳା ସଶକ୍ତିକରଣ କାର୍ଯ୍ୟକ୍ରମର ଅଂଶ ବିଶେଷ ବୋଲି ସରକାର ସ୍ୱୀକାର କରିବା ସହ ଯୁବ ପିଢ଼ି ନିଶା ରାକ୍ଷସ କବଳକୁ ଚାଲି ଯାଉଥିବାରୁ ଉଦ୍‌ବେଗ ବି ପ୍ରକାଶ କରୁଛନ୍ତି । କେବଳ ସେତିକି ନୁହେଁ ଗୁଟ୍‌ଖା ଭଳି ମାରାତ୍ମକ ନିଶା ସାମଗ୍ରୀର ଉତ୍ପାଦନ ଓ ବିପଣନକୁ ନିଷିଦ୍ଧ କରି ଆଇନ ପ୍ରଣୟନ ହୋଇଥିଲେ ବି ଏହା ଖୋଲାଖୋଲି ଭାବେ ଚାଲୁଛି ।

ସମଗ୍ର ରାଜ୍ୟରେ ମଦ ଓ ଅନ୍ୟାନ୍ୟ ନିଶା ବିରୋଧରେ ସୃଷ୍ଟି ହୋଇଥିବା ଗଣଜାଗରଣକୁ ସମ୍ମାନ ଦେଇ ରାଜନୈତିକ ଦଳମାନେ ସେମାନଙ୍କ ନିର୍ବାଚନୀ ଇସ୍ତାହାରରେ ଏହି ପ୍ରସଙ୍ଗକୁ ପ୍ରମୁଖ ସ୍ଥାନ ଦେବା ସହିତ ନବକୃଷ୍ଣ ଚୌଧୁରୀଙ୍କ ମୁଖ୍ୟମନ୍ତ୍ରୀତ୍ୱ ସମୟରେ ୧୯୫୬ ମସିହାରେ ପ୍ରଣୀତ ଓଡ଼ିଶା ନିଶା ନିବାରଣ ଆଇନକୁ ସଂଶୋଧନ ସହ କଡ଼ାକଡ଼ି ଭାବେ ଲାଗୁ କରିବା ପାଇଁ ମଦ ମୁକ୍ତି ଅଭିଯାନ ପକ୍ଷରୁ ନିବେଦନ କରାଯାଇଥିଲା । ରାଜ୍ୟର ବହୁ ବିଶିଷ୍ଟ ବ୍ୟକ୍ତି ବି ଏ ସମ୍ପର୍କରେ ମତ ରଖିଥିଲେ । କିନ୍ତୁ କଂଗ୍ରେସ, ବିଜେଡ଼ି ଓ ବିଜେପି ଭଳି ପ୍ରମୁଖ ରାଜନୈତିକ ଦଳମାନେ ସେମାନଙ୍କ ଇସ୍ତାହାରରେ ମଦ ଓ ମଦୁଆଙ୍କ ଦ୍ୱାରା ପ୍ରଭାବିତ ଭ୍ରଷ୍ଟ ବ୍ୟବସ୍ଥାର ଅନ୍ତ ପାଇଁ କିଛି କହିନାହାନ୍ତି । ଓଡ଼ିଶାରେ ବାର୍ଷିକ ୫୦ ହଜାର କୋଟି ଟଙ୍କାରୁ ଉର୍ଦ୍ଧ୍ୱ ନିଶା ପାଣିରେ ବରବାଦ ଦେଉଛି । ରାଜ୍ୟର ଆର୍ଥିକ, ସାମାଜିକ, ରାଜନୈତିକ, ସାଂସ୍କୃତିକ ଓ ଆଧ୍ୟାତ୍ମିକ ଅବକ୍ଷୟ ପାଇଁ ନିଶା ମୁଖ୍ୟତଃ ଦାୟୀ ଥିବାବେଳେ ପ୍ରମୁଖ ରାଜନୈତିକ ଦଳମାନେ ଏ ସମ୍ପର୍କରେ ନୀରବ ରହିଛନ୍ତି । ମଦ ଦୁର୍ନୀତି ଓ ଭ୍ରଷ୍ଟାଚାରର ଜନନୀ ହୋଇଥିବା ବେଳେ ରାଜନୀତିକୁ ଦୁର୍ନୀତି ଓ ଭ୍ରଷ୍ଟାଚାରରୁ ମୁକ୍ତ କରିବା ପାଇଁ ପ୍ରତିଶ୍ରୁତି ଦେଉଥିବା ଦଳମାନେ କିନ୍ତୁ ଏଥିପ୍ରତି ଉଦାସୀନ । ଓଡ଼ିଶା ଓ ଭାରତରେ ଗୁଜୁରାଟ ମଡ଼େଲ ଶାସନ ପ୍ରତିଷ୍ଠା କରିବାକୁ ବିଜେପି କହୁଥିବା ବେଳେ ୫୦ ବର୍ଷ ଧରି ଗୁଜୁରାଟ ନିଶା ନିବାରଣ ଆଇନକୁ କଡ଼ାକଡ଼ି ଭାବେ କାର୍ଯ୍ୟକାରୀ କରୁଥିଲେ ମଧ୍ୟ ଓଡ଼ିଶା ବିଜେପି ନେତାମାନେ ଏ ସମ୍ପର୍କରେ ନୀରବ । ସ୍ୱାଧୀନତା ଆନ୍ଦୋଳନ ବେଳେ ମଦ ବିରୋଧରେ ପିକେଟିଂ କଂଗ୍ରେସର କାର୍ଯ୍ୟକ୍ରମ ଥିବାବେଳେ ଏବେ ଏହି ଦଳ ନିଶା ନିବାରଣ ଅଭିଯାନ କଥା ଉଠାଉନାହିଁ । ମଦ ବିରୋଧରେ ଅଭିଯାନ ପାଇଁ ବିଜୁ ବାବୁ ତାଙ୍କ ଶାସନ କାଳରେ ମହିଳାମାନଙ୍କୁ ପୋଲିସ କ୍ଷମତା ଦେଇଥିବାବେଳେ ବିଜେଡ଼ି ବି ତାହାର ଇସ୍ତାହାରରେ ମଦ ନିଷେଦ୍ଧ ସମ୍ପର୍କରେ ପଦେ ହେଲେ କହିନଥିବାରୁ ଓଡ଼ିଶା ମଦମୁକ୍ତି ଅଭିଯାନ କ୍ଷୋଭ ପ୍ରକାଶ କରିଛି । ସଂପ୍ରତି ନିର୍ବାଚନର ଉଷ୍ମତା ଯେଉଁପରି ଭାବରେ ବୃଦ୍ଧି ପାଇଚାଲୁଛି ସେହିକ୍ରମରେ ନିଶାର ବ୍ୟାପକତା ବଢ଼ି ଚାଲୁଛି । ଯାହାଦ୍ୱାରା ବିଶେଷକରି ଯୁବବର୍ଗ ଓ କଲେଜ ପଢୁଆ ଛାତ୍ରମାନେ ବି ଏହି ନିଶା ରାକ୍ଷାସର କବଳରେ ପଡ଼ି ନିଜକୁ ବରବାଦ୍ କରିବା ସହ ନିଜ ହାତରେ ନିଜ ଭବିଷ୍ୟତକୁ ଉଜାଡ଼ି ଦେଉଛନ୍ତି । ନିର୍ବାଚନ ସମୟରେ ସରକାରୀ ସ୍ତରରେ ନିଶାନିବାରଣ ପାଇଁ ଯେଉଁପରି କଡ଼ାକଡ଼ି ଆଇନ ବ୍ୟବସ୍ଥା ରହିଛି ତାହା ସଠିକ ଭାବରେ ପାଳନ ନକରାଯାଉଥିବାରୁ ଉଦ୍‌ବେଗଜନକ ଭାବରେ ଏହାର ପ୍ରକୋପ ସମାଜକୁ କ୍ଷତିଗ୍ରସ୍ତ କରୁଛି । ତେବେ ସବୁଠାରୁ ବଡ଼ ଖୁସିର ପ୍ରସଙ୍ଗ ହେଉଛି ଆମ ଦେଶ ଓ ରାଜ୍ୟରେ ନ୍ୟାୟପାଳିକା ଅନେକ ସମୟରେ ଏ ସଂକ୍ରାନ୍ତରେ ଦୃଷ୍ଟାନ୍ତମୂଳକ କଡ଼ା ପଦକ୍ଷେପ ନେଇଥିବାରୁ ତାହା ଏହି ନିଶାଖୋରଙ୍କ ପାଇଁ ନିଶ୍ଚିତ ଭାବରେ ଅଙ୍କୁଶ ଲଗାଇବାରେ ସଫଳ ହୋଇଛି । ତେବେ ମୁହଁରେ ନିଶାନିବାରଣର ରାମନାମ ପରି ମାଳା ଜପୁଥିଲେ ବି ବାସ୍ତବରେ କୌଣସି ଦଳ ନିର୍ବାଚନ ଇସ୍ତାହାରରେ ଏହି ନିଶା ନିବାରଣ ସଂକ୍ରାନ୍ତରେ ନିର୍ବାଚନ ପ୍ରତିଶ୍ରୁତି ଦେଇନାହାନ୍ତି । ଯେଉଁ ପର୍ଯ୍ୟନ୍ତ ଏ ସମାଜରେ ନିଶା ରାକ୍ଷାସର ପ୍ରାର୍ଦୁଭାବ ନ କମିବ ସେ ପର୍ଯ୍ୟନ୍ତ ଏକ ସୁସ୍ଥ ଓ ସୁନ୍ଦର ତଥା ଚେତନାଦାୟୀ ସମାଜ ଗଢ଼ିବା ଅସମ୍ଭବ ଏବଂ ଭାରତର ଯୁବଶକ୍ତି ନିଶ୍ଚିନ୍ତ ଭାବରେ ନିଜ ଭବିଷ୍ୟତକୁ ନଷ୍ଟ କରିବାକୁ ଯାଉଥିବାରୁ ଏ ନେଇ ସାଧାରଣରେ ସଚେନତନା ସୃଷ୍ଟି ହେଲେ ସେମାନେ ଜଣେ ଭଲ ମଣିଷ ହୋଇ ଭଲ ଜୀବନ ଗଢ଼ିପାରିବେ ।


*ଶୋଭନୀୟ ଆନ୍ଦୋଳନ, ଭୁବନେଶ୍ୱର*
*ଦୂରଭାଷ : ୯୯୩୭୧୭୨୮୧୦*


# ମୋକ୍ଷ ପଥ

ଯୋଗୀ ଗଣେଶ୍ୱର

ଭାଗ-୫୧

*"ଆହେ ସାଧୁଜନେ ଗୋବିନ୍ଦ*
*ଚରିତ ମନରେ ଭାବନା କର ।*
*ଶ୍ରୀହରି ଭଜନ କର ସର୍ବଜନ*
*ହେବ ଭବସିନ୍ଧୁ ପାର ।।"*

**କ**ଳିକଳୁଷିତ ମାନବସମାଜ ଏକ ଦୁଃଖର ସାଗର। ପ୍ରତିକ୍ଷଣରେ କଳି ପ୍ରଭାବିତ ମାନବଗଣ ଭ୍ରମାତ୍ମକ ସ୍ଥିତିରେ କାଳଯାପନ କରିଥାନ୍ତି। ଜୀବାତ୍ମାର ଉଦ୍ଧାର ପଥ ଛାଡ଼ି ଜନ୍ମମରଣଚକ୍ରରେ ଛନ୍ଦି ହୋଇ ପଡୁଥିବା ମନୁଷ୍ୟ କେବଳ ଭଗବତ୍ କୃପାବଳରେ ସୁଖର ସଂସାର ଗଢ଼ିବା ନିମନ୍ତେ ସମର୍ଥ। ଯୁଗବେଭାରକୁ ପାଥେୟ କରି ମାୟାଜଡ଼ିତ ମାୟା ବିଜଡ଼ିତ ମନୁଷ୍ୟଙ୍କ ମଧ୍ୟରେ ଅହରହ ସଂଗ୍ରାମ ଜାରି ରହିଛି। ସଂଗ୍ରାମ କାଳରେ କେହି କଳିମୁହଁରେ ଚାଲି ଯାଉଛନ୍ତି ତ ଆଉ କେହି ଭଗବାନଙ୍କର କୃପାରୁ ଜୟର ପତାକାଧରି ବଞ୍ଚି ରହୁଛନ୍ତି। ସତ୍ ଅସତର ଜଗତରେ ପ୍ରାଚୀନ ବଙ୍ଗଦେଶର ଯୁବରାଜ ଗୋବିନ୍ଦଚନ୍ଦ୍ରଙ୍କ ଜୀବନ ଚରିତ ଏକ ବଳିଷ୍ଠ ଉଦାହରଣ। ଆତ୍ମାର ମୃତ୍ୟୁ ନାହିଁ। ଶରୀର ବି ଅକାଳମୃତ୍ୟୁ ଲଭେନାହିଁ। ବ୍ରହ୍ମଜ୍ଞାନ ବଳରେ କୋଟିକୋଟି ମନୁଷ୍ୟ ମର୍ତ୍ତ୍ୟଲୋକ ତ୍ୟାଗକରି ଜନଲୋକରେ ବାସ କରୁଛନ୍ତି! କଳି ପ୍ରଭାବିତ ଦୁଃଖରୁ ରକ୍ଷାପାଇବା ଉଦ୍ଦେଶ୍ୟରେ ମହାବିଷ୍ଣୁଙ୍କ ଦୟାରୁ ସେମାନେ ମର୍ତ୍ତ୍ୟରୁ ସଶରୀରରେ ଅନ୍ତର୍ହିତ ହୋଇଛନ୍ତି। ସତ୍ୟଯୁଗ ଫେରିବା ପର୍ଯ୍ୟନ୍ତ ସେଇ ଦିବ୍ୟସନ୍ତାନଗଣ ଜନଲୋକର ପରମାନନ୍ଦ ଭିତରେ କାଳଯାପନ କରୁଛନ୍ତି! ଏହି ଗମ୍ଭୀର ତତ୍ତ୍ୱ ଉପରେ ବିଚାର ବିମର୍ଶ କଲେ ବୁଝାପଡ଼େ ଭୋଗବିଳାସ ସର୍ବସ୍ୱ ନୁହେଁ, ଈଶ୍ୱର ସର୍ବସ୍ୱ! ଏହି ମର୍ମରେ ଜନଜଗତକୁ ଦୀକ୍ଷାପ୍ରଦାନ କରିଛନ୍ତି ଯୋଗୀଗୋବିନ୍ଦଚନ୍ଦ୍ର। ଭୋଗବିଳାସ ମନୁଷ୍ୟକୁ ନର୍କଗାମୀ କରିଥାଏ। ତ୍ୟାଗ ପୌରୁଷାକାର ଉତ୍ପତ୍ତିର ଉତ୍ସ। ଯେପରି କୁରୁକ୍ଷେତ୍ର ଯୁଦ୍ଧଭୂମିରେ ଭଗବାନଶ୍ରୀକୃଷ୍ଣ ଅର୍ଜୁନଙ୍କୁ ଜନ୍ମମୃତ୍ୟୁର ଦୀକ୍ଷା ଦେଇ ମୋହଭଙ୍ଗ କରାଇଥିଲେ, ସେହିପରି ଗୁରୁ ହାଡ଼ିପା ବିଳାସ ଜନିତ ମୋହଭଙ୍ଗର ଦୀକ୍ଷା ଦେଇଥିଲେ ରାଜା ଗୋବିନ୍ଦଚନ୍ଦ୍ରଙ୍କୁ। ଗୁରୁଦୀକ୍ଷାରେ ସମର୍ପିତ ରାଜପୁତ୍ର ସଂସାରମାୟାକୁ ସ୍ୱଚକ୍ଷୁରେ ଦେଖି ତ୍ୟାଗ କରିବା ଏକ ବିରଳ ଚରିତ୍ର। ବୁଦ୍ଧିଶ୍ରେଷ୍ଠ ମନୁଷ୍ୟ ଇଚ୍ଛାକଲେ କିସ ନ କରିପାରେ ତାହାର ସ୍ପଷ୍ଟ ପ୍ରମାଣ ହେଉଛନ୍ତି ଯୋଗୀଗୋବିନ୍ଦ। ଜନ୍ମ ମୃତ୍ୟୁଚକ୍ରରୁ ତ୍ରାହି ଇଚ୍ଛା କରୁଥିବା ମନୁଷ୍ୟ ଭାବପ୍ରବଣତାକୁ ପ୍ରଶୟ ନ ଦେଇ ଉପଯୁକ୍ତ ଗୁରୁ ଚୟନ କରିବା ବିଧିସଙ୍ଗତ। ମର୍ତ୍ତ୍ୟମଣ୍ଡଳ ଧନ, ମାନ, ବଡ଼ାଇର ଭୂମି ନୁହେଁ। ଈଶ୍ୱରଙ୍କ ସହିତ ଜଡ଼ିତ ରହି ତାଙ୍କରି ନିର୍ଦ୍ଦେଶିତ କର୍ମଭୂମି ନିର୍ମାଣ କରିବାର ପରୀକ୍ଷଣ ସ୍ଥଳ! ଦିବ୍ୟରୁ ଦିବ୍ୟତର ଗତି କରିବା ନିମନ୍ତେ ସାଧନାଭୂମି ନିର୍ମାଣ କରିଛନ୍ତି ସ୍ରଷ୍ଟା! ମହତ ମନୁଷ୍ୟଗଣ ସତ୍‌ପଥରେ ଜୀବନ ବିତାଇବା ନିମନ୍ତେ ମର୍ତ୍ତ୍ୟରେ ଜନ୍ମ ହୋଇଥାନ୍ତି। ମାତ୍ର ସଂସାରମାୟାରେ ମହତବୁଦ୍ଧି ହରାଇ ଅକାଳ ମୃତ୍ୟୁମୁଖରେ ପଡ଼ନ୍ତି! ସ୍ୱଳ୍ପ ଜ୍ଞାନ, କ୍ଷଣିକ ସୁଖ, ସାମାନ୍ୟ ଧନର ଅଂହକାରରେ ଜୀବନର ଅସଲ ଉଦ୍ଦେଶ୍ୟକୁ ଭୁଲି ଯାଆନ୍ତି।

ଯୋଗୀଗୋବିନ୍ଦ ଗୁରୁଙ୍କୁ ସ୍ମରଣ କରି ଦର୍ଶନ ଇଚ୍ଛା କଲେ। କୈଳାସ ପର୍ବତ ଅଭିମୁଖେ ଯାତ୍ରା ଆରମ୍ଭ ପୂର୍ବରୁ ମାତାଙ୍କୁ ଭେଟିବା ନିମନ୍ତେ ବଙ୍ଗ ରାଜଧାନୀରେ ପହଞ୍ଚିଲେ। ଭଙ୍ଗାଦେଉଳରେ ରହି ମାତାଙ୍କୁ ସ୍ମରଣ କରିବାରୁ ମୁକ୍ତାଦେଇ ସେଠାରେ ଆସି ପହଞ୍ଚିଲେ। ଅମରପୁତ୍ର ସିଦ୍ଧଯୋଗୀ ଗୋବିନ୍ଦଙ୍କୁ ଦେଖି କୁଣ୍ଢାଇ ପକାଇଲେ। ଚକ୍ଷୁରୁ ଆନନ୍ଦାଶ୍ରୁ ବହିବାକୁ ଲାଗିଲା। ବାଷ୍ପିଭୂତ କଣ୍ଠରେ କହିଲେ ପୁତ୍ର, ନିରାକାର ଗୋସାଇଁ ମୋର ଦୁଃଖ ବୁଝି ତୋର ସର୍ବମଙ୍ଗଳ କରିଛନ୍ତି। ଜୀବନର ଅନ୍ତିମକ୍ଷଣ ପର୍ଯ୍ୟନ୍ତ ତୋତେ ସ୍ୱଚକ୍ଷୁରେ ଦେଖିବା ପାଇଁ ପ୍ରଭୁ ସୁଯୋଗ ଦେଇଛନ୍ତି । ମା'ର ବିଳପିତ ହୃଦୟର ପ୍ରାର୍ଥନା ଶ୍ରବଣ କରିଛନ୍ତି। ମୋର ଜୀବନ ଧନ ଏକଇ ପୁତ୍ର ମରଣକୁ ଜିଣି ହୋଇ ଉଠିଛି ଅମର। ଗର୍ଭଧାରୀ ଜନନୀ ନିମନ୍ତେ ଏହାଠାରୁ ବଳି ଶୁଭ ସମ୍ବାଦ ଆଉ କିଛି ନାହିଁ। ଏବେ ତୋର ଇଚ୍ଛା କ'ଣ ପୁତ୍ର? ଯୋଗୀଗୋବିନ୍ଦ କରଯୋଡ଼ି କହିଲେ ମାତା, ତୁମେ ଦିବ୍ୟ ଜନନୀ। ମୋ ଚିତ୍ତରୁ ମାୟାର ଆବରଣ ହଟାଇଛ। ପୁଣି ସେଇ ମାୟା ସିଂହାସନ ମୋର ଲୋଡ଼ା ନାହିଁ। ଦେଶର ଭବିଷ୍ୟତ ସଂପର୍କରେ ମୋର ସ୍ୱୀକାରୋକ୍ତି ପୂର୍ବରୁ ଦେଇ ସାରିଛି। ଏବେ ଛୋଟିଆ ଭୂଖଣ୍ଡ ନୁହେଁ ସମଗ୍ର ଜଗତର ପ୍ରାଣୀଙ୍କ ମଙ୍ଗଳ ନିମନ୍ତେ ନିରାକାରନାଥଙ୍କୁ ତପସ୍ୟା କରିବି। ମୁଁ କୈଳାସପୁରୀରେ ଗୁରୁଙ୍କ ନିକଟରେ ବାସ କରିବା ପାଇଁ ଇଚ୍ଛା କରୁଛି। ତୁମେ ସ୍ମରଣ କରିବା କ୍ଷଣି ସାକ୍ଷାତ କରିବା ନିମନ୍ତେ ଏଇ ସ୍ଥାନରେ ଆସି ପହଞ୍ଚିବି। ମୋତେ ବିଦାୟ ଦିଅ ମାତା। ତହିଁପରେ ପାଦୁକାମନ୍ତ୍ର ବଳରେ ଯୋଗୀଗୋବିନ୍ଦ କୈଳାସ ପର୍ବତରେ ଯାଇ ପହଞ୍ଚିଲେ। ଗୁରୁ ହାଡ଼ିପାଙ୍କୁ ସାଷ୍ଟାଙ୍ଗେ ପ୍ରଣାମ ଜଣାଇ କହିଲେ ଗୁରୁଦେବ, ତୁମ ଦିବ୍ୟକୃପାରୁ ତିନିପୁରର କୋଟି ତୀର୍ଥ ଭ୍ରମଣ କରିଛି। ଏବେ ତୁମ ପୟର ବ୍ୟତୀତ ଅନ୍ୟ କେଉଁଠିରେ ମନ ଲାଗୁ ନାହିଁ। ତୁମ ଚରଣ ସେବାରେ କାଳଯାପନ କରିବା ନିମନ୍ତେ ଇଚ୍ଛା ଜାଗ୍ରତ ହୋଇଛି। ମୋତେ ଅନୁମତି ପ୍ରଦାନ କର ମହାରାଜ। ହାଡ଼ିପା ଗୋବିନ୍ଦଙ୍କ ମଥା ସାଉଁଳି ଦେଇ କହିଲେ ବତ୍ସ ଗୋବିନ୍ଦ, ଦିନଥିଲା ମୁଁ ତୁମ ବାଡ଼ି ତାଟିରେ ଖଟି ତୁମ ସେବା କରୁଥିଲି। ଏବେ ସମୟ ବଦଳିଛି। ତୁମେ କଳ୍ପ ଅନ୍ତ ପର୍ଯ୍ୟନ୍ତ ମୋର ସେବାରେ କାଳଯାପନ ପାଇଁ ଇଚ୍ଛା ପ୍ରକଟ ହୋଇଛି। ତୁମେ ସିଦ୍ଧଯୋଗୀ ଗୋବିନ୍ଦ ରୂପରେ ମୋର ସେବା କରିବା ନିମନ୍ତେ ଯୋଗ୍ୟ ହୋଇପାରିଛ। କୈଳାସ ପର୍ବତରେ ଶିବଙ୍କର ଭୁବନ ରହିଛି। ଏହି ପର୍ବତର ଚତୁପାର୍ଶ୍ୱରେ ଅନେକ ଦେବର୍ଷି ବ୍ରହ୍ମର୍ଷି ବାସ କରୁଛନ୍ତି। ବିଷ୍ଣୁଙ୍କ ମାୟାଜାଲରୁ ବର୍ତ୍ତିବା ନିମନ୍ତେ ଶିବଙ୍କ ଶରଣାପନ୍ନ ହୋଇଥିବା ବିଦ୍ୱାନଗଣ ଏଠାରେ ସର୍ବଦା ଭଜନ କୀର୍ତ୍ତନରେ ମଜ୍ଜି ରହିଥାନ୍ତି। ଜଗତଜନଙ୍କର ମଙ୍ଗଳ ଉଦ୍ଦେଶ୍ୟରେ ପ୍ରତ୍ୟେକ ଦିବସ ଦେବତା ଋଷିଗଣ ଶିବଙ୍କ ସେବାରେ ବ୍ରତୀ ରହିଛନ୍ତି। ତୁମେ ସେମାନଙ୍କ ସହିତ ବାସ କର। ଗୁରୁମାନଙ୍କର ଗୁରୁ ହେଉଛନ୍ତି ଶିବଶଙ୍କର। ଶିବଙ୍କ କଲ୍ୟାଣରୁ ତୁମେ ମରଣଯନ୍ତାରୁ ବାହାରି ମୁକ୍ତବିହଙ୍ଗ ଭଳି ଉଡ଼ି ବୁଲୁଛ। ସେଇ ଶିବ ମହାରାଜାଙ୍କ ଭିତରେ ଗୁରୁଙ୍କୁ ଦର୍ଶନ କର। ଗୁରୁଙ୍କ ଭିତରେ ଶିବଙ୍କୁ ଦର୍ଶନ କରି ପଦସେବାରେ ବ୍ରତୀ ରୁହ। ଜଗତପ୍ରାଣୀଙ୍କର ମଙ୍ଗଳ ହେଉ, ନିରାକାରନାଥଙ୍କର ଜୟ ହେଉ।

**ହରି ଓଁ ତତସତ୍!** (ସମାପ୍ତ)


*ଦୂରଭାଷ-୯୬୬୮୬୩୧୨୫୭*

# ଶୋଇବାକୁ ଦିଅ ତାକୁ ଟିକେ



ବିନୟ ଭୂଷଣ ପାଣିଗ୍ରାହୀ

ଦେଖତ,
କେହିଜଣେ ଶୋଇଛି କେମିତି ସେଠି
ପରମ ଶାନ୍ତିରେ, ଗଭୀର ନିଦ୍ରାରେ
ମା'କୋଳରେ ଅଝଟ ଶିଶୁଟେ
ଅଛାଡ଼ ହେଇ ଶୋଇଗଲା ପରି
ନାନାବାୟା ଗୀତ ଶୁଣୁଶୁଣୁ
ମା'କ୍ଷୀର ମହୁଲି ନିଶାରେ।

ରାତିଏ ଦି'ରାତିର ବାକି ନିଦ ନୁହେଁ,
ବର୍ଷବର୍ଷର ପୁଞ୍ଜିଭୁତ ନିଦ୍ରା
ଆଜି ତାକୁ ଜଡେଇ ଧରିଛି
ବୁଝେଇ ଦେଇଛି କେମିତି,
"ଜବାନ ହେଲେ ବି ତୁ
ମଣିଷଟେ ଠିକ ଆମ ପରି
ରକ୍ତ-ମାଂସରେ ଗଢ଼ା ତୋ ଶରୀର
ତୋ'ପାଇଁ ବି ବିଶ୍ରାମ ଟିକେ ଲୋଡ଼ା।"
ତେଣୁ, ସେ ଶୋଇଯାଇଛି ଟିକେ,
ଶୋଇଛିତ ଶୋଇବାକୁ ଦିଅ ତାକୁ
ଚବର ଚବର କରି
ଭାଙ୍ଗନାହିଁ କଞ୍ଚା ନିଦ ତା'ର।

ଏମିତି ତ ଶୋଇବା ଦୂରର କଥା
ଚେଇଁବାକୁ ତର ବି ନଥାଏ ତାକୁ,
ପାଦଥାଏ ଏପାରିରେ, ଆଖି ସେପାରିରେ
ମଝିରେ ବଣ ଓ ପାହାଡ଼ ଘେରା
ଅଭେଦ୍ୟ ଅନ୍ଧାରର ରୀତିମତ ରାଜା
ଢାଲ କରି ସେଇ ଅନ୍ଧାରକୁ
ପଲପଲ କାପୁରୁଷ ଆଗେଇ ଆସନ୍ତି ନିତି
ହାତରେ ରାଇଫଲ-ମୋର୍ଟାର ଧରି
ପାକ-ଆକ୍କାର ନାପାକ ନିର୍ଦ୍ଦେଶରେ,
ନଚେତ,
ସ୍ୱୀକାର କରି କୃଷ୍ଣସର୍ପର ଆମନ୍ତ୍ରଣ
ପ୍ରକମ୍ପିତ କରିବାକୁ ଶାନ୍ତ ଉପତ୍ୟକା,
କରିବାକୁ ଭୀତତ୍ରସ୍ତ ମାଟିର ସ୍ୱର୍ଗକୁ
ହୀନ କିଛି ମହତାକାଂକ୍ଷା
ପୂର୍ଣ୍ଣ କରିବାକୁ।

କେମିତି ବି ଶୋଇଥାନ୍ତା ସିଏ
କାନ୍ଧରେ ଓଜନିଆ ରାଇଫଲ,
ପିଠିରେ ଦେଶରକ୍ଷା ବୋଝ ଲଦି ?
କେମିତି ସେ ଅଣଦେଖା କରିଥାନ୍ତା
ଲୁଚିଛପି ଆସୁଥିବା ଶତ୍ରୁର
ଅତର୍କିତ ଆକ୍ରମଣକୁ ?
କେମିତି ବା ବର୍ଦ୍ଦାସ୍ତ କରିଥାନ୍ତା
ନିକଟରୁ ବର୍ଷିଥିଲେ ଗୁଳି ଓ ଗ୍ରେନେଡ
ତା'ର ସେ ଚଉଡା ଛାତିକୁ
ଉପହାସ କରି ତା ବୀରତ୍ୱକୁ,
ଅପମାନ କରି ତା'ର ଦେଶ ମାତୃକାକୁ ! !

'ବେନ୍ଦେ ମାତରଂ'ର ଦୀକ୍ଷା ନେଲାପରେ
କେଜାଣି କେମିତି
ଭୁଲିଥିଲା ପୁରାପୁରି ନିଜେ ସେ ନିଜକୁ।
ଖାଲି ଗୋଟେକଥା ମନେଥିଲା ତା'ର,
ଏ ଦେଶର ରକ୍ଷକ ସିଏ,
ଦେଶ ତା'ର,
ଦେଶବାସୀ ସଭିଏଁ ନିଜର ତା'ର
ଯଦିଓ ସେ ନିଜର ନଥିଲା କେବେବି କାହାର।
ସୀସା ନିରୋଧକ ସ୍ତାଣ ମଧ
ହାରିଯାଏ କେବେ କେବେ
ମାତ୍ର, ସିଏ କେବେ ହାରେନାହିଁ,
ବୀର ସିଏ ଯୋଦ୍ଧା ସିଏ,
ହାରିବା ତ ଜାତକରେ ନାହିଁ।
ଜୀବନକୁ ଜିତିଛି ବୋଲି ସେ ଏବେ
ବିଶ୍ରାମ ନେଇଛି ଟିକେ ପରମ ତୃପ୍ତିରେ।
ଉଠାଅନା, ଉଠାଅନା ତାକୁ
ଶୋଇବାକୁ ଦିଅ ତାକୁ ଶାନ୍ତିରେ ଘଡ଼ିଏ
ହୁଏତ ସେ ଦେଖୁଥିବ ସ୍ୱପ୍ନ
ଜନ୍ମିବାକୁ ପୁଣିଥରେ ଏ ଦେଶ ମାଟିରେ
ଲମ୍ବିବାକୁ ଦିଅ ତା ସ୍ୱପ୍ନକୁ
ଯେମିତି ଦେଖୁଛି ସିଏ, ଠିକ ସେଇମିତି
ପୁରାଅନା ରାଜନୀତି ଜମାରୁ ସେଥିରେ।

ହରସିଂହପୁର, ପୀରହାଟ ବଜାର
ଭଦ୍ରକ
ଦୂରଭାଷ : ୯୯୩୭୫୪୮୪୩୧

# ଛାଇ



ସୁରେନ୍ଦ୍ର ପାଣିଗ୍ରାହୀ

ଝାପ୍‌ସା ଛାଇ ଆଲୁଅର ଲୁଚକାଳିରେ
କେତେବେଳୁ ନାଚି ଚାଲିଛି ଛାଇ ...
ନିଜର ପୁନର୍ଜନ୍ମକୁ ନେଇ ମୋତେ
ସନ୍ଦିହାନ ନୁହେଁ ଛାଇ / ଅଧା ଅନ୍ଧାର ଓ ଅଧା-
ଆଲୁଅ ଭିତରେ ଗୋଟେ ନାରୀର କାମକ୍ରୀଡାର
ଅଙ୍ଗଭଙ୍ଗୀ ଭଳି / ବାରମ୍ବାର ବଦଳି ଯାଉଚି ଛାଇ
ବେଳେ ବେଳେ ଉଭେଇ ଯାଉଚି / ଗୋଟେ ଯୁଦ୍ଧର
ପଳାତକ ସୈନିକଟେ / ଅସୀମ ଇଚ୍ଛାକୁ କବର ଦେଇ
ଚୁପ୍‌ଚାପ୍ ଉଭେଇ ଗଲାଭଳି ଯୁଦ୍ଧ କ୍ଷେତ୍ରରୁ ...

ଧୀରେ ଧୀରେ ବଳଶାଳୀ ହେଉଥିବା ଆଲୁଅ ଭିତରେ
ଅନ୍ଧାରକୁ ଅତିକ୍ରମି ଯିବା ପାଇଁ / ଏକ ଅନନ୍ତ ନାଚରେ ବ୍ୟସ୍ତ ଛାଇ
ଆଉ ଅଦୂରରେ ଶ୍ମଶାନରୁ ପ୍ରିୟ ଲୋକଟିର
ବିଚ୍ଛେଦରେ ହୃଦୟ ଫଟେଇ ବାରମ୍ବାର
ଲହରେଇ ଯାଉଥିବା / ଏକ ବୁକୁଫଟା କରୁଣ
ମୂର୍ଚ୍ଛନାର ଆଘାତରେ ପୁଣି ମ୍ରିୟମାଣ ହେଉଥିବା
ଛାଇର ଶିଥିଳତା / ଫିକା ପଡିଆସୁଥିବା ଦୀପ ଆଲୁଅରେ ...



ଆତ୍ମରତିରେ ମୋହଗ୍ରସ୍ତ ମୁଁ ଛାଇକୁ ନେଇ କେବଳ
ମୋତେ ଆବୋରି ବସିଥିବା ମୋ ପ୍ରିୟଜନ ମାନଙ୍କର ଛାଇ
ବାରମ୍ବାର ଗୋଟେ ଶୀତଳ ଗୁମ୍ଫା ଆଡକୁ / ରାସ୍ତା କଢ଼େଇ ନେଉଚି ମୋତେ,
ମୁଁ କେଉଁଠି ବା ଆଉ ଲୁଚିବି ଏଇ ଅଧା ଆଲୁଅ
ଓ ଅଧା ଅନ୍ଧାର ଭିତରେ / ଏଇ ଜୀବନରୁ
ଦୂରେଇ ଯିବାବି ହୁଏତ ସମ୍ଭବ ନୁହଁ ଆଉ
ମୋତେ ପୁଣି ଦିନେ ସାମିଲ ହେବାକୁ ହେବ ଛାଇମାନଙ୍କୁ ନେଇ
ନିଜର ଶ୍ରେଷ୍ଠତ୍ୱ ପାଇଁ / ଚାଲିଥିବା ମିଥ୍ୟା ମାୟାର ଖେଳରେ ...
ଗୋଟେ ଫର୍ଚ୍ଚା ଆଲୁଅରେ ନିରପେକ୍ଷ ରହିବା ଅପେକ୍ଷା
କାମନାର ଏଇ ସାପେକ୍ଷ ଅନ୍ଧାରର ଛାଇ ଆଲୁଅରେ / ନିଜକୁ ହଜେଇ ଦେବା ଶତଗୁଣ ଭଲ।

ବରି, ସିମୁଳିଆ, ବାଲେଶ୍ୱର
ଦୂରଭାଷ : ୯୪୩୭୨୮୨୯୮୪



# ଅପରାଧୀ



ଅମିନୀଲୁ ରାୟ



ଝାର୍‌ପଡା ଜେଲ୍ । କୋଠରୀ ନଂ-୩୬ର ଗୋଟେ କୋଣରେ ବସି ଗୁମୁରି ଗୁମୁରି କାନ୍ଦୁଥିଲା ଶୁବଳ । କାନ୍ଦି କାନ୍ଦି ଆଖି ଦୁଇଟା ଗେଣ୍ଡା ଭଳି ଫୁଲିଯାଇଥିଲା ତା'ର । ଘରେ ସ୍ତ୍ରୀ, ସାତ ବର୍ଷର ଝିଅ ସୁମି, ବାପା ଓ ବୋଉଙ୍କ କରୁଣ ମୁହଁ ତା ଆଖି ସାମ୍ନାକୁ ଝଲସି ଆସୁଥିଲା ବାରମ୍ବାର । ବିନା ଅପରାଧରେ ଅପରାଧୀ ସାବ୍ୟସ୍ତ ହୋଇଥିବାରୁ ସେ ମନେ ମନେ ଧିକ୍କାର କରୁଥିଲା ନିଜକୁ ।

ପୋଲିସ୍ ଭ୍ୟାନ୍‌ରେ ସେ ଜେଲ୍‌କୁ ଫେରୁଥିବା ସମୟରେ ଜଜ୍‌ଙ୍କ ଶୁଣାଣି ଶବ୍ଦ ତା କର୍ଣ୍ଣ ଗହ୍ୱରରେ ବାରମ୍ବାର ପ୍ରତିଧ୍ୱନି ସୃଷ୍ଟି ହେଉଥିଲା । ସେଦିନ ଉଭୟ ପକ୍ଷର ସାକ୍ଷୀଙ୍କ ବୟାନ ଶୁଣିସାରିବା ପରେ ଶେଷରେ ଜଜ୍ କହିଲେ –

-ଶୁବଳ, ତମେ ଆଉ କିଛି କହିବ ?

ଉତରରେ ସଂଗେ ସଂଗେ ସେ କାଠଗଡା ଭିତରୁ ଲୁହ ଛଳଛଳ ଆଖିରେ ହାତ ଯୋଡି ନମ୍ରଭାବେ କହିଲା – କ'ଣ ଆଉ କହିବି ଧର୍ମାବତାର ? ଖାଲି ଏତିକି କହିବି, ତିନି ତୁଣ୍ଡରେ ଛେଳି କୁକୁର ପାଲଟିଲା ପରି ମୁଁ ମଣିଷ ନ ମାରି ବି ମୋତେ ବିନା ଦୋଷରେ ଅପରାଧୀ ସଜେଇ ଦିଆଯାଇଛି । ଏଣିକି ଆପଣଙ୍କ ଇଛା । ଆପଣ ଯାହା ବିଚାର କରିବେ ?

-ଅର୍ଡର, ଅର୍ଡର । ଉଭୟ ପକ୍ଷର ସାକ୍ଷୀଙ୍କ ବୟାନ୍ ଶୁଣିସାରିବା ପରେ ଅଦାଲତ ଏହି ସିଦ୍ଧାନ୍ତରେ ଉପନୀତ ହେଲେ ଯେ ଶୁବଳ ପ୍ରକୃତରେ ହତ୍ୟାକାରୀ । ତେଣୁ ଭାରତୀୟ ପିଙ୍ଗଳ କୋର୍ଡ ଧାରା-୩୦୨ ଅନୁଯାୟୀ ତାଙ୍କୁ ହତ୍ୟା ଅପରାଧରେ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରାଯିବା ସହ ଆଜି ପାଇଁ କୋର୍ଟକୁ ଏତିକିରେ ମୁଲତବୀ ରଖାଗଲା ।

ଅର୍ଦ୍ଧରାତ୍ରୀ ବେଳକୁ ସମସ୍ତ କୟଦୀ ନିଘୋଡ ନିଦରେ ଶୋଇଯାଉଥିଲେ, ହେଲେ ଶୁବଳ ଆଖିକୁ ନିଦ ଆସୁନଥିଲା । ସେ ତା ପରିବାର ଓ ସାଙ୍ଗସାଥୀଙ୍କ କଥା ଭାବି ଭାବି ଆଖିରୁ ନୀରବ ଅଶ୍ରୁ ଝରାଉଥିଲା । ପିଲାଦିନେ ଗାଁ ଦାଣ୍ଡରେ ଜହ୍ନ ରାତିରେ ଖେଳିଥିବା ଚୋର ପୁଲିସ୍ ଖେଳ ତା ଆଖି ଆଗରେ ଗୋଟି ଗୋଟି କରି ସବୁ ଭାସିଆସୁଥିଲାବେଳେ ସେ ନିଜକୁ ସହି ନପାରି କଇଁ କଇଁ ହୋଇ କାନ୍ଦୁଥିଲା ।

"-ଆରେ ମାଧ, ବିଭୂ, ସମୀର, ରେବ, କାଳନ୍ଦୀ ସମସ୍ତେ ବାହାରି ଆସରେ । ଶୁବଳ ଏଥର ଧରାପଡିଛି । ସେ ଚୋର ହେଲା । ତାକୁ ଏବେ ଜେଲ୍ ପଠାଇବା ।"

ପିଲାଦିନର ସେହି ମିଛିମିଛିକା ଖେଳଟା ଆଜି ତା ଜୀବନରେ ସତରେ ପରିଣତ ହେଇଛି । ଏଇ କଥା ଭାବି ଭାବି ସେ ଦୁଃଖରେ ଭାଙ୍ଗିପଡୁଥିଲା ଯେମିତି ।

ଶୁବଳ ୫ମ ଶ୍ରେଣୀରେ ପଢୁଥିଲାବେଳେ ପାଠ ଓ ମାଡ ଭୟରେ ସେ ଦେହ ଖରାପ ଅଛି କହି, ମିଛରେ ବାହାନା କରି ସ୍କୁଲ ଯାଏନି କି ଯିଏ ଯେତେ ବୁଝେଇ ସୁଝେଇ କହିଲେ ବି ଯିବାର ନାଁ ଧରେନି । ବେଳେବେଳେ ସେଇ ପାଠପଢା ଡରରେ ଗାଁ'ର କେତେଜଣ ସାଙ୍ଗମାନଙ୍କ ସହ ମିଶି ସେ ଗାଈ ଚରେଇବାକୁ ଚାଲିଯାଏ । ସଂଧ୍ୟାରେ ଘରକୁ ଫେରିଲେ ତା ବାପା ତାକୁ ଦେଖି, ରାଗରେ ଦାନ୍ତ କଡମଡ କରି, ତା ବୋଉ ଆଗରେ ବିରକ୍ତଭରା ସ୍ୱରରେ କୁହନ୍ତି-

-ବୁଝିଲ, ୟା ନେଇ ପାଠଶାଠ କିଛି ହେବନି ଦେଖୁଛି । ଇଏ ବଡ ହେଲେ କ'ଣ କରିବ ?

-କ'ଣ ଆଉ କରିବ ? ଖାଇବାକୁ, ପିନ୍ଧିବାକୁ ପାଇବନି, ଚୋରି କରିବ, ଶେଷରେ ଜେଲ୍ ଯିବ । ନିହାତି କୁଳାଙ୍ଗାରଟା ଜନ୍ମ ହେଲା ମୋ ପେଟରୁ।

ଏସବୁ କଥା ଭାବି ଭାବି ଅତିଶୟ ଦୁଃଖରେ ଜଳୁଥିବା ଶୁବଳ ଦୀର୍ଘନିଶ୍ୱାସଟିଏ ନେଇ କୋଠରୀର ଗୋଟେ କୋଣରେ ଥୁଆ ହୋଇଥିବା ସୁରେଇରୁ ପାଣି ପିଉଥିବା ସମୟରେ ବିଶେଷ କରି ତା' ମାଆ କହିଥିବା ଅକାଟ୍ୟ ପୂର୍ବ କଥାଗୁଡିକ ମନେପଡିଯିବାରୁ ସେ ଭୋ ଭୋ ହୋଇ ଖୁବ୍ ଯୋର୍‌ରେ କାନ୍ଦିବାକୁ ଲାଗିଲା ।

ମାଇନର୍ ପଢା ସମୟରୁ ଶୁବଳର ପାଠରେ ଡୋରୀ ବନ୍ଧା ହୋଇଯାଇଥିଲା । ତାକୁ ୧୮ ଛୁଇଁଲା ବେଳକୁ ସେ ଏକ ନୂଆ ଜୀବନଧାରାରେ ବଞ୍ଚିବା ଆରମ୍ଭ କରିଥିଲା । ଘରେ ବାପାମାଆଙ୍କ ରୁଗ୍‌ଣବସ୍ଥା ଦେଖି ମନ ତା'ର ଦୁଃଖରେ ଭାଙ୍ଗିପଡିଥିଲା । ପ୍ରତିଦିନ ସକାଳୁ ସଂଜ ପର୍ଯ୍ୟନ୍ତ ପରଘରକୁ ମୂଲ ଲାଗିବାକୁ ଯାଉଥିଲା । ସେଇ ପଇସାରେ ସେ କଷ୍ଟେମଷ୍ଟେ ପରିବାର ପ୍ରତିପୋଷଣ କରିବାକୁ ବାଧ ହେଉଥିଲା ।

ଦିନେ ଅପରାହ୍ନରେ ଶୁବଳ ତାଙ୍କ ବାଡିରେ କେଉଁଦିନୁ ପଡିରହିଥିବା ଚାକୁଣ୍ଡା ଗଛର ଗଣ୍ଡିଟା ଉପରେ ମନଦୁଃଖରେ ବସିଥିବାବେଳେ ତା'ର ବାଲ୍ୟ ସାଥୀ ରେବ ପଛପଟୁ ଆସି ସଙ୍ଗେ ସଙ୍ଗେ ତା' ପିଠିକୁ ଟିକେ ଛୁଇଁଦେଇ କହିଲା-

-କ'ଣ ଭାବୁଛ ? ଅନ୍ୟମନସ୍କ ଥିଲା ପରି ଲାଗୁଛ ?

-ତୁ ତ ଦେଖୁଛୁ, ବୋଉ ବାପାଙ୍କ ଦେହପା ଆଜିକାଲି ଆଉ ଭଲ ରହୁନି । ପୁଣି ସବୁଦିନେ ଚାଉଳ ପରିବାପତ୍ର କିଣା ସାଙ୍ଗକୁ ଔଷଧରେ ସବୁ ପଇସା ଯାଉଛି । ଆଉ କିଛି ବଳୁନି । ଏ ନିଅଂଟିଆ ଦୁନିଆରେ କେମିତି ଚଳିବି କିଛି ଭାବି ପାରୁନି ।

-କାହିଁକି ଅଧର୍ଯ୍ୟ ହେଉଛ ? ଧିରେ ଧିରେ ସବୁ ଠିକ୍ ହେଇଯିବ । ଆଗେ ଚାଇଲ, କଣ ଦିଟା ପାଟିକୁ ନେବ । ନୋହିଲେ ଦେହ ଖରାପ ହେଇଯିବ ଯେ ।

ସକାଳୁ ସକାଳୁ ରେବ ମନ୍ଦିର ଯିବ ବୋଲି ତର ତର ହୋଇ ତାଳବଣ ପୋଖରୀକୁ ଗାଧୋଇବାକୁ ଯାଉଥିବା ସମୟରେ ପଛପଟୁ ଶୁବଳ ଆସି ଅତି ଖୁସିରେ ଭାବବିହ୍ୱଳରେ ତା' ନରମ ହାତକୁ ଟିକେ ଧରିନେଇ ହସି ହସି କହିଲା –

-ଜାଣିଛୁ ଗୋଟେ କଥା ?

-କ'ଣ ?

-ମଲା, ଗାଁଟା ସାରାଲୋକେ ଜାଣିସାରିଲେଣି, ଅଥଚ ତୁ ଏଯାଏ ଜାଣିନୁ ?

-କେଉଁ କଥା ବା ?

-ଆଲୋ ଆମ ବାହାଘର କଥା । ଆସନ୍ତା ମାସରେ ହେବ ବୋଲି ତୁମ ବାପା ପରା କାଲି ସଂଧ୍ୟାରେ ଆମ ଘରକୁ ଆସି ମୋ ବାପାଙ୍କ ସହ କଥା ହୋଇ ଯାଇଛନ୍ତି।

ଶୁବଳ ମୁହଁରୁ ଏକଥା ଶୁଣି ରେବ ଲାଜରେ ମୁହଁ ତଳକୁ କରି ଗୋଡର ବୁଢାଆଙ୍ଗୁଠିରେ ମାଟିରେ ଗାର ଟାଣୁ ଟାଣୁ ମୁରୁକି ହସି କହିଲା – ତମେ ନିହାତି ବୁଦ୍‌ଦୁ । ସାମାନ୍ୟ ଏତିକି ବୁଝିପାରିଲନି ? ମୁଁ କାଲି ବାପାଙ୍କୁ ତୁମ ଘରକୁ ପଠେଇଥିଲି ବୋଲି ?

ଯେନତେନ ପ୍ରକାରେ ଶୁଭ ବେଳା ଦେଖି ବୈଦିକ ରୀତିରେ ଶୁବଳ ସହ ରେବର ବିବାହ କାର୍ଯ୍ୟ ସଂପନ୍ନ ହେଲା । ଚତୁର୍ଥୀ ରାତିରେ ଶୁବଳ କେତେବେଳୁ ଖଟକୁ ଆଉଜି ମୁହଁକୁ ଶୁଖେଇ ମନ ଦୁଃଖରେ ବସି ଅନ୍ୟମନସ୍କ ଭାବେ କଣ ସବୁ ଭାବୁଥାଏ । ରେବ ପାଣି ଢାଳେ ହାତରେ ଧରି ଆସି, କବାଟ ଭିତର ପଟୁ କିଲିଣି ଦେଇ, ତା ପାଖକୁ ଟିକେ ଲାଗିଯାଇ ପଣତକାନୀରେ ଅତି ସରାଗରେ ଶୁବଳ ଦେହରୁ ଝାଳ ପୋଛୁ ପୋଛୁ କହିଲା-

-କ'ଣ ହେଇଛି, ମୋତେ କହିବନି ?

-ଦୁଃଖ ଭିତରେ କେମିତି ବଂଚିବା ଭାବୁଥିଲି।

-ଶୁଣ । ଦୁଃଖରେ ବଂଚିବାରେ ଯେଉଁ ଆନନ୍ଦ ଟିକକ ଅଛି, ତାହା ସୁଖରେ ଥିଲାବେଳେ ମିଳେନି । ତମେ ମନଉଣା କାହିଁକି କରୁଛ ? ମୁଁ ପରା ତୁମ ସାଥୀରେ ଅଛି । ଧର୍ଯ୍ୟ ଧରି ପରିସ୍ଥିତିକୁ ସାମ୍ନା କଲେ ବିପଦ ଆପେ ଆପେ ଟଳିଯାଏ, ବୁଝିଲ ?

ଗାଁରେ ସେବର୍ଷ ମରୁଡି ଲାଗିରହିଥିବାରୁ ଶୁବଳ କିଛି ଉପାୟ ନପାଇ ତାଙ୍କ ଗାଁର କେତେ ଜଣ ଲୋକଙ୍କ ସହ ମୂଲ ଲାଗିବାକୁ ଚାଲିଆସେ ସହର । ସହରରେ ଝୁମ୍ପୁଡି ଘରଟିଏ ଭଡାରେ ନେଇ କାମଧନ୍ଦା କରି ବେଶ୍ ଦୁଇ ପଇସା ପାଏ । ପରିବାର ତା'ର ଆନନ୍ଦରେ ଚଳୁଥାଏ ।

ଦିନେ ଶୁବଳ ଜଣେ ବଡବାବୁଙ୍କ ଘରେ ବଗିଚା କାମ କରୁ କରୁ ସଂଜ ହୁଅନ୍ତେ ସେ କାମ ବନ୍ଦ କରି ଗୋଡ ହାତ ଧୋଇ ବସାକୁ ଫେରୁଥିବା ସମୟରେ ବଡବାବୁ ତାକୁ ପାଖକୁ ଡାକି କହିଲେ –ଶୁଣ ଶୁବଳ, ଆଜି ମୋ ପୁଅର ଜନ୍ମଦିନ । ତମେ ନଖାଇ ନପିଇ ଯିବ କେମିତି ? ଆଜି ରାତିଟା ରହିଯାଅ। କାଲି ସକାଳୁ ସକାଳୁ ଘରକୁ ଯିବ। ବଡବାବୁଙ୍କ କଥା ଭାଙ୍ଗି ନପାରି ଶୁବଳ ସେହିଠାରେ ରହିଲା।

ବଡିଭୋଅରୁ ସେ ନିଦରୁ ଉଠି, ଭଗବାନଙ୍କୁ ପ୍ରଣାମ କରି, ମୁହଁ ହାତ ଧୋଇ, ମୁନ୍ଦାଏ ପାଣି ପିଇ, ଗେଟ୍ ଖୋଲିବାବେଳକୁ ଦେଖେ ତ ସେଠାରେ ବଡବାବୁଙ୍କ କାର୍ ଡ୍ରାଇଭର୍‌କୁ କିଏ ମାରି ଫିଙ୍ଗିଦେଇଛି । ତା ଦେହରୁ ଧାର ଧାର ହୋଇ ପ୍ରଚୁର ରକ୍ତ ବାହାରୁଛି । ଛୁରୀଟା ପେଟରେ ସେମ୍‌ତି ପଶିଛି । ଶୁବଳ ଏସବୁ ଦେଖି ଭୟରେ ଥରିବାକୁ ଲାଗିଲା । ବଡ ପାଟିରେ ବଡବାବୁ ବଡବାବୁ କହି ଡାକ ପକାଇଲା । ହଠାତ୍ ଶୁବଳର ପାଟି ଶୁଣି ତାଙ୍କ ପରିବାର ସାରା ଲୋକେ ତଳକୁ ଆସି ଦେଖନ୍ତି ତ – ଡ୍ରାଇଭର୍ ମରି ପଡିଛି । ଶେଷରେ ସମସ୍ତେ ଶୁବଳକୁ ସନ୍ଦେହ କରିବାରୁ ଥାନାବାବୁ ବାଧ ହୋଇ ତାକୁ ଆରେଷ୍ଟ୍ କରି କୋର୍ଟ ଚାଲାଣ କଲେ ।

ଜେଲ୍‌ର ଚାରିକାନ୍ଥ ଭିତରେ ରହି ଶୁବଳ ଭାବୁଥାଏ – ସତରେ, ଏ ଦୁନିଆଟା ବଡ ବିଚିତ୍ର । ଖୁନ୍ କରୁଛି ଜଣେ, ଦଣ୍ଡ ଭୋଗୁଛି ଆଉ ଜଣେ । କୋର୍ଟରେ ଧର୍ମ ନିକିତି ସମ୍ମୁଖରେ ପବିତ୍ର ଗ୍ରନ୍ଥ ଗୀତା ଛୁଇଁ ଯେଉଁମାନେ ମୋ ବିରୁଦ୍ଧରେ ବୟାନ ଦେଲେ, ତାହା କ'ଣ ସତ ଥିଲା ? ମୁଁ ମାରିଥିବାର ନିଜ ଆଖିରେ ସେମାନେ କ'ଣ ଦେଖିଥିଲେ ? ଏଠାରେ ଧର୍ମ ନାଁରେ ଚାଲିଛି ଖାଲି ଅନ୍ୟାୟ, ଅତ୍ୟାଚାର ଓ ଶୋଷଣ । ଅଥଚ ଅପରାଧୀଜଣକ ଚାଲାଖରେ ଖସି ଯାଉଛି ଆଉ ନିରପରାଧୀକୁ ଜେଲ୍ ଦଣ୍ଡ ଭୋଗିବାକୁ ପଡୁଛି । ମୋ ପରିବାର ମୁହଁରେ ଗଣ୍ଡାଏ ଦାନା ଦେବାକୁ ମୁଁ ମଫସଲରୁ ଚାଲିଆସିଥିଲି ସହର । ହେଲେ ଏ ମିଛମାୟା ସହରରେ ମୁଁ କ'ଣ ପାଇଲି ? ଶେଷରେ ଗୋଟେ ଅପରାଧର ସାର୍ଟିଫିକେଟ୍ ଆଉ ଅପବାଦ । ଏ ଅପବାଦର କଳଙ୍କ ଟୀକାକୁ ମୁଣ୍ଡରେ ବୋହି ମୁଁ ଯେତେବେଳେ ୧୪ ବର୍ଷ ପରେ ଗାଁକୁ ଫେରିବି, ସେତେବେଳେ ଗାଁ ଲୋକେ ମୋତେ ଭିନ୍ନ ଦୃଷ୍ଟିରେ ଦେଖିବେ ନିଶ୍ଚୟ । ହେ ଭଗବାନ୍, ତମେ ଯଦି ସତରେ ଥାଅ, ତେବେ ମୋତେ ଏଇ ଜେଲ୍ ଭିତରେ ମୃତ୍ୟୁ ଦେଇଦିଅ । ମୁଁ ଆଉ ବଂଚିବାକୁ ଚାହୁଁନି । ଶୁବଳ ନିଜକୁ ସହିପାରୁ ନଥିଲା। ତା ମଣିଷ ପଣିଆ ତାକୁ ଧିକ୍କାର କରୁଥିଲା। ଘର, ପରିବାର, ସାଙ୍ଗସାଥୀମାନଙ୍କ କଥା ଭାବି ଭାବି କେତେବେଳେ ରାତି ପାହିଯାଉଥିଲା ସେ ଜାଣିପାରୁ ନଥିଲା ବିଚରା ।

ଶୁବଳ ଜେଲ୍ ଚାଲିଯିବା ପରଠାରୁ ଘରର ସମସ୍ତ ଦାୟିତ୍ୱ ଓ ଖର୍ଚ୍ଚ ରେବକୁ ବହନ କରିବାକୁ ପଡୁଛି । ପୁଅକୁ ଝୁରି ଝୁରି ବୁଢାବୁଢୀ ଦୁଇଟା କଂଟା ଦିଶିଲେଣି । ପର ଘରେ ମୂଲ ମଜୁରୀ ଲାଗି ଲାଗି ରେବର ଦେହ ବି ମଝିରେ ମଝିରେ ଆଉ ଭଲ ରହୁନି । ରାତିରେ ସମସ୍ତେ ଶୋଇଗଲା ପରେ ସେ ତା ସ୍ୱାମୀ କଥା ଚିନ୍ତା କରି କରି ତାକୁ ଆଉ ଚିହ୍ନି ହେଉନି ଯେମିତି । ଶୁଖି କଳା କାଠ ପଡିଗଲାଣି।

ଦୀର୍ଘ ତିନି ବର୍ଷ ପରେ ... ।

ସେଦିନ ସକାଳୁ ସକାଳୁ ହଠାତ୍ ଜେଲ୍ ପରିସର ମଧ୍ୟରେ ରେବ ଓ ସୁମୀକୁ ଦେଖି ଦୁଃଖରେ ଭାଙ୍ଗି ପଡିଲା ଶୁବଳ । ଆଖିର ଦୁଇ କୋଣରୁ ଝରିଆସୁଥିବା ଲୁହକୁ ପୋଛି ଅତି କରୁଣ ହୋଇ ରେବର ମୁହଁକୁ ଚାହିଁ କହିଲା –

-ତୁ ବିଶ୍ୱାସ କର, ମୁଁ ମର୍ଡର୍ କରିନି ଲୋ । ମୋ ସରଳତାର ସୁଯୋଗ ନେଇ ସେମାନେ ମୋତେ ଫସେଇ ଦେଇଛନ୍ତି।

-ମୁଁ ସବୁ ଜାଣେ । ହେଲେ ଆମେ ପରା ଗରିବ । କଥାରେ କହିଛି 'ଗରିବ ମାଇପ ସବୁରି ଶାଳୀ' । ଏ ଦେଶରେ ଗରିବଙ୍କ ପାଇଁ ନ୍ୟାୟ ନାହିଁ । ଗରିବଟିଏ ନ୍ୟାୟ ପାଇବା ଆଶାରେ ସର୍ବସ୍ୱ ବିକି ଭାଙ୍ଗି ହାଇକୋର୍ଟକୁ ଦୌଡି ଦୌଡି ଶେଷରେ ପାଏ ଖାଲି ତାରିଖ ଆଉ ତାରିଖ । କହିବା କାହାକୁ ?

ସୁମୀ ତା ବାପାଙ୍କ ଏପରି ଅବସ୍ଥା ଦେଖି ଅଧର୍ଯ୍ୟ ହୋଇ ଖାଲି କାନ୍ଦୁଥିଲା । ଶୁବଳ ଲୁହ ଛଳଛଳ ଆଖିରେ ତାକୁ ଏଣୁ ତେଣୁ କହି ଯେତେ ବୁଝେଇବାକୁ ଚେଷ୍ଟା କଲେ ବି ସେ କିଛି ବୁଝୁ ନଥିଲା । ଦେଖା କରିବାର ସମୟ ସୀମା ଶେଷ ହେବାର ସଙ୍କେତ ମିଳିବାରୁ ସୁମୀ ଦୁଃଖରେ ଭାଙ୍ଗିପଡି ଲୁହଭରା ଆଖିରେ ତା ବାପାଙ୍କ କରୁଣ ମୁହଁକୁ ଚାହିଁ କାନ୍ଦି କାନ୍ଦି କହିଲା- ଜାଣିଛ ବାପା, ଗାଁ ଲୋକେ କହୁଛନ୍ତି ତମେ କାଳେ ମଣିଷ ମାରିଛ । ମୋ ମୁଣ୍ଡରେ ହାତ ରଖି କହିଲ, ସତରେ ତମେ କ'ଣ 'ଅପରାଧୀ' ?

ଏକଥା ଶୁଣି ଶୁବଳ ଆଶ୍ଚର୍ଯ୍ୟର ସହ ଲୋତକଭରା ଅପଲକ ନୟନରେ ସୁମୀର ମୁହଁକୁ ବଲବଲ କରି ସେମ୍‌ତି ଏକ ଲୟରେ ଚାହିଁରହିଥିଲା ।

*ଘାଗଡା, ରାହାମା, ଜଗତ୍‌ସିଂହପୁର*
*ଦୂରଭାଷ-୯୯୩୭୪୧୨୫୧୫*








ଅଦିତି ଦାସ
ଷ୍ଟାଣ୍ଡାର୍ଡ-୫
ବିଜେଇଏମ୍ ସ୍କୁଲ -୨, ସତ୍ୟଭାମାପୁର, ଭୁବନେଶ୍ୱର





ଅଙ୍କିତା ଲେଙ୍କା
ଏଲ୍‌କେଜି
ମଦର୍ସ ସ୍କୁଲ, ନିଆଳୀ, କଟକ



# ସେବତୀଙ୍କ ଦୁଃଖ କେବେ ଶୁଣିବେ ସରକାର

## ବୈଧବ୍ୟ ଯନ୍ତ୍ରଣାରେ ବିତୁଛି ଜୀବନ

**ଭବାନୀପାଟଣା,(ଅନୀଲ ପଟ୍ଟନାୟକ) :** କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ସହର ପୁରୁଣା ପଡାର ଜଣେ ବିଧବା ମହିଳା ସେବତୀ ନାଏକଙ୍କ କରୁଣ କାହାଣୀ ଶୁଣିଲେ ଯେକୌଣସି ଲୋକର ଆଖିରୁ ନିଶ୍ଚୟ ଲୁହ ଝରିପଡିବ। ସ୍ୱାମୀଙ୍କ ଅକାଳ ବିୟୋଗ ପରେ ନିଜର ଦୁଇ ସାବାଳିକା ଝିଅର ଭବିଷ୍ୟତକୁ ନେଇ ଦୁଶ୍ଚିନ୍ତାରେ ଥିବାବେଳେ ସରକାରୀ ସାହାଯ୍ୟ ଅପେକ୍ଷାରେ ବର୍ଷପରେ ବର୍ଷ ବିତିଯାଉ ଥିଲେ ହେଁ ସେବତୀର ଦୁଃଖର ଅନ୍ତ ଘଟୁନାହିଁ। ଜିଲ୍ଲାପ୍ରଶାସନର ଜିଲ୍ଲାପାଳଙ୍କ ଠାରୁ ଆରମ୍ଭ କରି ସମସ୍ତ ପ୍ରଶାସନିକ ଅଧିକାରୀଙ୍କ ଦ୍ୱାରସ୍ତ ହୋଇ ମଧ୍ୟ ସେବତୀ ନିରାଶ ହୋଇଛି। ଶେଷରେ ସେବତୀ ଦୁଇ ହାତ ଟେକି ଭଗବାନ ଭରଷାରେ ପର ଆଶ୍ରାକୁ ଅନାଇ ବସିଛି। ସ୍ଥାନୀୟ ପୁରୁଣାପଡା ନିବାସୀ ସେବତୀ ନାଏକଙ୍କ ଦୁଇ ଝିଅ ହେମବନ୍ତୀ ନାଏକ (୨୨) ବାସନ୍ତୀ ନାଏକ (୧୮), ଆଜକୁ ୧୨ ବର୍ଷ ହେଲା, ମୋ ସ୍ୱାମୀ ସୁରେଶ ଚନ୍ଦ୍ର ନାଏକଙ୍କ ମୃତ୍ୟୁ ପରେ ଅତିକଷ୍ଟରେ ଜୀବନ ଯାପନ କରୁଛି। ସ୍ୱାମୀ ଡି.ଏସ୍.ଡବ୍ଲୁ.ଓ/ଆଇ.ସି.ଡି.ଏସ୍. ଅଫିସ୍ କଲମପୁରେ ଷ୍ଟାଷ୍ଟିକାଲ୍ ଆସିଷ୍ଟାଣ୍ଟ ଭାବରେ କାର୍ଯ୍ୟରତ ଥିବା ବେଳେ ତାଙ୍କର ମୃତ୍ୟୁ ହେଲା। ଶ୍ୱଶୁର ଘରେ ଆଶ୍ରା ଦେଲେ ନାହିଁ, ମୋ ସ୍ୱାମୀଙ୍କର ଏକ ଦ୍ୱିତୀୟ ସ୍ତ୍ରୀ ଗାଆଁରେ ଥିବା ସମସ୍ତ ପ୍ରକାର ଜମିବାଡି, ଘର ସଂପତ୍ତି ଭୋଗ କରୁଛି। ମୁଁ ଏଠାରେ ଭଡାଘରେ ମୋ ଦୁଇଟି ଝିଅକୁ ରଖି ପାଠ ପଢାଉଛି। ଯେଉଁ ଅଧା ପେନସନ୍ ମିଳୁଛି ସେଥିରେ ଘରଭଡା, ପାଠପଢା ଖର୍ଚ୍ଚ, ଔଷଧ ଖର୍ଚ୍ଚ ପାଉନାହିଁ। ଶଶୁର ଘରୁ କୌଣସି ସାହାଯ୍ୟ ମିଳୁନାହିଁ। ଓଲଟା ସମାନେ ସମସ୍ତ ଜମି ବାଡି ବିକ୍ରିକରି ଖାଉଛନ୍ତି, ଯେଉଁଠିରେ କି ମୋର ଦୁଇଟି ଝିଅ ଓ ମୋର ମଧ୍ୟ ଅଧିକାର ରହିଛି। ସେଥିରୁ ଆମେ ସମସ୍ତେ ବଞ୍ଚିତ ହେଉଛୁ। ମୋ ପାଖରେ ଆଉ ଶକ୍ତି, ସାମର୍ଥ୍ୟ ନାହିଁ ସେମାନଙ୍କ ସହ ଲଢେଇ କରିବା ପାଇଁ, ଏହି ଝିଅ ମାନଙ୍କୁ ନେଇ ମୋର ଚଳିବା ବହୁତ କଷ୍ଟ ହେଲାଣି । ସ୍ୱାମୀଙ୍କର ଯେଉଁ ବକେୟା ରାଶି ଯଥା ଜି.ପି.ଏଫ ଓ ଏରିଅର ପଇସା କୁ ମୁଁ ଦାବି କରି ଆସୁଅଛି। କିନ୍ତୁ ତାହାକୁ ମଧ୍ୟ ଅଫିସ୍‌ରେ ଦୁଇଭାଗ କରିଦେଇଛନ୍ତି। ଯଦି ଏମିତି କରାଯାଏ ତେବେ ମୋର କି ଅବସ୍ଥା ହେବ ଘର ଟିଏ ନାହିଁ ଜମି, ଘର ସେ ଦ୍ୱିତୀୟ ସ୍ତ୍ରୀ ଉପଭୋଗ କରୁଛି। ମୋ ଛୁଆ ଦୁଇଟିକୁ ଓ ମୋତେ କିଛି ମିଳୁନାହିଁ। ଦ୍ୱିତୀୟ ସ୍ତ୍ରୀ ଜଣକ ଆମକୁ ଗାଆଁ କୁ ନଆସିବା ପାଇଁ ଧମକ ଦେଉଛି, ସେ ସମସ୍ତ ଜମି ଆମବିନା ଅନୁମତିରେ ବିକ୍ରି କରୁଛି। ମୋ ବଡଝିଅକୁ ଚାକିରୀ, ଯାହାକି ତାର ବାପାର ମଧ୍ୟ ଅଫିସ୍‌ରେ ଦେଇ ନାହାନ୍ତି। ମୁଁ ପେନସନ୍ ଟଙ୍କରେ ଚଳିବା ବହୁତ କଷ୍ଟ, ମୋର ଏତିକି ଅନୁରୋଧ କି ମୋ ସ୍ୱାମୀଙ୍କ ବକେୟା ରାଶିକୁ ଦୁଇଭାଗ ନ କରାଯାଉ, ଯଦି ଦ୍ୱିତୀୟ ସ୍ତ୍ରୀ ଗାଆଁର ସମସ୍ତ ସୁଖସୁବିଧା ଉପଭୋଗ କରୁଛି। ମୋ ବଡ ଝିଅ ସିକଲିନ୍ ଓ ଡାଇବେଟିସ୍ ରୋଗୀ। ତେଣୁ ବକେୟା, ଜି.ପି.ଏଫ, ଓ ଏରିଅର କୁ ଭାଗ ନ କରାଯାଉ ବୋଲି ମୋର ଆପଣଙ୍କୁ ଅନୁରୋଧ ଓ ମୋ ବଡ ଝିଅକୁ ଯୋଗ୍ୟତା ଭିତ୍ତିରେ ତା ବାପାଙ୍କ ଚାକିରୀ ମିଳୁ। ଏହା ଥିଲା ଉପରୋକ୍ତ ସେବତୀ ନାଏକ ଓ ତାଙ୍କର ଦୁଇଟି ଝିଅଙ୍କର ଲିଖିତ ଆକୁଳ ନିବେଦନ। ଏଥି ପୂର୍ବରୁ ଉକ୍ତ ପରିବାର କଳାହାଣ୍ଡି ଜିଲ୍ଲାର ସମସ୍ତ ରାଜନୈତିକ ବ୍ୟକ୍ତି ତଥା ସରକାରୀ ଅଫିସରଙ୍କୁ ତାଙ୍କର ଦୁଃଖ ଚିଠି ମାଧ୍ୟମରେ ବାରମ୍ବାର ଜଣାଇଥିଲେ ମଧ୍ୟ କୌଣସି ପ୍ରତିକାର ୧୨ ବର୍ଷ ଭୀତରେ ହୋଇନାହିଁ। ଦରଖାସ୍ତଟି ଜିଲ୍ଲା ପ୍ରତିନିଧି ପାଇବା ପରେ ମାନବିକତା ଦୃଷ୍ଟିରୁ ଖବର କାଗଜ ମାଧ୍ୟମରେ ପୁନର୍ବାର ସେ ସମସ୍ତଙ୍କୁ ଜଣାଇ ଦେବାକୁ ଓ ଅନୁରୋଧ କରିବାକୁ ବାଧ୍ୟ ହୋଇଛନ୍ତି। ପୂର୍ବରୁ ଏ ପରିବାର ୨୩.୧୦.୨୦୦୯ ମସିହାରେ ସମସ୍ତଙ୍କ ଠାରୁ ନିରାଶ ହେବା ପରେ କଳାହାଣ୍ଡି ଜିଲ୍ଲା ଆରକ୍ଷୀ ଅଧକ୍ଷକ, ଜିଲ୍ଲାପାଳ, ସାଂସଦ, ବିଧାୟକ, ଉପଜିଲ୍ଲାପାଳ ଧର୍ମଗଡ ତଥା କିଛି ଗଣ ମାଧ୍ୟମକୁ ଆତ୍ମହତ୍ୟା କରିବା ଛଡା ଅନ୍ୟକୌଣସି ଉପାୟ ନାହିଁ ବୋଲି ଜଣାଇ ଥିଲେ। ଏହି ଭିତରେ ଦ୍ୱିତୀୟ ସ୍ତ୍ରୀ ବଞ୍ଚିଥିବା ଶଶୁରଙ୍କୁ ମରିଯାଇଥିବା ଦର୍ଶାଇ ଏକ ଲିଗାଲ ହେୟାର ସାର୍ଟିଫିକେଟ ଟିକେମଣି ନାଏକଙ୍କ ଦ୍ୱାରା ତହସିଲଦାର ମଦନପୁର ରାମପୁରଙ୍କ ଠାରୁ ହାସଲ କରି ଜିଲ୍ଲା ଅଫିସ୍ ଓ କଲମପୁର ଅଫିସ୍‌ରେ ଦେବାପାଇଁ ପ୍ରଥମ ସ୍ତ୍ରୀ ସେବତୀଙ୍କୁ ଯୋର ଜବର ଦସ୍ତି ଦସ୍ତଖତ କରିବାକୁ କହି ଦସ୍ତଖତ କରାଇ ନେଇଥିଲେ। ସେଥିରେ ଦର୍ଶା ଯାଇଥିବା ବ୍ୟକ୍ତି ମାନଙ୍କର, ନାମ, ବୟସ, ଓ ମୃତ ବ୍ୟକ୍ତିଙ୍କ ସହିତ ସମ୍ପର୍କ ତଳେ ଦର୍ଶା ଯାଉଛି। ଲିଗାଲ ହେୟାର ସାର୍ଟିଫିକେଟ ନଂ - ଆର.ଏମ.ସି-୭୨୩୬/୨୦୦୭ ହେମବନ୍ତୀ ନାଏକ, ଓ ବାସନ୍ତି ନାଏକ ଏମାନଙ୍କର ବୟସ ୧୩ ବର୍ଷ ଓ ୮ ବର୍ଷ ଏମାନେ ମୃତ ବ୍ୟକ୍ତିଙ୍କର ୨ ଝିଅ, ସ୍ମିତାରାଣୀ ନାଏକ, ବୟସ ୮ ବର୍ଷ ଦ୍ୱିତୀୟ ସ୍ତ୍ରୀଙ୍କର ଝିଅ, ସେବତୀ ନାଏକ ବୟସ ୨୬ ବର୍ଷ, ପ୍ରଥମ ସ୍ତ୍ରୀ ଯାଜ୍ଞସେନୀ ନାଏକ, ବୟସ ୩୦ ବର୍ଷ ମୃତ ସୁରେଶଙ୍କ ଦ୍ୱିତୀୟ ସ୍ତ୍ରୀ ଓ ଜେମା ନାଏକ ୬୦ ବର୍ଷ ମୃତ ସୁରେଶଙ୍କ ମାଆ। ପ୍ରଶ୍ନଉଠେ ଜୀବିତ ପିତାଙ୍କୁ କିଭଳି ଭାବରେ ତହସିଲଦାର ଓ ରେଭିନ୍ୟୁ ଇନିସପେକ୍ଟର ଅଣଦେଖା କଲେ ଯିଏକି ବର୍ତ୍ତମାନ ପର୍ଯ୍ୟନ୍ତ ଜୀବିତ ଅନୁସନ୍ଧାନ କଲେ ଏହାର କାରଣ ଜଣା ପଡିବ। ପ୍ରଶ୍ନ ଉଠେ ଜଣେ ସରକାରୀ କର୍ମଚାରୀଙ୍କର ଦ୍ୱିତୀୟ ସ୍ତ୍ରୀକୁ ଜିଲ୍ଲା ପ୍ରଶାସନ ଓ ଅଫିସ୍ କିପରି ଭାବରେ ସ୍ତ୍ରୀର ମାନ୍ୟତା ଦେଇ ପେନସନ୍, ଗ୍ରାଚ୍ୟୁଟି, ଜିପିଏଫ, ଏରିଅରପଇସା, ଅଧାଅଧା କରିବା ପାଇଁ ଚେଷ୍ଟା କରୁଛନ୍ତି ? ଗୋଟିଏ ବିଧବା ସ୍ତ୍ରୀ ମାତ୍ର ୩୬ ବର୍ଷ ବୟସରେ ୨ଟି ଝିଅ କୁ ଧରି ଭବାନୀପାଟଣା ଭଳି ଜାଗାରେ ଘର ଭଡାନେଇ ସେମାନଙ୍କୁ ଖାଇବା ପିଇବା ଦେଇ ଓ ପାଠପଢାଇ ବଞ୍ଚାଇ କରିରଖିଛି ତାହା ନିଶ୍ଚିତ ଭାବରେ ଆଶ୍ଚର୍ଯ୍ୟର କଥା ମାତ୍ର ୮ ହଜାର ଟଙ୍କା ଅଧାପେନସନ୍‌ରେ ସେ ତାଙ୍କର ଦୁଇଟି ଝିଅଙ୍କୁ ବର୍ତ୍ତମାନ ପର୍ଯ୍ୟନ୍ତ ଭରଣ ପୋଷଣ କରୁଛନ୍ତି ତାହା ପୁଣି ସ୍ୱାମୀଙ୍କ ମୃତ୍ୟୁର ଦୁଇ ବର୍ଷପରେ ଆଜକୁ ୧୨ ବର୍ଷହେଲା। ଏବେ ବି ସମୟଅଛି ପ୍ରଶାସନ ଓ ଗଣ ମାଧ୍ୟମ ଯଦି ଆନ୍ତରିକ ଇଚ୍ଛା ବ୍ୟକ୍ତ କରନ୍ତି ତେବେ ଗୋଟାଏ ପରିବାର ନିଶ୍ଚିତ ଭାବରେ ମୃତ୍ୟୁ ମୁଖରୁ ଉଦ୍ଧାର ପାଇବେ। ତେବେ ଏହି ଗରିବ ଅଭାଗିନି ବିଧବା ମହିଳା ସେବତୀର କରୁଣ କାହାଣୀ ବୁଝିବା ପାଇଁ ନା ପ୍ରଶାସନର ହୃଦୟ ଅଛି ନା ସରକାରଙ୍କର ଏଥି ପ୍ରତି ଆନ୍ତରିକତା ଅଛି। ତୁରନ୍ତ ଜିଲ୍ଲାପ୍ରଶାସନ ଏଥି ପ୍ରତି ଦୃଷ୍ଟିଦେଇ ବିଧବା ମହିଳାଙ୍କ ପରିବାରର ସୁବିଧା ନିମନ୍ତେ ଆବଶ୍ୟକିୟ ପଦକ୍ଷେପ ନେବାର ସମୟ ଆସିଛି। ନଚେତ ଅଦିନରେ ଏହି ପରିବାରଟି ସର୍ବସ୍ୱାନ୍ତ ହେବାର ସମ୍ଭାବନା ରହିଛି।

## କନିଷ୍କ କାଟାରିଆ ଆଇଏଏସ୍ ଟପ୍ପର

**ଭୁବନେଶ୍ୱର :** ୟୁପିଏସସି ଦ୍ୱାରା ଆୟୋଜିତ ହୋଇଥିବା ସିଭିଲ ସର୍ଭିସ ପରୀକ୍ଷା ଫଳ ଆଜି ପ୍ରକାଶ ପାଇଛି । ପ୍ରକାଶିତ ପରୀକ୍ଷାଫଳ ଅନୁଯାୟୀ କନିଷ୍କ କାଟାରିଆ ଟପ୍ପର ହୋଇଥିବା ବେଳେ ଅକ୍ଷୟ ଜୈନ ଦ୍ୱିତୀୟ, ଜୁନେଦ୍ ଅହମ୍ମଦ - ତୃତୀୟ, ଶ୍ରେୟାନ୍ସ - ଚତୁର୍ଥ, ସୃଷ୍ଟି ଜୟନ୍ତ ଦେଶମୁଖ - ପଂଚମ, ଶୁଭମ ଗୁପ୍ତା - ଷଷ୍ଠ, କାର୍ତ୍ତି ବସୁନ୍ଧ ରେଡ୍ଡି - ସପ୍ତମ, ବୈଶାଳୀ ସିଂ - ଅଷ୍ଟମ ଏବଂ ଗୁଂଜନ ଦ୍ୱିବେଦୀ ନବମ ସ୍ଥାନରେ ରହିଛନ୍ତି । ଓଡ଼ିଶାରୁ ସୌମ୍ୟ ରଂଜନ ରାଉତ ୧୧୮ତମ ସ୍ଥାନରେ ରହିଥିଲା ବେଳେ ଉପାସନା ମହାପାତ୍ର ୧୧୯, ଜୁବିନ୍ ମହାପାତ୍ର ୨୩୫, ଶୁଭେନ୍ଦୁ ପାତ୍ର ୪୫୭, ସୋମାଲିନ ଶୁଭଦର୍ଶିନୀ ୪୭୮, ସୁଧାଂଶୁ ନାୟକ ୫୦୦, ଦୀପକ କୁମାର ମିଶ୍ର ୫୧୧, ସଂଜୟ ସାହୁ ୫୨୬, ରାକେଶ କୁମାର ସାହୁ ୬୨୭, ସିଦ୍ଧାର୍ଥ ଗୌତମ ୫୩୮, ଦେବରାଜ ଦାସ ୬୨୯, ବିଭୂତି ଭୂଷଣ ନାୟକ ୭୫୯ ସ୍ଥାନରେ ଅଛନ୍ତି ।

## ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ନା ଗାଡି ଷ୍ଟାଣ୍ଡ !



**ଖୋରଧା :** ନିର୍ବାହୀ ଯନ୍ତ୍ରୀ ଖୋରଧା ଜଳ ସେଚନ ବିଭାଗଙ୍କ କାର୍ଯ୍ୟାଳୟ ପରିସର ପାଲଟିଛି ସାଇକେଲ ଓ ମଟର ସାଇକେଲ ଷ୍ଟାଣ୍ଡ। ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟର ମୁଖ୍ୟ ପ୍ରବେଶ ଦ୍ୱାର ଠାରୁ କାର୍ଯ୍ୟାଳୟ ଭିତରେ ଅଫିସ କର୍ମଚାରୀଙ୍କର ସାଇକେଲ ଓ ମଟର ସାଇକେଲ ଧାଡ଼ି କରି ରଖିବା ଦ୍ୱାରା କାର୍ଯ୍ୟାଳୟ ଭିତରକୁ ଯିବା ଆସିବାରେ ଅସୁବିଧା ହେବା ସହିତ ଏହା ସରକାରୀ କାର୍ଯ୍ୟାଳୟ ନା ସାଇକେଲ ଷ୍ଟାଣ୍ଡ ଜଣାପଡୁନାହିଁ। ସାଇକେଲ ଓ ମଟର ସାଇକେଲ ଅଫିସ କର୍ମଚାରୀମାନେ ରଖିବା ନିମନ୍ତେ କାର୍ଯ୍ୟାଳୟ ପରିସରରେ ଷ୍ଟାଣ୍ଡ ନିର୍ମାଣ କରାଯାଇଥିଲେ ମଧ୍ୟ ସେଠାରେ ନ ରଖି କାର୍ଯ୍ୟାଳୟ ଭିତରେ ରଖିବା କାରଣ କ'ଣ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ସମ୍ପର୍କରେ ବିଭାଗୀୟ ଉଚ୍ଚ ପଦସ୍ଥ ଅଧିକାରୀ ବିଶେଷ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## ବିଜେପିରୁ ଦେବେନ୍ଦ୍ରଙ୍କ ନାମାଙ୍କନ ଦାଖଲ



**ରେଢାଖୋଲ :** ସମ୍ବଲପୁର ଜିଲ୍ଲା ରେଢାଖୋଲ ନିର୍ବାଚନ ମଣ୍ଡଳୀର ବିଧାୟକ ପାଇଁ ବିଜେପି ତରଫରୁ ପ୍ରାର୍ଥି ଭାବରେ ଦେବେନ୍ଦ୍ର ମହାପାତ୍ର ଗୁରୁବାର ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ସ୍ଥାନୀୟ ରାମମନ୍ଦିରଠାରୁ ହଜାର ହଜାର ସମର୍ଥକଙ୍କ ସହ ଏକ ବିରାଟ ଶୋଭାଯାତ୍ରାରେ ନଗର ପରିକ୍ରମା କରି ରେଢାଖୋଲ ଉପଜିଲ୍ଲାପାଳ କାର୍ଯ୍ୟାଳୟରେ ପହଁଚିଥିଲେ । ସେଠାରେ ଉପଜିଲ୍ଲାପାଳ ବିଶିକେଷନ ଦେହୁରୀଙ୍କୁ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ପୂର୍ବରୁ ଗତ ମଙ୍ଗଳବାର ଦିନ ବିଜେପି ପକ୍ଷରୁ ୨ ସେଟ ନାମାଙ୍କନ ପତ୍ର ନିରାଡମ୍ବର ପୂର୍ଣ୍ଣ ଭାବାରେ ଦାଖଲ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସମ୍ବଲପୁର ସାଂସଦ ପ୍ରାର୍ଥୀ ନିତେଶ ଗଙ୍ଗଦେବ, ବରଗଡ ଜିଲ୍ଲା ଓ ରେଢାଖୋଲ ପ୍ରଭାରୀ ସୀମାଳ ଖଟେଇ, ଜିଲ୍ଲା ସଭାପତି ରାମଚନ୍ଦ୍ର ମେହେର, ଶିବରାମ ସାହୁ, ରାମାନୁଜ ମହାପାତ୍ର, ଅନିଲ ପୁଷ୍ଟି, ଦାମଦର କର, ବିଚିତ୍ରାନନ୍ଦ ସାହୁ, ରାଜେନ୍ଦ୍ର ବୈଠାରୁ ପ୍ରମୁଖଉ ପସ୍ଥିତ ଥିଲେ।

## ଅଂଶୁଘାତର ମୁକାବିଲା ପାଇଁ ଜିଲ୍ଲାସ୍ତରୀୟ ପ୍ରସ୍ତୁତି ବୈଠକ

# ପାନୀୟ ଜଳ ଯୋଗାଣ ଉପରେ ଗୁରୁତ୍ୱ



**ବାରିପଦା:** ଚଳିତ ଗ୍ରୀଷ୍ମ ପ୍ରବାହ ଋତୁରେ ସମଗ୍ର ମୟୁରଭଞ୍ଜ ଜିଲ୍ଲାରେ ସମ୍ଭାବ୍ୟ ଅଂଶୁଘାତର ମୁକାବିକା ନିମନ୍ତେ  ଗ୍ରହଣ କରାଯିବା ନେଇ କମିଟି ବୈଠକଜିଲ୍ଲା ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ତଥା ଅଧକ୍ଷ, ଜିଲ୍ଲା ବିପର୍ଯ୍ୟୟ ପରିଚାଳନା କମିଟି ମୟୂରଭଞ୍ଜ ବିନୀତ୍ ଭରଦ୍ୱାଜଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଅଛି। ଉକ୍ତ ବୈଠକରେ ମୟୂରଭଞ୍ଜ ଅତିରିକ୍ତ ଜିଲ୍ଲାପାଳ ବ୍ରଜବନ୍ଧୁ ଭୋଳ, ବାରିପଦା ଉପଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା, ମୁଖ୍ୟ ଚିକିସ୍ଛା ଅଧିକାରୀ ମୟୂରଭଞ୍ଜ ଡା. ପୂରବୀ ମହାନ୍ତି, ଜିଲ୍ଲା ଜରୁରୀ ଅଧିକାରୀ ସୁଜୟ କୁମାର ପତି ପ୍ରମୁଖଙ୍କ ସମେତ ସମ୍ପୃକ୍ତ ବିଭିନ୍ନ ବିଭାଗ ଜିଲ୍ଲା ସ୍ତରୀୟ ପଦାଧିକାରୀ, ବିଡିଓ, ତହସିଲଦାର ଓ ଲାଇନ ବିଭାଗୀୟ ଅଧିକାରୀମାନେ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ବୈଠକରେ ବିଶେଷ କରି ପାନୀୟ ଜଳ ଯୋଗାଣ ବ୍ୟବସ୍ଥା, ସ୍ୱାସ୍ଥ୍ୟସେବା, ଗ୍ରୀଷ୍ମ ପ୍ରଭାବ ଜନିତ ତାପମାତ୍ରା ଓ ଅଂଶୁଘାତର ସତର୍କତା ସୂଚନା, ଅଗ୍ନି ନିର୍ବାପକ ବ୍ୟବସ୍ଥା. ବିଦ୍ୟୁତ ସରବରାହ ବ୍ୟବସ୍ଥା ଏବଂ ସମସ୍ତ ଶିକ୍ଷାନୁଷ୍ଠାନ, ଅଂଗନୱାଡି କେନ୍ଦ୍ର ପରିଚାଳନା, ସରକାରୀ/ଅର୍ଦ୍ଧ ସରକାରୀ/ଘରୋଇ କାର୍ଯ୍ୟକ୍ଷେତ୍ରରେ ନିର୍ମାଣ ଶ୍ରମିକ ନିୟୋଜନ ଓ ଯାତ୍ରୀବାହୀ ଯାନବାହାନ ଚଳାଚଳ ଆଦି କ୍ଷେତ୍ରରେ ସମୟ ସୀମା ସାରଣୀ ପରିବର୍ତନ କରାଯିବା ଆଦି ବିଷୟ ପ୍ରସଙ୍ଗ ଉପରେ ସବିଶେଷ ଆଲୋଚନା କରା ଯିବା ସହିତ ଏଦିଗରେ ବିହିତ କାର୍ଯ୍ୟାନୁଷ୍ଠା ଓ ସତର୍କତା ମୂଳକ ପଦକ୍ଷେପ ଗ୍ରହଣ କରିବା ପାଇଁ ଜିଲ୍ଲାପାଳ ଶ୍ରୀ ଭରଦ୍ୱାର ସଂପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଗୁରୁତ୍ୱ ଆରୋପ କରିଛନ୍ତି। ଚଳିତ ଗ୍ରୀଷ୍ମଋତୁରେ ସମସ୍ତ ଶିକ୍ଷାନୁଷ୍ଠାନ ଗୁଡିକ ସକାଳ ଘ.୬.୩୦ ରୁ ଘ.୧୦.୩୦ ପର୍ଯ୍ୟନ୍ତ ନିର୍ଦ୍ଧାରିତ ଥିବା ସମୟ ସୀମା ମଧ୍ୟରେ ବିଦ୍ୟାଳୟ ପରିଚାଳନା ପାଇଁ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ସରକାରୀ/ବେସରକାରୀ କାର୍ଯ୍ୟକ୍ଷେତ୍ରରେ ଶ୍ରମିକ ମାନଙ୍କୁ ଦିବା ୧୧ ଘଟିକାଠାରୁ ଅପରାହ୍ନ ୩.୩୦ ଘଟିକା ପର୍ଯ୍ୟନ୍ତ କାର୍ଯ୍ୟରେ ନିୟୋଜିତ କରାଯାଇ ପାରିବ ନାହିଁ । ବିଭିନ୍ନ ନିର୍ମାଣାଦି କାର୍ଯ୍ୟରେ ନିୟୋଜିତ ଶ୍ରମିକମାନଙ୍କ ପାଇଁ କାର୍ଯ୍ୟକ୍ଷେତ୍ର ନିକଟରେ ଆବଶ୍ୟକୀୟ ପାନୀୟଜଳ, ଓ.ଆର.ଏସ୍ ପ୍ୟାକେଟ୍, ଛାୟାପ୍ରଦ ଆଶ୍ରୟସ୍ଥଳ ଆଦି ଆନୁସଙ୍ଗିକ ବ୍ୟବସ୍ଥା କରାଯିବା ଦିଗରେ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ସଂପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଗୁରୁତ୍ୱରୋପ କରାଯାଇଥିବା ବେଳେ ଜିଲ୍ଲାଶ୍ରମ ଅଧିକାରୀଙ୍କ ତତ୍ୱାବଧାନରେ ବିଭିନ୍ନ କାର୍ଯ୍ୟକ୍ଷେତ୍ରରେ ନିୟୋଜିତ ଶ୍ରମିକ ମାନଙ୍କ ପାଇଁ ଗ୍ରହଣ କରାଯାଇଥିବା ଆବଶ୍ୟକୀୟ ବ୍ୟବସ୍ଥା ସମ୍ବନ୍ଧରେ ଅନୁଧ୍ୟାନ କରି ନିୟମିତ ବିବରଣୀ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଅଛି। ଆଞ୍ଚଳିକ ପରିବହନ ଅଧିକାରୀଙ୍କ ତତ୍ୱାବଧାନରେ ମଧ୍ୟାହ୍ନ ଗ୍ରୀଷ୍ମ ପ୍ରକୋପ ସମୟ ଦିବା ୧୧ ଘଟିକା ଠାରୁ ଅପରାହ୍ନ ୩.୦୦ ଘଟିକା ପର୍ଯ୍ୟନ୍ତ କୌଣସି ଯାତ୍ରୀବାହୀ ଯାନବାହାନ ଚଳାଚଳ ଉପରେ କଟକଣା କରାଯିବା ଏବଂ ସମସ୍ତ ଯାତ୍ରୀ ପରିବହନ ଯାନ ଭିତରେ ଆବଶ୍ୟକୀୟ ପାନୀୟଜଳ, ଓ.ଆର.ଏସ୍, ପ୍ୟାକେଟ ଓ ବସ୍  ଷ୍ଟାଣ୍ଡମାନଙ୍କରେ ଆବଶ୍ୟକୀୟ ପାନୀୟଜଳ ବ୍ୟବସ୍ଥା କରିବା ପାଇଁ ସଂପୃକ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଜିଲ୍ଲାର ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ର, ଉପକେନ୍ଦ୍ର ମାନଙ୍କରେ ଜୀବନରକ୍ଷାକାରୀ ଔଷଧ/ଓ.ଆର୍.ଏସ. ପ୍ୟାକେଟ ଇତ୍ୟାଦି ଯଥେଷ୍ଟ ପରିମାଣରେ ମହଜୁତ ରଖିବା ସହିତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଉପଖଣ୍ଡ ଓ ଜିଲ୍ଲା ଚିକିତ୍ସାଳୟରେ ଅଂଶୁଘାତ ଜନିତ ପ୍ରଭାବିତ ରୋଗୀମାନଙ୍କ ଆଶୁ ଚିକିତ୍ସା ସେବା ଯୋଗାଇ ଦେବା ପାଇଁ ଆବଶ୍ୟକୀୟ କୁଲର୍ / ଶୀତତାପ ନିୟନ୍ତ୍ରିତ ସ୍ୱତନ୍ତ୍ର କୋଠରୀର ବ୍ୟବସ୍ଥା କରିବା ଏବଂ ଭ୍ରାମ୍ୟମାଣ  ସ୍ୱାସ୍ଥ୍ୟ ସେବା ତ୍ୱରାନ୍ୱିତ ନିମନ୍ତେ ଜିଲ୍ଲା ମୁଖ୍ୟ ଚିକିତ୍ସାଧୀକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଭାରତର ...

ଏହାକୁ ବ୍ୟବହାର କରାଯାଇ ପାରିବ ନାହିଁ ବୋଲି ସର୍ତ୍ତାରୋପ କରି ରାଜିନାମା କରିଥିଲା। ଆମେରିକା ପ୍ରତ୍ୟକ୍ଷ ଭାବେ ପାକିସ୍ତାନର ଏଫ୍-୧୬ ଜେଟ୍‌ଗୁଡ଼ିକୁ ଗଣତି କରି ଦେଖିଲା ଯେ, ସମସ୍ତ ଏଫ୍-୧୬ ଜେଟ୍ ମହଜୁଦ ରହିଛି। ଗୋଟିଏ ହେଲେ ନଷ୍ଟ ହୋଇନାହିଁ। ପାକିସ୍ତାନ ପ୍ରତିରକ୍ଷା ବିଭାଗର ଜଣେ ଅଧିକାରୀଙ୍କ ନାମ ଉଲ୍ଲେଖ ନ କରି ତାଙ୍କର ଏ ସମ୍ପର୍କିତ ବୟାନକୁ ପ୍ରକାଶ କରିଛି ଏହି ପତ୍ରିକା। ସାଧାରଣତଃ ଏଭଳି ରାଜିନାମାରେ ଆମେରିକା ଏଫ୍-୧୬ ଜେଟ୍ ଖର୍ଦ୍ଦି କରୁଥିବା ଦେଶକୁ ଅଧିକାରୀଙ୍କୁ ପଠାଇ ଏହାର ନିୟମିତ ଯାଞ୍ଚ୍ କରିବାର ବ୍ୟବସ୍ଥା ରହିଛି। ଯୁଦ୍ଧବିମାନଗୁଡ଼ିକ ସୁରକ୍ଷିତ ରହିଛି ନା ଅନ୍ୟ କୌଣସି କାର୍ଯ୍ୟରେ ନିୟୋଜିତ କରାଯାଇଛି, ତାହା ଆମେରିକା ଯାଞ୍ଚ୍ କରିପାରିବ।

### ରଙ୍ଗ ବଦଳୁଛି ...

ହଟାଇବା ପାଇଁ ଯେତେ ଯେତେ ସ୍ଲୋଗାନ ଦିଆଗଲେ ବି ବାସ୍ତବ କ୍ଷେତ୍ରରେ ଏହାକୁ ବ୍ୟବସ୍ଥା ଠାରୁ ଦୂର କରିବା କାଠିକର ପାଠ। ପୂର୍ବାପେକ୍ଷା ଯଦିଓ ଉଚ୍ଚଶିକ୍ଷିତମାନେ ରାଜନୀତି କ୍ଷେତ୍ରକୁ ପ୍ରବେଶ କରୁଛନ୍ତି ତଥାପି ଭୋଟ ସଂସ୍କାର କ୍ଷେତ୍ରରେ ସେମାନଙ୍କର କୌଣସି ଉଦ୍ୟମ ରହୁନାହିଁ। ଯେଉଁଥିପାଇଁ ଦିନକୁ ଦିନ ନିର୍ବାଚନ ବ୍ୟୟବହୁଳ ହୋଇଯିବା ସହିତ ପ୍ରାର୍ଥୀଙ୍କ ଖର୍ଚ୍ଚ ଆକାଶଛୁଆଁ ହୋଇଯାଉଛି।

ଏକ ଆକଳନ ଅନୁଯାୟୀ ହିସାବ କଲେ ଜଣାପଡେ ଯେ, ଆମ ରାଜ୍ୟରେ ୨୧ ଲୋକସଭା ଓ ୧୪୭ ବିଧାନସଭା କ୍ଷେତ୍ର ପାଇଁ ୩୧୫ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହୋଇଥାଏ। ଏଥିରେ ଜଣେ ଜଣେ ପ୍ରାର୍ଥୀ ୧୦ରୁ ୧୫ କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ଏଥିରୁ ଗୋଟିଏକଥା ସ୍ପଷ୍ଟ ଯେ, ନିର୍ବାଚନରେ ପ୍ରାର୍ଥୀ ହେବା ସାଧାରଣ ଲୋକଙ୍କ ପାଇଁ ଆଦୌ ସହଜ ନୁହେଁ। ଅର୍ଥବଳ, ବାହୁବଳ ଏବଂ ଦଳୀୟ ଚିହ୍ନ ବର୍ତ୍ତମାନ ନିର୍ବାଚନର ମାପକାଠି। ଜନସେବା ଓ ଲୋକପ୍ରିୟତା ନିର୍ବାଚନ ଜିତିପାରିବାର ଆଉ ମାଧ୍ୟମ ହୋଇ ରହିନାହିଁ। ଯେଉଁ ପ୍ରାର୍ଥୀ ବା ଯେଉଁ ଦଳ ଯେତେ ଅଧିକ ଟଙ୍କା ଖର୍ଚ୍ଚ କରି ଭୋଟରଙ୍କ ନିକଟତର ହୋଇପାରିବ ସେ ହିଁ ଅଧିକ ଭୋଟ ପାଇ ନିର୍ବାଚନରେ ଜିତିବ। ଏହା କେବଳ ଆମ ରାଜ୍ୟ ଓଡ଼ିଶାର କଥା ନୁହେଁ। ଏଭଳି ଅବସ୍ଥା ସାରା ଦେଶରେ ଲାଗି ରହିଛି। ପଡୋଶୀ ରାଜ୍ୟ ଆନ୍ଧ୍ରପ୍ରଦେଶର କଥା ହିସାବକୁ ନେଲେ ଜଣାପଡେ ଯେ, ଏଠାରେ ୨୫ ଲୋକସଭା ଏବଂ ୧୭୫ ବିଧାନସଭା ଆସନ ପାଇଁ ହାରାହାରି ୨ ହଜାର କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହୋଇଥାଏ। ଏଥିରେ ଜଣେ ଜଣେ ପ୍ରାର୍ଥୀ ୫୦ କୋଟିରୁ ଅଧିକ ଟଙ୍କା ନିର୍ବାଚନରେ ଖର୍ଚ୍ଚ କରନ୍ତି। ସେହିଭଳି ବିହାରରେ ପ୍ରାର୍ଥୀଙ୍କ ପିଛା ୧୦ କୋଟି ଟଙ୍କା ଖର୍ଚ୍ଚ ହେଉଥିଲା ବେଳେ ଛତିଶଗଡ଼ରେ ଆସନ ପିଛା ୨ କୋଟି ଟଙ୍କା ଖର୍ଚ୍ଚ ହେଉଥିବାର ଜଣାପଡିଛି। ପଶ୍ଚିମବଙ୍ଗରେ ଆସନ ପିଛା ୮ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହେଉଥିବା ଅନୁମେୟ କରାଯାଏ। କିନ୍ତୁ ଆଦିବାସୀ ବହୁଳ ଝାଡଖଣ୍ଡରେ ଅତିବେଶୀରେ ଜଣେ ଜଣେ ପ୍ରାର୍ଥୀ ୬୦ରୁ ୭୦ଲକ୍ଷ ଟଙ୍କା ଭିତରେ ନିର୍ବାଚନ ଖର୍ଚ୍ଚ ତୁଲାଇଥାନ୍ତି। କେବଳ କୋଟି କୋଟି ଟଙ୍କା ଖର୍ଚ୍ଚ କରିଦେଲେ ଯେ, ଦଳ ବା ପ୍ରାର୍ଥୀ ଜିତିପାରନ୍ତି ନାହିଁ। ଏଥିପାଇଁ ଭୋଟରମାନଙ୍କୁ ନାନା ପ୍ରକାର ପ୍ରଲୋଭନ ମଧ୍ୟ ଦେଖାଇବାକୁ ପଡେ। ଭୋଟରଙ୍କୁ ଆକର୍ଷିତ କରିବା ପାଇଁ ଭିନ୍ନ ଭିନ୍ନ କୌଶଳ ଅବଲମ୍ବନ କରାଯିବା ସହିତ ନିର୍ବାଚନକୁ ନିଜ ସପକ୍ଷରେ ଆଣିବା ପାଇଁ ଅନେକ କଷ୍ଟ ସ୍ୱୀକାର କରିବାକୁ ପଡିଥାଏ। ଏସବୁ ଦୃଷ୍ଟିକୋଣରୁ ବିଚାର କଲେ ନିର୍ବାଚନରେ ନିରପେକ୍ଷତା ଆସିବ କୁଆଡୁ। ଯେପର୍ଯ୍ୟନ୍ତ ଭୋଟରମାନେ ନିଜର ଅଧିକାର ଓ ଉଚିତ ଦାବି ଗୁଡିକ ସମ୍ପର୍କରେ ସଚେତନ ନହେବେ ସେ ପର୍ଯ୍ୟନ୍ତ ବ୍ୟବସ୍ଥାରେ ଉନ୍ନତି ଘଟିପାରିବ ନାହିଁ। ନିର୍ବାଚନୀ ଇସ୍ତାହାରକୁ ବିଶ୍ୱାସକୁ ନେଇ ଭୋଟ ଦେଉଥିବା ଭୋଟରମାନେ ନିର୍ବାଚନ ପରେ ଏହାର ବାସ୍ତବତା ଉପଲବ୍ଧି କରିବା ହେଉଛି ସବୁଠୁ ବଡକଥା। ଦାରିଦ୍ର୍ୟ ଦୂରୀକରଣ ହେଉ କିମ୍ବା ଶିକ୍ଷିତଙ୍କୁ ଚାକିରି ପ୍ରତ୍ୟେକ କ୍ଷେତ୍ରରେ ଉତ୍ତମ ନୀତି ପ୍ରଣୟନ ସହିତ ଏହାର କାର୍ଯ୍ୟକାରିତାକୁ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି। ଯେଉଁ ସରକାର ଲୋକଙ୍କୁ ମୌଳିକ ସୁବିଧା ସୁଯୋଗ ଦେବାରୁ ବଞ୍ଚିତ କରୁଛନ୍ତି ବା ଯେଉଁ ନେତାମାନେ ନିର୍ବାଚନ ପରେ ନିର୍ବାଚନ କ୍ଷେତ୍ରକୁ ଆସି ଭୋଟରଙ୍କ ସହ ଭଲମନ୍ଦ କଥା ହେଉନାହାନ୍ତି ସେମାନଙ୍କୁ ଉଚିତ ଜବାବ ନଦେଲେ ପରିବର୍ତ୍ତନ କେବେ ଆପଣଛାଏଁ ଆସିବନାହିଁ। ଯେତେଦିନ ପର୍ଯ୍ୟନ୍ତ ଭୋଟରମାନେ ସଚେତନ ନହେବେ ସେତେଦିନ ଏଭଳି ନିର୍ବାଚନର ରଙ୍ଗ ବଦଳୁଥିବ ଓ ଖର୍ଚ୍ଚ ବଢୁଥିବ। ତେଣୁ ଭୋଟର ସଠିକ୍ ହେଲେ ନେତା ସଠିକ୍ ହେବେ।

### ମୋଦିଙ୍କୁ ...

ଏହି ସମ୍ପର୍କକୁ ଅଧିକ ନିବିଡ଼ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଆସିଛନ୍ତି। ତାଙ୍କର ଏ ପ୍ରକାର ଅବଦାନ ଲାଗି ୟୁଏଇ ରାଷ୍ଟ୍ରପତି ତାଙ୍କୁ ଜାୟେଦ୍ ପଦକ ଦେବାକୁ ମନୋନୀତ କରିଛନ୍ତି।’ ଏହି ପରିପ୍ରେକ୍ଷୀରେ ବୈଦେଶିକ ମନ୍ତ୍ରୀ ସୁଷମା ସ୍ୱରାଜ ଟୁଇଟରରେ ଉଲ୍ଲେଖ କରିଛନ୍ତି, ‘ଭାରତର ମହାନ ସୁପୁତ୍ର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଜାୟେଦ୍ ସମ୍ମାନ ଦିଆଯିବା ଲାଗି ଘୋଷଣାକୁ ମୁଁ ଖୁସିର ସହ ସ୍ୱାଗତ କରୁଛି। ଭାରତର ଜନସାଧାରଣଙ୍କ ପକ୍ଷରୁ ୟୁଏଇ ରାଷ୍ଟ୍ରପତିଙ୍କ ନିକଟରେ ମୁଁ ଗଭୀର କୃତଜ୍ଞତା ଜଣାଉଛି। ଏହା ଦ୍ୱାରା ଭାରତର ଜନସାଧାରଣଙ୍କୁ ସମ୍ମାନିତ କରାଯାଉଛି।’ ମୋଦି ପ୍ରଧାନମନ୍ତ୍ରୀ ଭାବେ ଗତବର୍ଷ ଫେବୃଆରୀରେ ୨ୟ ଥର ପାଇଁ ୟୁଏଇ ଗସ୍ତରେ ଯାଇଥିଲେ ଏବଂ ଯୁବରାଜଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ଆଲୋଚନା ଶେଷରେ ଦୁଇ ଦେଶ ମଧ୍ୟରେ ବିଭିନ୍ନ କ୍ଷେତ୍ରରେ ସହଯୋଗ ଲାଗି ୫ଟି ରାଜିନାମା ସ୍ୱାକ୍ଷରିତ ହୋଇଥିଲା।

### ମହିଳାଙ୍କ ଅଧିକାର ...

ବୋଧହୁଏ ପ୍ରଥମରୁ ଏହା କିଛି ମାତ୍ରାରେ ଠିକ୍ ଥିଲା। ଆଜି ଷାଠିଏ ହଜାର ମହିଳା ଓଡ଼ିଶାରେ ସରପଞ୍ଚ, ୱାର୍ଡ ମେମ୍ବର, ସମିତି ସଦସ୍ୟ, ଜିଲ୍ଲା ପରିଷଦ ସଦସ୍ୟ ଓ ସଭାପତି ଭାବରେ ଉଲ୍ଲେଖନୀୟ କାର୍ଯ୍ୟ କରୁଛନ୍ତି। ଆଜି ଓଡ଼ିଶାରେ ଶିଶୁ ମୃତ୍ୟୁହାର, ମାତୃ ମୃତ୍ୟୁହାର ହ୍ରାସ ଆଦି ବିଭିନ୍ନ ସାମାଜିକ, ଅର୍ଥନୈତିକ ସୂଚକାଙ୍କରେ ଯେଉଁ ପରିବର୍ତ୍ତନ ଆସିଛି, ତା’ର ସମସ୍ତ ଶ୍ରେୟ ହେଉଛି ତୃଣମୂଳ ସ୍ତରରେ କାମ କରୁଥିବା ଆମର ମହିଳା ନେତାମାନଙ୍କର। ଏହାର ଶ୍ରେୟ ମିଶନ ଶକ୍ତି ଆନ୍ଦୋଳନରେ ସାମିଲ ହୋଇଥିବା ୭୦ ଲକ୍ଷ ମା’ମାନଙ୍କର। ଯେଉଁ ଦେଶ ତା’ର ସର୍ବୋଚ୍ଚ ନିଷ୍ପତ୍ତି ଗ୍ରହଣ ଫୋରମ୍‌ରେ ମହିଳାମାନଙ୍କ ଉପଯୁକ୍ତ ପ୍ରତିନିଧିତ୍ୱ ପାଇଁ ସୁଯୋଗ ସୃଷ୍ଟି କରିନାହିଁ, ତାହା ସିଙ୍ଗିଲ୍ ଇଞ୍ଜିନ୍‌ରେ ଚାଲିବା ପରି ହୋଇଥାଏ। ଠିକ୍ ଭାବରେ ବିକାଶ ହୋଇନଥାଏ। ମୋ ମତରେ ଭାରତକୁ ଯଦି ବିକାଶର ଶିଖରରେ ପହଞ୍ଚିବାର ଅଛି, ଆମେରିକା, ଚାଇନା ପରି ଦେଶ ସହିତ ପ୍ରତିଦ୍ୱନ୍ଦ୍ୱିତା କରିବାର ଅଛି, ତା’ହେଲେ ତାକୁ ତା’ର ରାଜନୈତିକ ଦୃଶ୍ୟପଟ୍ଟରେ ବ୍ୟାପକ ପରିବର୍ତ୍ତନ ଆଣିବାକୁ ହେବ। ମହିଳାମାନଙ୍କୁ ସଶକ୍ତ କରିବାକୁ ହେବ। ଏହା ହିଁ ହେଉଛି ଆମ ଦେଶ ଆବଶ୍ୟକ କରୁଥିବା ପ୍ରକୃତ ଡବଲ ଇଞ୍ଜିନ୍। ଏହାଦ୍ୱାରା ହିଁ ବିକାଶ ଓ ସମତା ଆସିପାରିବ। ଯଦି ଆମେ ମହିଳାମାନଙ୍କୁ ଉପଯୁକ୍ତ ପ୍ରତିନିଧିତ୍ୱ ଦେଇଥାନ୍ତେ, ତା’ହେଲେ ଆନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଂଗ ଉପରେ ଆମର ଦୃଷ୍ଟିଭଙ୍ଗୀ ଆଜି ଭିନ୍ନ ହୋଇଥାନ୍ତା। ଯୁଦ୍ଧ, ଶାନ୍ତି ଓ ଆତଙ୍କବାଦ ଆଦି ପ୍ରଶ୍ନ ଭିନ୍ନ ଭାବରେ ସମାହିତ ହୋଇଥାନ୍ତା। ଧର୍ଷଣ, ଯୌନ ନିର୍ଯାତନା ଓ ଯୌତୁକ ସଂପର୍କିତ ଆମର ଆଇନ୍ ଅଧିକ ଫଳପ୍ରଦ ଭାବରେ କାର୍ଯ୍ୟକାରୀ ହୋଇପାରିବ। ଶିକ୍ଷା, ସ୍ୱାସ୍ଥ୍ୟ ଅଧିକ ଗୁରୁତ୍ୱ ଦେଇପାରିବ। କର୍ପୋରେଟ୍ ଆୟ ପରି ପରିବାରର ଆୟ ବୃଦ୍ଧି ମଧ୍ୟ ଉପଯୁକ୍ତ ପ୍ରାଥମିକତା ପାଇପାରିବ। ଆମ ଦଳ ସାରା ଦେଶରେ ପ୍ରଥମ ରାଜନୈତିକ ଦଳ ଯିଏକି ପ୍ରଥମକରି ୩୩ ପ୍ରତିଶତ ମହିଳାଙ୍କୁ ଲୋକସଭାକୁ ପଠାଇବା ପାଇଁ ନିଷ୍ପତ୍ତି କରିଛି। ବିଜୁ ଜନତା ଦଳର ସଭାପତି ଭାବରେ ଏହା ଥିଲା ମୋ ପାଇଁ ସବୁଠାରୁ ଆନନ୍ଦଦାୟକ ମୁହୂର୍ତ୍ତ। ଆମର ଉଭୟ ଜାତୀୟ ଦଳ ବାରମ୍ବାର ସେମାନଙ୍କ ଇସ୍ତାହାରରେ ମହିଳା ସଶକ୍ତିକରଣ ବିଷୟ କହି ଆସୁଛନ୍ତି। କିନ୍ତୁ ଯେତେବେଳେ ଏହହାକୁ କାର୍ଯ୍ୟକାରୀ କରିବା ପାଇଁ ସୁଯୋଗ ଆସିଛି, ସେତେବେଳେ ସେମାନଙ୍କ ଉଦ୍ଦେଶ୍ୟମୂଳକ ନିରବତା ଅନେକ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସେମାନଙ୍କର ଏହି ନିରବତାକୁ ଭଙ୍ଗ କରିବାକୁ ବିଜୁ ଜନତା ଦଳ ତା’ର ଭୂମିକା ତୁଲାଇଛି। ମୁଁ ନିଶ୍ଚିତ ଯେ ଆମର ୭ଜଣ ମହିଳା ପ୍ରାର୍ଥୀଙ୍କ ସ୍ୱର ଲୋକସଭାର ପବିତ୍ର ଗୃହରେ ପ୍ରତିଧ୍ୱନିତ କରିବା ପାଇଁ ଓଡ଼ିଶାବାସୀ ସୁଯୋଗ ଦେବେ। ମୁଁ ଆଶାବାଦୀ ଯେ ଓଡ଼ିଶାରୁ ଆରମ୍ଭ ହୋଇଥିବା ଏହି ଆନ୍ଦୋଳନ ଆମର ଜାତୀୟ ଦଳମାନଙ୍କୁ ପ୍ରଭାବିତ କରିବ।

### ସୀମାନ୍ତ ରାଜ୍ୟର ...

ପ୍ରଥମରୁ ଅଷ୍ଟମଶ୍ରେଣୀ ପର୍ଯ୍ୟନ୍ତ ପାଠ୍ୟପୁସ୍ତକ ଯୋଗାଇ ଦିଆଯିବ। ରାଜ୍ୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷା ବିଭାଗ ଦ୍ୱାରା ପରିଚାଳିତ ସ୍କୁଲ, ସାମାଜିକ କଲ୍ୟାଣ ବିଭାଗ ଦ୍ୱାରା ପରିଚାଳିତ ସ୍କୁଲ, ସରକାରୀ ସ୍କୁଲ, ଅନୁଦାନପ୍ରାପ୍ତ ଘରୋଇ ସ୍କୁଲ ଏବଂ ସରକାରୀ ଓ ଅନୁଦାନପ୍ରାପ୍ତ ସ୍କୁଲ ସଂଖ୍ୟା ୫୮ହଜାର ୬୩୧ । ସେହିପରି ୨୦୧୭-୧୮ ଶିକ୍ଷାବର୍ଷର ରିପୋର୍ଟ ଅନୁଯାୟୀ, ରାଜ୍ୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କ ସଂଖ୍ୟା ୫୯ଲକ୍ଷ ୭୨ହଜାର ୮୭୦ ରହିଛି। ସର୍ବଶିକ୍ଷା ଅଭିଯାନରେ ମାଗଣା ପୁସ୍ତକ ବଣ୍ଟନ ବ୍ୟବସ୍ଥାରେ ସରକାରୀ ସ୍କୁଲପାଇଁ ସବୁ ପାଠ୍ୟପୁସ୍ତକ ମାଗଣାରେ ଦିଆଯାଉଥିବା ବେଳେ ଚଳିତ ବର୍ଷଠାରୁ ପ୍ରଥମକରି ସରକାରୀ ସାହାଯ୍ୟପ୍ରାପ୍ତ ସ୍କୁଲରେ ପଢୁଥିବା ପିଲାଙ୍କୁ ୫୦ପ୍ରତିଶତ ରିହାତିରେ ଏହି ପୁସ୍ତକ ବଣ୍ଟାଯିବ। ଝାରଖଣ୍ଡ, ଛତିଶଗଡ଼, ପଶ୍ଚିମବଙ୍ଗ ଓ ସୁରଟରେ ବହୁ ଓଡ଼ିଆ ବାସିନ୍ଦା ରହୁଛନ୍ତି। ଏହି ୪ଟି ରାଜ୍ୟରେ କେବଳ ଓଡ଼ିଆ ପିଲାଙ୍କ ଲାଗି ସ୍ୱତନ୍ତ୍ର ସ୍କୁଲରେ ପାଠପଢ଼ା ମଧ୍ୟ ହେଉଛି। ତେଣୁ ସେହି ପିଲାଙ୍କ ଲାଗି ମଧ୍ୟ ମାଗଣା ପାଠ୍ୟପୁସ୍ତକ ବ୍ୟବସ୍ଥା ଲାଗୁ କରିବାକୁ ପ୍ରୟାସ ଆରମ୍ଭ ହୋଇଛି। ସମ୍ପୃକ୍ତ ରାଜ୍ୟରେ ଯେଉଁ ଓଡ଼ିଆ ଛାତ୍ରଛାତ୍ରୀ ନିଜଭାଷାରେ ପଢୁଛନ୍ତି ସେମାନଙ୍କୁ ମଧ୍ୟ ପାଠ୍ୟପୁସ୍ତକ ୫୦ପ୍ରତିଶତ ରିହାତିରେ ୨୦୧୯-୨୦ ଶିକ୍ଷାବର୍ଷରୁ ପ୍ରଦାନ କରାଯିବ। ରାଜ୍ୟ ତଥା ରାଜ୍ୟ ବାହାରର ଓଡ଼ିଆ ପିଲାଙ୍କ ଲାଗି ପାଠ୍ୟପୁସ୍ତକ ପ୍ରିଣ୍ଟିଂ କାର୍ଯ୍ୟ ଶେଷ ହୋଇଛି। ପ୍ରାୟ ୨ କୋଟି ୮୦ ଲକ୍ଷ ପୁସ୍ତକ ଛପା ଲାଗି ଲକ୍ଷ୍ୟ ରହିଥିବା ବେଳେ ରାଜ୍ୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କୁ କିଛି ପୁସ୍ତକ ପ୍ରଦାନ ୨ ତାରିଖରୁ ଆରମ୍ଭ ହୋଇଛି। ଜୁନ୍ ଶେଷ ସପ୍ତାହ ସୁଦ୍ଧା ସବୁ ପୁସ୍ତକ ବଣ୍ଟନ ଶେଷ ହେବା ସହ ୪ଟି ରାଜ୍ୟରେ ମଧ୍ୟ ଏହି ପୁସ୍ତକ ବଣ୍ଟନ କାର୍ଯ୍ୟ ସେହି ନିର୍ଦ୍ଧାରିତ ସମୟରେ ଶେଷ ହେବ ବୋଲି ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଜଣାପଡ଼ିଛି। ତେବେ ୪ଟି ରାଜ୍ୟରେ କେଉଁ ରାଜ୍ୟ ଲାଗି କେତେ ପୁସ୍ତକ ଯୋଗାଇ ଦିଆଯିବ ତାହା ସ୍ପଷ୍ଟ ହୋଇପାରିନାହିଁ।

### ଏଣିକି ...

ପର୍ଯ୍ୟନ୍ତ ଚାଲିବ। ଯେପରିକି ୧୧ଟା ସୁଦ୍ଧା ପିଲାମାନେ ଘରକୁ ଫେରିବେ ସେ ଦିଗରେ ଗୁରୁତ୍ୱ ଦିଆଯିବ। ସେହିପରି ଅଙ୍ଗନବାଡ଼ିକେନ୍ଦ୍ର ଗୁଡିକ ମଧ୍ୟ ପୂର୍ବାହ୍ନ୧୦ଟା୩୦ ପର୍ଯ୍ୟନ୍ତ କାର୍ଯ୍ୟ କରିବ ବୋଲି ନିର୍ଦ୍ଦେଶ ଦିଆଯାଇଥିଲା। ତେଣୁ ସକାଳୁଆ ସ୍କୁଲ ଲାଗି ଶିକ୍ଷକମାନେ ସକାଳ ୬ଟାରେ ସ୍କୁଲରେ ଆସି ପହଞ୍ଚୁଛନ୍ତି। ୧୦ଟା୩୦ ମଧ୍ୟରେ ଶିକ୍ଷା ଦାନ ସହିତ ମଧ୍ୟାହ୍ନ ଭୋଜନରେ ନିୟୋଜିତ ହେଉଛନ୍ତି ତେବେ ୧୦ଟା୩୦ ପରେ ସ୍କୁଲରେ ପାଠପଢ଼ା ବନ୍ଦ ହେବା ପରେ ଶିକ୍ଷକମାନେ ପୁଣି ସରକାରୀ କାର୍ଯ୍ୟରେ ନିୟୋଜିତ ହେବେ। ଏହି କାର୍ଯ୍ୟ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଚାଲିବ। ଏହି ସମୟ ମଧ୍ୟରେ ନିର୍ବାଚନ ପ୍ରକ୍ରିୟାର ବିଭିନ୍ନ କାର୍ଯ୍ୟ ସାଙ୍ଗକୁ ଶିକ୍ଷା ବିଭାଗ ପକ୍ଷରୁ କିଛି କାର୍ଯ୍ୟକୁ ସମ୍ପାଦନା କରାଯିବ। ଏପରିକି ସ୍କୁଲ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଖୋଲା ଅଛି କି ନାହିଁ ଏବଂ ଶିକ୍ଷକମାନେ କାର୍ଯ୍ୟରେ ସଜାଗ ରହିଛନ୍ତି କି ନାହିଁ ତା’କୁ ଯାଞ୍ଚ କରିବାକୁ ଉଭୟ ଶିକ୍ଷା ବିଭାଗ ଏବଂ ନିର୍ବାଚନ ଅଧିକାରୀ ସ୍କୁଲ ପରିଦର୍ଶନରେ ଆସିବେ। ଯଦି କିଛି ତ୍ରୁଟି ପରିଲକ୍ଷିତ ହୁଏ ତେବେ ସମ୍ପୃକ୍ତ ଶିକ୍ଷକ,ଶିକ୍ଷୟିତ୍ରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଭୁବନେଶ୍ୱର ବ୍ଲକ୍ ଶିକ୍ଷା ଅଧିକାରୀ ଚିଠି ନମ୍ବର ୧୯୨୪ ମାଧ୍ୟମରେ ସମସ୍ତ ସ୍କୁଲର ପ୍ରଧାନଶିକ୍ଷକଙ୍କୁ ଅବଗତ କରିଛନ୍ତି।

### ପ୍ରଚାରସର୍ବସ୍ୱ ...

ତା’ପରେ ଛୋଟ ଛୋଟ କାଗଜରେ ଛପା କିଛି ପୋଷ୍ଟର ଲାଗିବା ସହିତ ଛୋଟ ଛୋଟ ନିବେଦନ ପତ୍ର ମଧ୍ୟ ବଣ୍ଟା ଚାଲିଲା। ପରେ ଏହା କପଡା ବ୍ୟାନର ରୂପ ଧାରଣ କରି ଏବେ ଦାମୀ ରଙ୍ଗୀନ ଫ୍ଲେକ୍ସ ବ୍ୟାନର ଓ ଗ୍ଲୋ ସାଇନ୍ ବୋର୍ଡରେ ପରିଣତ ହୋଇଛି। ସେ ସମୟରେ ଟିଭି ନଥିବାରୁ କେବେ କେମିତି ବେତାର ଯନ୍ତ୍ର ମାଧ୍ୟମରେ ନିର୍ବାଚନ ପ୍ରଚାର କରାଯାଇଥିବାର ସୂଚନା ମିଳେ। ତଥାପି ସ୍ୱଳ୍ପ ବ୍ୟୟରେ ଆଦର୍ଶ ଓ ନୀତିବାନ ନେତାମାନେ ନିର୍ବାଚିତ ହେଉଥିଲେ ଏବଂ ସଂସଦ ହେଉ କି ବିଧାନସଭା ସେଠାରେ ସାଧାରଣ ଲୋକଙ୍କ ସ୍ୱାର୍ଥ ପାଇଁ ସ୍ୱର ଉତ୍ତୋଳନ କରି କାର୍ଯ୍ୟ ହାସଲ କରିପାରୁଥିଲେ। ଧିରେ ଧିରେ ରାଜନୈତିକ ଦଳମାନଙ୍କ ସଂଖ୍ୟା ବୃଦ୍ଧି ପାଇବାରୁ ଏଥିରେ ପ୍ରତିଯୋଗିତା ଓ ପ୍ରତିଦ୍ୱନ୍ଦ୍ୱିତା ଦେଖାଦେଲା। ଫଳସ୍ୱରୂପ ଭୋଟରମାନଙ୍କୁ ଆକର୍ଷିତ କରିବା ପାଇଁ ସଭା ସମିତି, ଭୋଜିଭାତ ଓ ପ୍ରଚାରରେ ଚମତ୍କାରିତା ଆରମ୍ଭ ହୋଇଗଲା। ନିର୍ବାଚନୀ ଖର୍ଚ୍ଚ ବୃଦ୍ଧି ପାଇବାରୁ ନୀତିନିଷ୍ଠ ରାଜନେତାମାନେ ଆଉ ରାଜନୀତି କରିବା ପାଇଁ ସକ୍ଷମ ହେଲେନାହିଁ। ତାଙ୍କ ବଦଳରେ ଯେଉଁମାନେ ରାଜନୀତି କ୍ଷେତ୍ରକୁ ପ୍ରବେଶ କଲେ ସେମାନେ ବିତ୍ତଶାଳୀ ଏବଂ ବଳଶାଳୀ। ୯୦ ଦଶକ ପୂର୍ବରୁ ମୁଦ୍ରିତ ଗଣମାଧ୍ୟମରେ ପ୍ରାର୍ଥୀମାନେ ନିଜର ପ୍ରଚାର ଆରମ୍ଭ କରିଥିଲା ବେଳେ ବୈଦ୍ୟୁତିକ୍ ଗଣମାଧ୍ୟମର ପ୍ରସାରଣ ଆରମ୍ଭ ହୋଇଥିଲା। ଦୂରଦର୍ଶନକୁ ବାଦ୍ ଦେଲେ ଅନ୍ୟ ଯେଉଁ ଘରୋଇ ଟିଭି ଚ୍ୟାନେଲମାନେ ନିଜର କାର୍ଯ୍ୟକ୍ରମ ଆରମ୍ଭ କଲେ ସେମାନେ ଅଞ୍ଚଳର ସମସ୍ୟା ଅପେକ୍ଷା ରାଜନୀତି ଓ ରାଜନେତାଙ୍କ ଉପରେ ଅଧିକ ଫୋକସ କଲେ। ଘରୋଇ ଟିଭି ଚ୍ୟାନେଲ କାର୍ଯ୍ୟକ୍ରମରେ ନିର୍ବାଚନ ସମ୍ପର୍କିତ ପୂର୍ବାନୁମାନ ଏବଂ ନେତାମାନଙ୍କ ସହ ଆଲୋଚନା କାର୍ଯ୍ୟକ୍ରମ ଲୋକେ ଦେଖିବାକୁ ପାଇଲେ। ମୁଦ୍ରିତ ଗଣମାଧ୍ୟମ ଅପେକ୍ଷା ବୈଦ୍ୟୁତିକ ଗଣମାଧ୍ୟମରେ ନେତାମାନେ ନିଜର ଚଳମାନ ଛବି ଦେଖିବା ସହିତ ବକ୍ତବ୍ୟର ପରିଭାଷା ବଦଳାଇ ଚାଲିଲେ। ସମୟକ୍ରମେ ଏହା ଡିଜିଟାଲ ପ୍ରଚାର ରୂପ ନେଇ ଏବେ ଭୋଟରମାନଙ୍କ ମନକୁ କିଣି ଦେଉଛି। ତେବେ ଏହା ବିନା ମୂଲ୍ୟରେ ସମ୍ଭବ ନୁହେଁ। ଏଥିପାଇଁ ଦଳ ପକ୍ଷରୁ ହେଉ କିମ୍ବା ନେତାଙ୍କ ପକ୍ଷରୁ ଅଧିକ ଅର୍ଥ ଖର୍ଚ୍ଚ ହେଉଛି। ଏତିକିରେ ଭୋଟରମାନଙ୍କୁ ସନ୍ତୁଷ୍ଟ କରିବା ସହଜ ନହେବାରୁ ବିଭିନ୍ନ ଦଳମାନେ ସବୁଠି କର୍ମୀମାନଙ୍କ ଜରିଆରେ ଗୋଟିଏ ଗୋଟିଏ ଗୋଷ୍ଠୀ ଗଠନ କରି ଭୋଜିଭାତ ଏବଂ ମଦ ପିଆଇବାର ପରମ୍ପରା ଆରମ୍ଭ କଲେ। ଯାହାର ଶିକାର ହେଲେ ଭୋଟର। କର୍ମୀମାନଙ୍କ ଭିତରେ ଯେଉଁମାନେ ଅଧିକ ଚତୁର ସେମାନେ ନେତା ଓ ଦଳକୁ କହି ଭୋଟରମାନଙ୍କ ପାଇଁ କିଛି ହାତଗୁଞ୍ଜା ଅର୍ଥର ବ୍ୟବସ୍ଥା ମଧ୍ୟ କରିପାରିଲେ। ଯାହାଫଳରେ ନିର୍ଦ୍ଦିଷ୍ଟ ଅଞ୍ଚଳର କିଛି ଭୋଟର ଲୋଭାଶକ୍ତ ହୋଇ ଯେଉଁ ଦଳରୁ ବା ଯେଉଁ ନେତାଙ୍କ ଠାରୁ ନିଜର ଖର୍ଚ୍ଚ ହାତେଇ ପାରିଲେ ସେମାନେ ଦଳମତ ନିର୍ବିଶେଷରେ ଭୋଟ ଖଣ୍ଡେ ବାଡେଇ ଦେଲେ। ଅଥଚ ଚିନ୍ତାକଲେ ନାହିଁ ଯେ, ନୋଟ ନେଇ ଭୋଟ ଦେବା ଦ୍ୱାରା ସେମାନେ ଉପଯୁକ୍ତ ପ୍ରାର୍ଥୀଙ୍କୁ ଚୟନ କରିନାହାନ୍ତି। କାରଣ ଲାଞ୍ଚ ନେଇ ଭୋଟ ଦେଉଥିବା ବ୍ୟକ୍ତି ନିଜର ନୈତିକତା ବଜାୟ ରଖିପାରି ନଥିବାରୁ ସେମାନଙ୍କ ସମସ୍ୟାର ସମାଧାନ ପାଇଁ ସ୍ୱର ତୀବ୍ର କରିବା ସମ୍ଭବପର ନୁହେଁ। ପରେ ନିଜେ ଅନୁଭବ କରୁଥିବା ସମସ୍ୟାର ସମାଧାନ ପାଇଁ ବାଟ ଖୋଜିଲା ବେଳକୁ ନେଡିଗୁଡ କହୁଣୀକୁ ବୋହି ଯାଉଛି। କାରଣ ଯେଉଁ ନେତା ବା ଦଳ ପ୍ରଚୁର ଅର୍ଥ ବ୍ୟୟ କରି ଭୋଟ କିଣୁଛି ସିଏ ଲୋକଙ୍କ ସମସ୍ୟାର ସମାଧାନ କରିବ କିପରି। ନିର୍ବାଚନ ପାଇଁ ବ୍ୟାପକ ଅର୍ଥ ଯୋଗାଡ ଏବଂ ଭୋଟରଙ୍କ ପାଇଁ ଅଧିକ ଖର୍ଚ୍ଚ ହେତୁ ରାଜନୈତିକ ଦଳମାନେ ନୟାନ୍ତ ହେଉଥିଲା ବେଳେ ବିକାଶ ପ୍ରସଙ୍ଗରେ ସଠିକ୍ ଭାବେ କାହାକୁ ଦୋଷ ଦେବା। ଯେତେଦିନ ପର୍ଯ୍ୟନ୍ତ ସାଧାରଣ ଲୋକ ସଚେତନ ନହୋଇ ଗଣତନ୍ତ୍ରକୁ ମର୍ଯ୍ୟାଦାଜନକ ଭାବେ ବଞ୍ଚାଇବା ପାଇଁ ଉଦ୍ୟମ କରିନାହାନ୍ତି ସେତେଦିନ ପର୍ଯ୍ୟନ୍ତ ନିର୍ବାଚନକୁ ନିରପେକ୍ଷ ବା ଦୁର୍ନୀତିମୁକ୍ତ କହିପାରିବା ନାହିଁ। ତେଣୁ ଏଥିରୁ ସ୍ପଷ୍ଟ ଅନୁମେୟ ଯେ, ବ୍ୟୟବହୁଳ ନିର୍ବାଚନ ଯୋଗୁ ବିକାଶର ଗତିରୋଧ ହେଉଛି।




# ଝରକା ଖୋଲିଲେ ମେଞ୍ଚା ମେଞ୍ଚା ବାଦଲର ଅନୁଭୂତି

ରାଜଧାନୀ ଭୁବନେଶ୍ୱରରେ ଯେପରି ଗରମ ଅନୁଭବ ହେଲାଣି ସେଥିରୁ ସାମାନ୍ୟ ମୁକ୍ତି ପାଇବା ପାଇଁ ଗ୍ୟାଙ୍ଗଟକ୍ ଏକ ଭଲ ସ୍ଥାନ। ଖୁବ୍ ତରବରରେ ଏହି ଲେଖା ଆରମ୍ଭ କରିଥିବାରୁ ଆପଣ କେମିତି ଗ୍ୟାଙ୍ଗଟକ୍‌ରେ ପହଞ୍ଚିବେ ସେ ସମ୍ପର୍କରେ ପୂର୍ବରୁ ସୂଚନା ଦେଇ ପାରିନଥିଲି। ଆଜି ଏହି ସ୍ତମ୍ଭରେ ଗ୍ୟାଙ୍ଗଟକ୍‌ର ଆଉ ଏକ ପ୍ରସିଦ୍ଧ ସ୍ଥାନ ସମ୍ପର୍କରେ ସୂଚନା ଦେବା ପୂର୍ବରୁ ମୁଁ ଆପଣ ମାନଙ୍କୁ ପ୍ରଥମେ ସୂଚନା ଦେବି ଯେ, ଓଡ଼ିଶାରୁ ଆମେ ସିକିମ୍ ବା ତା'ର ରାଜଧାନୀ ଗ୍ୟାଙ୍ଗଟକ୍‌ରେ କିପରି ଏଠାରୁ ପହଞ୍ଚି ପାରିବା। ଆପଣଙ୍କୁ ପ୍ରଥମେ ରେଳ, ବସ୍ କିମ୍ବା ଆକାଶ ମାର୍ଗରେ ବିମାନ ଯୋଗେ କୋଲକାତାରେ ପହଞ୍ଚିବାକୁ ପଡିବ। ନଚେତ୍ ଆପଣ ରେଳ ଯୋଗେ ଜଲପାଇଗୁଡି ମଧ୍ୟ ଯାଇ ପାରନ୍ତି। ନଚେତ୍ କୋଲକାତାରୁ ଆପଣଙ୍କୁ ଯିବାକୁ ପଡିବ ନ୍ୟୁଜଲପାଇଗୁଡି ଟ୍ରେନ୍ କିମ୍ବା ବସ୍ ଯୋଗେ। ତା'ପରେ ଜଲପାଇଗୁଡିରୁ ଟ୍ୟାକ୍ସି କିମ୍ବା ମୋଟର ଯାନରେ ଯିବାକୁ ପଡିବ ଗ୍ୟାଙ୍ଗଟକ୍। ନ୍ୟୁଜଲପାଇଗୁଡିରୁ ଗ୍ୟାଙ୍ଗଟକ୍ ସଡକ ପଥରେ ଦୂରତା ହେଉଛି ପ୍ରାୟ ୧୫୫ କିଲୋମିଟର। ୪ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଯାତ୍ରା କରିବା ପାଇଁ ପଡିବ। ଯଦି ଆପଣ ଆକାଶ ପଥରେ ଯିବା ପାଇଁ ଚାହିଁବେ ତେବେ ଗ୍ୟାଙ୍ଗଟକ୍‌ର ନିକଟତମ ବିମାନ ବନ୍ଦର ହେଉଛି ବାଗ୍‌ଡୋଗ୍ରା। ଏହି ବିମାନ ବନ୍ଦରରୁ ଗ୍ୟାଙ୍ଗଟକ୍‌ର ଦୂରତା ହେଉଛି ପ୍ରାୟ ୧୨୦ କିଲୋମିଟର। ଏଠାରୁ ମଧ୍ୟ ସେହି ୪ ଘଣ୍ଟା ପାଖାପାଖି ସଡକ ପଥରେ ଯାତ୍ରା କରିବା ପାଇଁ ପଡିବ। ଏ ସୂଚନା ଆପଣମାନଙ୍କ କାମରେ ଆସିପାରେ ବୋଲି ଆଶା କରିବି। ତେବେ ଆଜି ଆପଣ ମାନଙ୍କୁ ଗ୍ୟାଙ୍ଗଟକ୍‌ରେ ସାଇଡ୍‌ସିନ୍ କ'ଣ ଦେଖିପାରିବେ ତାହା ସୂଚନା ଦେବି। ଆମେ ଯେଉଁ ଗେଷ୍ଟହାଉସ୍‌ରେ ରହୁଥିଲୁ ତା'ର ମ୍ୟାନେଜର ଆମକୁ ଏହି ସାଇଡ୍‌ସିନ୍ ବିଷୟରେ ସୂଚନା ଦେଇଥିଲେ। ଆପଣମାନେ ମଧ୍ୟ ଗ୍ୟାଙ୍ଗଟକ୍ ଗଲେ ଯେଉଁ ହୋଟେଲ କିମ୍ବା ଗେଷ୍ଟହାଉସରେ ରହିବେ ସେ ମଧ୍ୟ ଆପଣ ମାନଙ୍କୁ ଏହି ସୁବିଧା ଯୋଗାଇ ଦେବେ। ସୂଚନା ପାଇଲୁ ଯେ, ପରଦିନ ସକାଳ ୮ଟା ସୁଦ୍ଧା ଆମକୁ ପ୍ରସ୍ତୁତ ହେବାକୁ ପଡିବ। ଚାଙ୍ଗୁ ଲେକ୍ ଏବଂ ବାବା ମନ୍ଦିର ଦର୍ଶନ କରିବା ପାଇଁ। ଆଉ ଯଦି ସୁବିଧା ହେଲା ତେବେ ଭାରତ ଏବଂ ଚୀନ୍‌ର ସୀମା ନଥୁଲା ପାସ୍ ଦେଖିହେବ। ସମସ୍ତେ ରାତ୍ର ଭୋଜନ ଜଲଦି ସାରିଦେଲୁ। ଏମିତି ବି ଆପଣମାନେ ମଧ୍ୟ ହିଲ୍‌ଷ୍ଟେସନ୍ ଗଲେ ଆପଣଙ୍କୁ ଶୀଘ୍ର ରାତ୍ରଭୋଜନ ସାରିବାକୁ ପଡିବ। ଆମେ ସମସ୍ତେ ପ୍ରାୟ ସକାଳ ୭ଟା ସୁଦ୍ଧା ପ୍ରସ୍ତୁତ ହୋଇସାରିଥିଲୁ। ଗେଷ୍ଟ ହାଉସର ଝରକା ଖୋଲିଦେବା ବେଳକୁ ଘର ଭିତରକୁ ପଶି ଆସୁଥାଏ ମେଞ୍ଚା ମେଞ୍ଚା ବାଦଲ। ଓଃ ଶୀତୁଆ ସକାଳ ତା' ସହ ଅଣ୍ଡା ଟୋଷ୍ଟ ଗରମ କଫି। ସତରେ ଏହା ଭାଷାରେ ଅବର୍ଣ୍ଣନୀୟ। ଆମେ





ବ୍ରେକ୍‌ଫାଷ୍ଟ ସାରି ରୁମ୍‌ରେ ଅପେକ୍ଷା କରିଥାଉ ଏହି ସମୟରେ ଆମକୁ ମ୍ୟାନେଜର ସୂଚନା ଦେଲେ ଯେ, ଆମ ଗାଡି ପହଞ୍ଚିଗଲା। ସକାଳ ୮ଟା ପାଖାପାଖି ଆମେ ଗାଡି ଧରି ବାହାରିଲୁ ସାଇଡ୍‌ସିନ୍ ବୁଲିବା ପାଇଁ। ସେଦିନ ଆମ ଗାଡି ଡ୍ରାଇଭରଙ୍କର ନାଁ ଥିଲା ସୋନୁ। ଖୁ ମେଳାପୀ ସ୍ୱଭାବର ଥିଲେ ସୋନୁ। ଗାଡି ଯେତିକି ଗ୍ୟାଙ୍ଗଟକ୍‌ରୁ ଆଗକୁ ବଢୁଥିଲା ସେ ଆମକୁ ଆମ ଗନ୍ତବ୍ୟସ୍ଥଳୀ ସମ୍ପର୍କରେ ସୂଚନା ଦେଇ ଚାଲିଥିଲେ। ତାଙ୍କ ସୂଚନା ଆମକୁ ପ୍ରଥମେ ଯିବାର ଥିଲା ଚାଙ୍ଗୁ ଲେକ୍ ଯାହା ଗ୍ୟାଙ୍ଗଟକ୍ ଠାରୁ ତା'ର ଦୂରତା ହେଉଛି ପ୍ରାୟ ୩୮ କିଲୋମିଟର ଏବଂ ସମୁଦ୍ରପତ୍ତନ ଠାରୁ ପ୍ରାୟ ୧୨ ହଜାର ୪୦୦ ଫୁଟ୍ ଉପରେ। ଆମେ ଧିରେ ଧିରେ ପାହାଡର ସରୁ ରାସ୍ତା ଦେଇ ଆଗକୁ ବଢୁଥିଲୁ। ଆମ ଗାଡି ଚାଳକ ଆମକୁ ସୂଚନା ଦେଲେ ଯେ, ଶୀତ ପୋଷାକ ପିନ୍ଧିଦେବା ପାଇଁ। ସତରେ ଥଣ୍ଡାର ପରିମାଣ ଧିରେ ଧିରେ ବଢୁଥିଲା। ଆଉ ପାହାଡିଆ ଘାଟି ରାସ୍ତା ଦେଇ ଆମେ ଆଗକୁ ବଢୁଥିଲୁ। ଆମେ ଯିବା ରାସ୍ତାରେ କିଛି ମହିଳା ବିଭିନ୍ନ ଚକୋଲେଟ୍ ଏବଂ ଚୁଇଁଗମ୍ ବିକ୍ରି କରୁଥିବାର ଦେଖିଲୁ। ତା'ପରେ ଆମ ଗାଡି ଚାଳକ ଆମକୁ ସୂଚନା ଦେଇଥିଲେ ଯେ, ଯେହେତୁ ଆମେମାନେ ସମତଳ ଅଞ୍ଚଳର ଲୋକ ତେଣୁ ସମୁଦ୍ର ପତନଠାରୁ ଉପରକୁ ଗଲେ କାଳେ ନିଃଶ୍ୱାସ ପ୍ରଶ୍ୱାସ ନେବାରେ ଅସୁବିଧା ହେବ ତେଣୁ ଚୁଇଁଗମ୍ ଚୋବାଇଲେ ଭଲ। ଅବଶ୍ୟ ଏହାର ବୈଜ୍ଞାନିକ ସତ୍ୟତା କେତେ ତାହା ମୁଁ ଜାଣିନି କିନ୍ତୁ ତାଙ୍କ ଉପଦେଶ ଅନୁସାରେ ଆମେ ଏକ ସ୍ଥାନରେ ରହି କିଛି ଚୁଇଁଗମ କିଣିଲୁ ଏବଂ ଖାଇଲୁ ମଧ୍ୟ। ଅବଶ୍ୟ ଏହା ମଧ୍ୟ ସତ ଯେ, କିଛି ଲୋକ ଅତି ଉଚ୍ଚ ସ୍ଥାନକୁ ଗଲେ ଶାରୀରିକ ଅସୁସ୍ଥତା ଅନୁଭବ କରିଥାନ୍ତି। ତେବେ ଯାହାହଉ ଆମେ କିନ୍ତୁ ସେ ସବୁ ଭୁଲି କେବଳ ପ୍ରାକୃତିକ ସୌନ୍ଦର୍ଯ୍ୟ ଉପଭୋଗ କରିବାରେ ଲାଗିଥିଲୁ। କାରଣ ମୋ ପାଇଁ ଏପରି ଦୃଶ୍ୟ ପୂରାପୂରି ନୂଆ ଥିଲା। ଆଉ ମାତ୍ର ୩୮/୩୯ କିଲୋମିଟର ରାସ୍ତାକୁ ଆମକୁ ଲାଗିଲା ପ୍ରାୟ ଦେଢ଼ରୁ ଦୁଇଘଣ୍ଟା। ତେବେ ଯେତେବେଳେ ଚାଙ୍ଗୁ ଲେକ୍ ପାଖାପାଖି ଆମେ ହୋଇଗଲୁ ସେଠାରେ ପ୍ରକୃତିର ଦୃଶ୍ୟ ଥିଲା ସମ୍ପୂର୍ଣ୍ଣ ଭିନ୍ନ। ଚାରିପଟ ପାହାଡରେ ଧଳା ବରଫର ଚାଦର। ମଝିରେ ରହିଛି ଚାଙ୍ଗୁ ଲେକ୍।

*କ୍ରମଶଃ...*






ଉପସ୍ଥାପନା
ଜାହ୍ନବୀସୁତ

# କୋସଲାଞ୍ଚଳର ସାମୂହିକ ବିକାଶ ଦାବି, ପ୍ରଧାନମନ୍ତ୍ରୀଙ୍କୁ ଦାବିପତ୍ର

**ସୋନପୁର :** କୋସଲି ଭାଷାକୁ ସାମ୍ବିଧାନିକ ମାନ୍ୟତା ଦେବା, ପ୍ରାଥମିକ ସ୍ତରରେ ପଶ୍ଚିମ ଓଡିଶାର ଛାତ୍ରଛାତ୍ରୀ ମାନଙ୍କୁ କୋସଲି ମାତୃଭାଷାରେ ଶିକ୍ଷା ଦେବା, କୋସଲି ଭାଷାକୁ ଓଡିଶାର ଦ୍ୱିତୀୟ ସରକାରୀ ଭାଷା ଭାବେ ଗ୍ରହଣ କରିବା, ଭାରତର ସାଂସ୍କୃତିକ ନାଭିକେନ୍ଦ ସୁବର୍ଣ୍ଣପୁର ରେ କୋସଲ ବିଶ୍ୱବିଦ୍ୟାଳୟ ସ୍ଥାପନ କରିବା ଓ ପଶ୍ଚିମ ଓଡିଶାର ସର୍ବାଙ୍ଗିନ ଉନ୍ନତି ସକାଶେ କୋସଲ ପ୍ରଦେଶ ଗଠନ ପାଇଁ କୋସଲ ସାହିତ୍ୟ ସଂସ୍କୃତି ଏକାଡେମୀ ପକ୍ଷରୁ ଦାବି ହୋଇଛି। ଆଜି ସୁବର୍ଣ୍ଣପୁର ସହରର ସୁବର୍ଣ୍ଣ। ନାରୀ ଜାଗରଣ କେନ୍ଦ୍ରରେ କୋସଲ ସାହିତ୍ୟ ସଂସ୍କୃତି ଏକାଡେମୀ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀରେ ଉପରୋକ୍ତ ଦାବି ସମ୍ପେକୟଙ୍କର ଲିଖିତ ଭାବେ ଭାରତର ପ୍ରଧାନମନ୍ତ୍ରୀ ଓ ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିବା ସୂଚନା ଦିଆଯାଇଛି। ଅନ୍ୟ ପକ୍ଷରେ ସେମାନେ ଆହୁରି କହିଥିଲେ ଯେ, ପ୍ରତ୍ୟେକ ରାଜନୈତିକ ଦଳ ବିକାଶ ଓ ଦାରୀଦ୍ର୍ୟ ଦୂରୀକରଣ ସକାଶେ ପ୍ରତିଶ୍ରୁତି ଦେଇ ନିର୍ବାଚନ ଲଢୁଛନ୍ତି। କିନ୍ତୁ ବିକାଶ ଓ ଦାରୀଦ୍ର୍ୟ ଦୂରୀକରଣ ପରିବର୍ତ୍ତେ ଏହି ଅଞ୍ଚଳ ବିନାଶ ଆଡକୁ ଗତି କରୁଛି। ପଶ୍ଚିମ ଓଡିଶାବାସୀଙ୍କ ସମୁହ ଉନ୍ନତି ପାଇଁ ପଶ୍ଚିମ ଓଡିଶା ବିକାଶ ପରିଷଦ ଓ କେବିକେ ଦୀର୍ଘ ମିଆଦି ଯୋଜନା କେବଳ ନାମଫଳକ ଯୋଜନା ହୋଇ ରହିଯାଇଛି। ତେଣୁ ଏକାଡେମୀ କରିଥିବା ଦାବି ସମୁହକୁ ଯେଉଁ ରାଜନୈତିକ ଦଳ ନିଜର ନିର୍ବାଚନ ଇସ୍ତାହାରରେ ସ୍ଥାନ ଦେବ ପଶ୍ଚିମ ଓଡିଶାବାସୀ ସେହି ଦଳକୁ ଆଗାମୀ ନିର୍ବାଚନରେ ସମର୍ଥନ କରିବା ଉଚିତ ବୋଲି ସେମାନେ ଏହି ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଥିଲେ।

# ଅନୁଭବଙ୍କୁ ଅନୁଭବ କରିବେ କି କେନ୍ଦ୍ରାପଡାବାସୀ ?

**କେନ୍ଦ୍ରାପଡା :** ବିଷେଶ କରି କେନ୍ଦ୍ରାପଡା ଏକ ଅଣ କଂଗ୍ରେସ ଗଡ଼ ରୁପେ ପରିଚିତ। ୧୯୫୨-୫୭ମସହାରେ ଜାତୀୟ କଂଗ୍ରେସ ପ୍ରାର୍ଥୀ ବିଜୟ ଲାଭ କରିଥିବାବେଳେ, ପରବର୍ତ୍ତି ନିର୍ବାଚନରେ ଅର୍ଥାତ୍ ୧୯୫୭ ଠାରୁ ୨୦୧୪ ମଧ୍ୟରେ ଯେତେ ପାର୍ଲାମେଣ୍ଟ ନିର୍ବାଚନ ହୋଇଛି ଅଣକଂଗ୍ରେସ ପ୍ରାର୍ଥୀ ମାନେ ବିଜୟ ଲାଭ କରିଆସିଛନ୍ତି। ସେମାନେ ହେଲେ ନିତ୍ୟାନନ୍ଦ କାନୁନଗୋ, ସୁରେନ୍ଦ୍ର ନାଥ ଦ୍ୱିବେଦୀ, ସୁରେନ୍ଦ୍ର ମହାନ୍ତି, ବିଜୁ ପଟ୍ଟନାୟକ, ରବିରାୟ, ବୈଜୟନ୍ତ ପଣ୍ଡା. ଆଳି ରାଜା ଶରତ ଦେବ, ଶ୍ରୀକାନ୍ତ ଜେନା, ପ୍ରଭାତ ସାମନ୍ତରାୟ, ଅର୍ଚ୍ଚନା ନାୟକ ପ୍ରମୁଖ। ୨୦୧୯ପାଇଁ ଏହି ଗୁରୁତ୍ୱପୂର୍ଣ୍ଣ ସଂସଦୀୟ କ୍ଷେତ୍ରର ପ୍ରାର୍ଥୀତ୍ୱ ପାଇଁ ବିଜେଡି ପକ୍ଷରୁ ଓଡ଼ିଆ ଚଳଚିତ୍ରର ଲୋକପ୍ରିୟ ଅଭିନେତା ଅନୁଭବ ମହାନ୍ତି, ବିଜେପି ପକ୍ଷରୁ ବୈଜୟନ୍ତ ପଣ୍ଡା ଓ କଂଗ୍ରେସ ପକ୍ଷରୁ ବିଶିଷ୍ଟ ଆଇନଜିବୀ ଧରଣୀଧର ନାୟକଙ୍କୁ ଲୋକସଭା ପ୍ରାର୍ଥୀ ଭାବେ ଘୋଷଣା କରାଯାଇଛି। ସୁରେନ୍ଦ୍ର ନାଥ ଦ୍ୱିବେଦୀ ଓ ବିଜୁ ପଟ୍ଟନାୟକ ତିନି ଥର ବିଜୟ ହୋଇ ହାଟ୍ରିକ୍ ଅର୍ଜନ କରିଥିବାବେଳେ



ବୈଜୟନ୍ତ ପଣ୍ଡା ଦୁଇଥର ସାଂସଦ ହେବାର ଗୌରବ ଅର୍ଜନ କରିଛନ୍ତି। ହେଲେ ପଣ୍ଡାବାବୁ ୩ୟ ଥର ଜିତି ହାଟ୍ରିକ୍ ଅର୍ଜନ କରିବାର ଲକ୍ଷରେ ଅଛନ୍ତି। ଅଣକଂଗ୍ରେସ ରାଜନୀତିର ପେଣ୍ଠସ୍ଥଳୀ ଭାବେ ଜଣାଶୁଣା କେନ୍ଦ୍ରାପଡା ଜିଲ୍ଲାରେ ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ନାମର ସ୍ୱତନ୍ତ୍ର ଚମକ ଥିବାବେଳେ ତାହା ଆଉ ଲୋକମାନଙ୍କ ମାନଙ୍କ ମନକୁ ଛୁଇଁ ପାରୁନାହି। ବିଜେଡି ଯାହାକୁ ଟିକେଟ୍ ଦେବ ସେ ଜିତିବାର ସମ୍ଭାବନା ଅଧିକ ଉଜ୍ୱଳ ଏହା ବିଜେଡ଼ି ସୁପ୍ରିମୋ ନବୀନବାବୁ ଜାଣି ପରିଲେଣି। ଏହି ପରିପେକ୍ଷୀରେ ସମ୍ଭାବ୍ୟ ଆଶାୟୀଙ୍କ ମଧ୍ୟରେ କାହାକୁ ଟିକଟ ନଦେଇ ପୂର୍ବ ସଂାସଦ ବୈଜୟନ୍ତ ପଣ୍ଡାଙ୍କୁ ଟକ୍କର ଦେବାଭଳି ଓଡ଼ିଆ ଚଳଚିତ୍ରର ଲୋକପ୍ରିୟ ଅଭିନେତା ଅନୁଭବ ମହାନ୍ତିଙ୍କୁ ବିଜେଡି ଦଳ ପକ୍ଷରୁ ପ୍ରାର୍ଥୀ କରାଯାଇଛି। ରାଜ୍ୟସଭା ସଦସ୍ୟ ଥିବା ଅନୁଭବ ଦିନଟିଏପାଇଁ କେନ୍ଦ୍ରାପଡ଼ା ଆସିନାହାନ୍ତି କି ନଳକୂପଟିଏ ବସାଇବାର ପ୍ରୟାସ କରିନାହାନ୍ତି। ଏହା ଏକ କୃଷି ବହୁଳ ଜିଲ୍ଲା। ଏହାର ୮୦ଭାଗ ଲୋକ କୃଷି ଉପରେ ନିର୍ଭରଶୀଳ। ଏହି ଜିଲ୍ଲାରୁ ୪୦ଭାଗ ଲୋକ ଓଡ଼ିଶା ବାହାରେ, ଦେଶ ବାହାରେ ରହି ପେଟ ପୋଷୁଛନ୍ତି। ସାଂସଦ ହୋଇ ଗଲାପରେ ୫ବର୍ଷ ପର୍ଯ୍ୟନ୍ତ କାହାରି ଦେଖାହୁଏ ନାହିଁ, ବରଂ ନିର୍ବାଚନ ଆସିଲେ ମାଳ ମାଳ ହୁଅନ୍ତି। କିନ୍ତୁ ଏ କ୍ଷେତ୍ରରେ ବୈଜୟନ୍ତ ପଣ୍ଡାଙ୍କ କଥା ଅଲଗା। ବନ୍ୟା, ବାତ୍ୟା,ଘରପୋଡ଼ି ଖବର ପାଇଲା ମାତ୍ରେ ସେ ସେଠାରେ ଉପସ୍ଥିତ ରହି ସହାର୍ଯ୍ୟ କରିଥାଆନ୍ତି ଗ୍ରାମାଚଂଳରେ ଶୁଣିବାକୁ ମିଳେ। ଆଉମଧ୍ୟ ଗରିବ ଝିଅ ପିଲାଙ୍କ ପାଠ ପଢିବାରେ ସେ ତାଙ୍କର ନିଜସ୍ୱ ପାଣ୍ଠିରୁ ଅର୍ଥ ମଧ୍ୟ ଦେଇଥଆନ୍ତି। ମିଷ୍ଟଭାଷୀ, ପରଉପକାରୀ ଭାବରେ ସେ ପରିଚିତ। ତାଙ୍କରି ସାଂସଦ କାଳରେ ଅନେକ ଜନହିତକର କାର୍ଯ୍ୟ କେନ୍ଦ୍ରାପଡ଼ା ଜିଲ୍ଲାରେ ହୋଇଅଛି। ଅନେକ ଗ୍ରାମାଚଂଳରେ ସାଂସଦ ପାଣ୍ଠିରୁ ପାଣି ଟାଙ୍କି ବସାଇ ଜଳକଷ୍ଟ ଦୂର କରିବାରେ ସହାୟକ ହୋଇଛନ୍ତି। ସହରରେ କମ୍ୟୁନିଟି ସେଣ୍ଟର ତିଆରି କରିବାରେ ସେ ପ୍ରଥମ ସାଂସଦ। ଦିର୍ଘ ୧୯ ବର୍ଷ ଓଡ଼ିଶାରେ ନବୀନବାବୁ ମୁଖ୍ୟମନ୍ତ୍ରୀ ହେବାପରଠାରୁ ଏହି ଜିଲ୍ଲାରେ ସେହିଭଳି କୌଣସି ଆଖି ଦୃଶିଆ କାମ ହୋଇନାହିଁ। କେନ୍ଦ୍ରର ଯୋଜନାକୁ ନିଜର ଯୋଜନା କହି ଲୋକମାନଙ୍କୁ ଭୂଆଁ ବୁଲାଇଛନ୍ତି। କାଳିଆ, ପିଠା ଯୋଜନାରେ ଅର୍ଥ ହେରଫେର ହେଉଥିବାର ଶୁଣିବାକୁ ମିଳୁଛି। ଏଣୁ ଏହି ଚଳିତ ନିର୍ବାଚନ କେନ୍ଦ୍ରାପଡ଼ା ବାସୀଙ୍କ ପାଇଁ ଏକ ଅଗ୍ନି ପରିକ୍ଷା। ୨୧ ଗୋଟି ସାଂସଦ ଆସନ ମଧ୍ୟରୁ ସାରା ଭାରତର ଆଖି ଏହି କେନ୍ଦ୍ରାପଡ଼ା ଉପରେ। କେନ୍ଦ୍ରାପଡ଼ା ବାସୀଙ୍କ ଅନୁଭବଙ୍କୁ ଅନୁଗ୍ରହ କରିବେ ନା ଅନାଗ୍ରହ କରିବେ ତାହା ଭବିଷ୍ୟତ କହିବ।

# ସରିଲା ନାମାଙ୍କନ, ଏବେ ଭୋଟ ଚିନ୍ତା

## ଖରାକୁ ଖାତିର ନାହିଁ; ଦିନ ରାତି ଏକ କରିଦେଉଛନ୍ତି ନେତା

**ସୋନପୁର :** ମାର୍ଚ୍ଚ ୨୬ରୁ ସରିଲାଣି ନାମାଙ୍କନ। ଏବେ ନେତା ଭୋଟର ମୁହାଁ। ଗାଁରୁ ସହର ସବୁଠି ଚାଲିଛି ପ୍ରଚାର ଅଭିଯାନ। କେତେ ପ୍ରତିଶ୍ରୁତି କେତେ ସ୍ୱପ୍ନ ଦେଖାଉଛନ୍ତି ନେତା। ସେମାନଙ୍କ କଥାକୁ ବି ମନଦେଇ ଶୁଣୁଛନ୍ତି ଭୋଟର। ଭୋଟରଙ୍କ ମନ କେଉଁଠି ତାହା ଅନ୍ଦାଜ ଲଗାଇବା କଷ୍ଟକର । କିଏ କଂଗ୍ରେସ କହୁଛି ତ ପୁଣି କିଏ ବିଜେଡି କହୁଛି। ବିଜେପି ବି ନାହିଁ ପଛରେ। ଖରାର ତାତିଠୁ ବଳି ଯାଇଛି ନିର୍ବାଚନ ତାତି। ପରିବାରବାଦ ବି ବଡ ପ୍ରସଙ୍ଗ ହୋଇଛି । ସୁବର୍ଣ୍ଣପୁର ଜିଲ୍ଲା ବଲାଙ୍ଗିର ଲୋକସଭା ଆସନରେ ଥିବାରୁ ବିଜେପି, କଂଗ୍ରେସ ଓ ବିଜେଡି ମଧ୍ୟରେ ଲଢେଇ ଏଠି ବି । ମୋଦି ହାୱାକୁ ନେଇ ବିଜେପି ବେଶ ଆଶାବାଦୀ। ନବୀନ ଓ ରାଜ୍ୟ ସରକାରଙ୍କ କାର୍ଯକ୍ରମକୁ ନେଇ ବିଜେଡି ପ୍ରାର୍ଥୀ କଳିକେଶ ସିଂହଦେଓ ବିଜୟର ସ୍ୱପ୍ନ ଦେଖୁଥିବା ବେଳେ କଂଗ୍ରେସ ପ୍ରାର୍ଥୀ ସମରେନ୍ଦ୍ର ମିଶ୍ର ଭୋଟର୍‌ଙ୍କ ଉପରେ ଭରସା କରୁଛନ୍ତି। ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଗସ୍ତ ଓ ପିସିସି ପକ୍ଷରୁ ଆୟୋଜିତ ଚାଷୀ ସମାବେଶ ପରେ ନେତାଏ ପ୍ରଚାର ପାଇଁ ମଇଦାନକୁ ଲମ୍ଫ ଦେଇଛନ୍ତି। ସୋନପୁର ବିଧାନସଭା ଆସନରେ କିଏ ବିଜୟୀ ହେବେ ତା' ଉପରେ ସମସ୍ତଙ୍କ ନଜର। କଂଗ୍ରେସରୁ ବରିଷ୍ଠ ନେତା ଚିତ ରଜଂନ ମିଶ୍ର ଓ ବିଜେଡିରୁ ନିରଞ୍ଜନ ପୁଝାରୀ ସେହିପରୀ ବିଜେପିରୁ ଅଶୋକ ପୂଝାରୀ ମଧ୍ୟରେ ସିଧାସଳଖ ଲଢେଇ। କଂଗ୍ରେସ ବି କମର କଷିଛି। ଦୁଇ ପୂଝାରୀ ଲଢେଇରେ କଂଗ୍ରେସ ବାଜିମାତ କରିବ ନା ପୂର୍ବ ଭଳି ତଳ ନଂବର ରେ ଝୁଲି ରହିବ ତାକୁ ନେଇ ଆରମ୍ଭ ହେଲାଣି ଆଲୋଚନା। ନିରଞ୍ଜନ ଓ ଅଶୋକ ସମ୍ମୁଖରେ କଂଗ୍ରେସ ପ୍ରାର୍ଥୀ ଚିତ ରଜଂନ ମିଶ୍ର ଚ୍ୟାଲେଞ୍ଜ ହେବେ ବୋଲି ଚର୍ଚ୍ଚା ଜୋର ଧରିଛି। କିଏ ବିଜୟୀ ହେବ ତାକୁ ନେଇ ଚେଲେଞ୍ଜ ଲାଗୁଛି ଲୋକଙ୍କ ମଧ୍ୟରେ। ନିରଞ୍ଜନ ଙ୍କ ପାଇଁ କର୍ମୀମାନେ ଫୁଲ୍‌ଦମ୍‌ରେ ଲାଗିଥିବା ବେଳେ ତାଙ୍କ ବିଜୟ ସୁନିଶ୍ଚିତ ବୋଲି ସମର୍ଥକ କହୁଛନ୍ତି। କଂଗ୍ରେସ ବି ପୁରା ଦମରେ ଗଡ ଜିତିବାକୁ ଲାଗିଥିବା ସମର୍ଥକ ମହଲରେ ଶୁଣିବାକୁ ମିଳୁଛି । ଅନ୍ୟପଟେ ଅଶୋକ ବି ବିଜୟୀ ହେବେ ବୋଲି ତାଙ୍କ ସମର୍ଥକ ମାନେ କହିବା ସହ , ଭୋଟ୍ କମିଲେ ବି ବିଜେପି ସୋନପୁର ଦଖଲ କରିବ ବୋଲି ସମର୍ଥକ ଯୁକ୍ତି କରୁଛନ୍ତି। ଏପ୍ରିଲ ୧୮ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ଭୋଟଦାନ ପରେ ହିଁ ଜନତା ଦେବେ ଜବାବ। ସେହିରି ବିରମହାରାଜ ପୁର ରେ ମଧ୍ୟ ବିଜେଡି ରୁ ପଦ୍ମନାଭ ବେହେରା ,କଂଗ୍ରେସ ରୁ ବିନୋଦ ପାତ୍ର ଓ ବିଜେପି ରୁ ରଘୁନାଥ ଜଗଦେଲା ମଧ୍ୟରେ ଲଢେଇ ହେଉଛି । ଭୋଟ୍ ସମୀକରଣ ଦେଖିଲେ କିଏ ବିଜୟୀ ହେବ ତାହା ପୂର୍ବାନୁମାନ କରିବା ସହଜ ନୁହେଁ। ତେବେ ଲୋକଙ୍କ ଜନମତକୁ ନିଜ ଆଡକୁ ନେବା ପାଇଁ ନେତା କର୍ମୀ ମାନେ କସରତ ଚଳାଇଛନ୍ତି। ରାତି ଦିନ ଏକ କରି ଦେଉଛନ୍ତି ନେତାଏ। ଅସନ୍ତୁଷ୍ଟଙ୍କୁ ମନେଇବା ପାଇଁ ବି ଚାଲିଛି ଭରପୂର ପ୍ରୟାସ। ନିର୍ବାଚନୀ ତାରିଖ ପାଖେଇ ଆସୁଥିବା ଟାଇଁ ଟାଇଁ ଖରାରେ ବି ଘରକୁ ଘର ଘୁରି ବୁଲୁଛନ୍ତି ପ୍ରଚାର ପାଇଁ। ଏପ୍ରିଲ ୧୮ ହିଁ କହିବ ଜନମତ କାହା ଆଡକୁ ଯାଇଛି। ଇଭିଏମ୍‌ରେ ରହିଯିବ ପ୍ରାର୍ଥୀଙ୍କ ଭାଗ୍ୟ। ଗଣତି ବେଳେ ଜଣାପଡିବ କିଏ ଜିତିଲା ଓ କିଏ ଚିତ୍ ମାରିଲା ତାହା ସମୟ ହିଁ କହିବ।

# ବିଜେଡି ମୁଖିଆଙ୍କ ନୂଆ ଚେହେରା

ନିର୍ବାଚନ ପୂର୍ବରୁ ୨ ମିନିଟ୍ ୮ ସେକେଣ୍ଡର ଭିଡିଓ ଜାରି କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟବାସୀଙ୍କୁ ଏକ ବାର୍ତ୍ତା ଦେଇଛନ୍ତି ଯେ ‘ଆଇ ଆମ୍ ଭେରି ଫିଟ୍ ଟୁ ଫାଇଟ୍ ଫର ଓଡ଼ିଶା’







# ବାଜି ମାରିବେ କ୍ୟାପ୍ଟେନ ଦିବ୍ୟଶଙ୍କର



**ଜୁନାଗଡ଼,(ନି.ପ୍ର) :** ଆସନ୍ତା ୧୧ ତାରିଖରେ କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ବିଧାନସଭା ନିର୍ବାଚନ ମଣ୍ଡଳୀରେ ମତଦାନ ସାବ୍ୟସ୍ତ ହେବ। ନିର୍ବାଚନ ତାରିଖ ଯେତେ ଯେତେ ପାଖେଇ ଆସୁଛି ସେତିକି ସେତିକି ରୋଚକ ହେଉଛି ନିର୍ବାଚନ ପ୍ରଚାର। ଗତ ନିର୍ବାଚନରେ ଏଠାରୁ କ୍ୟାପ୍ଟେନ୍ ଦିବ୍ୟଶଙ୍କର ମିଶ୍ର ବିଜୁ ଜନତା ଦଳର ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ି ବିଜୟ ହାସଲ କରିଥିଲେ। ୨୦୧୯ ନିର୍ବାଚନରେ ମଧ୍ୟ ସେ ବିଜେଡି ଟିକଟରୁ ବିଧାୟକ ପ୍ରାର୍ଥୀ ଭାବେ ରଣାଙ୍ଗନରେ ଉଭା ହୋଇଛନ୍ତି। ଗତଥର ଦିବ୍ୟଶଙ୍କର ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାରତୀୟ ଜନତା ପାର୍ଟିର ଅନିଲ ସିଂହଦେଓଙ୍କ ଠାରୁ ୯ ହଜାର ୬୦୦ ଅଧିକ ଭୋଟ ପାଇ ନିର୍ବାଚିତ ହୋଇଥିଲେ। ବର୍ତ୍ତମାନ ଏହି ବିଧାନସଭା ଆସନ ପାଇଁ ବିଜେପିରୁ ମନୋଜ ମେହେର ଓ କଂଗ୍ରେସରୁ ଅନିଲ ସିଂହଦେଓ ପ୍ରାର୍ଥୀ ହୋଇଛନ୍ତି। ଏଠାରେ ତ୍ରିମୁଖୀ ଲଢ଼େଇ ହେଉଥିଲେ ବି ଦିବ୍ୟଶଙ୍କରଙ୍କ ପଲା ଯଥେଷ୍ଟ ଭାରି ରହିଥିବା ଦେଖିବାକୁ ମିଳୁଛି। କାରଣ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିକାଶ ଧାରାକୁ ସେ ଏଠାରେ ଜନସାଧାରଣଙ୍କ ନିକଟରେ ପହଞ୍ଚାଇ ପାରିଥିବାରୁ ସ୍ଥାନୀୟ ଭୋଟର ଖୁସି ଅଛନ୍ତି। ଯଦିଓ ବିଜେପି ଏଠାରେ ପ୍ରଚାର ମଇଦାନରେ ଲୋକଙ୍କୁ ନିଜ ସପକ୍ଷକୁ ଆଣିବା ପାଇଁ ପ୍ରୟାସ ଚଳାଇଛି ତଥାପି ତାହା ଦିବ୍ୟଶଙ୍କରଙ୍କ ଲୋକପ୍ରିୟତା ଆଗରେ ଫିକା ଜଣାପଡିଛି। ତୃଣମୂଳ ସ୍ତରରେ କ୍ୟାପ୍ଟେନ୍ ସଂଗଠନ ଠିକ୍ ରଖିଥିବାରୁ ଭୋଟ ପ୍ରଚାର ବେଳେ ତାଙ୍କୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁନାହିଁ। ଯାହାକି ଅନ୍ୟ ଦଳମାନଙ୍କ ନିକଟରେ ଦେଖିବାକୁ ମିଳୁଛି। ତେଣୁ ନିସନ୍ଦେହରେ କୁହାଯାଇପାରେ ଯେ, କ୍ୟାପ୍ଟେନ୍ ଦିବ୍ୟଶଙ୍କର ମିଶ୍ର ପୁଣିଥରେ ବାଜି ମାରିବେ।

# ‘୨୫ଲକ୍ଷ ଚାଷୀଙ୍କୁ ମିଳିବ କାଳିଆ ସହାୟତା’

**ଭୁବନେଶ୍ୱର :** ଜୟପୁରର ପବିତ୍ର ମାଟିରୁ ମୁଁ ବିଜୁ ଜନତା ଦଳ ଇସ୍ତାହାରର ପ୍ରଥମ ପଏଣ୍ଟ ଘୋଷଣା କରୁଛି। ଆମର ଇସ୍ତାହାରରେ ଚାଷୀ କଲ୍ୟାଣକୁ ଆମେ ଏକ ନମ୍ବରରେ ରଖିଛୁ। ଆମର କାଳିଆ ଯୋଜନାରେ ଏ ପର୍ଯ୍ୟନ୍ତ ୪୦ଲକ୍ଷ ଚାଷୀ ଉପକାର ପାଇଲେଣି। ଆଉ ୨୫ଲକ୍ଷ ଚାଷୀଙ୍କ ତାଲିକା ତିଆରି ହୋଇଛି। ଲିଷ୍ଟରେ ଥିବା ସବୁ ଚାଷୀ ଯୋଜନାର ଲାଭ ପାଇବେ। ମୁଁ ଆପଣଙ୍କୁ କଥା ଦେଉଛି, ବିଜୁ ଜନତା ଦଳ ସରକାର ଗଠନର ପ୍ରଥମ ଦିନରେ ହିଁ ବାକି ଥିବା ୨୫ଲକ୍ଷ ଚାଷୀ କାଳିଆ ଯୋଜନାର ଦୁଇଟି କିସ୍ତି ୧୦,୦୦୦ ଟଙ୍କା ଏକ ଥରକେ ପାଇବେ। କେହି ଜଣେ ବି ଚାଷୀ ବଞ୍ଚିତ ହେବେ ନାହିଁ। ଏବେ ନୁହେଁ କି କେବେ ନୁହେଁ। ମୁଁ କିଛି ତଥ୍ୟ ଆପଣଙ୍କ ବିଚାର ପାଇଁ ରଖୁଛି। ଫାଇଲିନ୍ ହେଲା- ଆସିଲେ ନାହିଁ। ହୁଡ୍ ହୁଡ୍ ହେଲା- ଆସିଲେ ନାହିଁ। ପୋଲାଭରମ୍ ପ୍ରକଳ୍ପ କାହା ସ୍ୱାର୍ଥରେ? ଗରିବ ଆଦିବାସୀଙ୍କ କଥା ମନେ ପଡିଲାନି। କେବିକେ ଯୋଜନା କାହିଁକି ବନ୍ଦ କଲ? ଆଦିବାସୀଙ୍କ ପ୍ରତି ଓ ପଛୁଆ ଅଞ୍ଚଳ ଲାଗି ଦରଦ ଏମିତି? ଗରିବ ଏସ୍‌ସି/ ଏସ୍‌ଟି ପିଲାଙ୍କ ଛାତ୍ରବୃତ୍ତି ବନ୍ଦ କଲ। ଜଳସେଚନ ପାଇଁ ଓଡ଼ିଶା ଖର୍ଚ୍ଚ କରିଛି ୨୦ ହଜାର କୋଟି। କେନ୍ଦ୍ର ଦେଇଛି ମାତ୍ର ୨୫୦ କୋଟି। ଚାଷୀ ଭାଇମାନଙ୍କ ପାଇଁ ଦରଦ ଏମିତି? କାହିଁକି ବନ୍ୟାରେ, ବାତ୍ୟାରେ ଓଡ଼ିଶାକୁ ସହଯୋଗ ମିଳୁ ନାହିଁ? ଇଲେକ୍ସନ ଆସିଲେ ଆସିବେ, ବିଜେପି ନେତାମାନେ ବଡ଼ ବଡ଼ କଥା କହିବେ। ତା’ ପରେ ଦେଖା ମିଳିବ ନାହିଁ। ସେମାନେ ଖାଲି ଓଡ଼ିଶା ପାଇଁ କୁମ୍ଭିର କାନ୍ଦଣା କାନ୍ଦୁଛନ୍ତି। ସାଢ଼େ ଚାରି କୋଟି ଓଡ଼ିଶାବାସୀ ମୋର ପରିବାର। ମୁଁ ସବୁବେଳେ ଆପଣଙ୍କ ପାଖରେ ଅଛି ଆଉ ରହିବି।

# ପ୍ରଥମ ପର୍ଯ୍ୟାୟରେ ମତଦାନ କରିବେ ୬୦ ଲକ୍ଷରୁ ଉର୍ଦ୍ଧ୍ୱ ଭୋଟର

**ଭୁବନେଶ୍ୱର :** ପ୍ରଥମ ପର୍ଯ୍ୟାୟ ସାଧାରଣ ନିର୍ବାଚନ ଆସନ୍ତା ୧୧ ତାରିଖରେ ଅନୁଷ୍ଠିତ ହେବ। ଏଥିରେ ଚାରିଗୋଟି ଲୋକସଭା ଆସନ ଯଥା- କଳାହାଣ୍ଡି, ନବରଙ୍ଗପୁର, ବ୍ରହ୍ମପୁର ଓ କୋରାପୁଟ ସହ ଏହା ଅଧୀନସ୍ଥ ୨୮ ଗୋଟି ବିଧାନସଭା ଆସନ ପାଇଁ ମତଦାନ ଅନୁଷ୍ଠିତ ହେବ। ପ୍ରଥମ ପର୍ଯ୍ୟାୟ ଲୋକସଭା ନିର୍ବାଚନରେ ୨୬ ଜଣ ପାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରିବେ। ଏମାନଙ୍କ ମଧ୍ୟରେ ୨୪ ଜଣ ପୁରୁଷ ଓ ୨ ଜଣ ମହିଳା ପାର୍ଥୀ ଅଛନ୍ତି। ଏହି ନିର୍ବାଚନରେ ୨୬ ଜଣ ପାର୍ଥୀଙ୍କ ମଧ୍ୟରୁ ୧୨ ଜଣ ଜାତୀୟ ଦଳର, ୪ ଜଣ ରାଜ୍ୟସ୍ତରୀୟ



ଦଳର, ୭ ଜଣ ଅନ୍ୟାନ୍ୟ ଦଳର ହୋଇଥିବାବେଳେ ୩ ଜଣ ସ୍ୱାଧୀନ ପ୍ରାର୍ଥୀ ନିର୍ବାଚନରେ ଅଂଶଗ୍ରହଣ କରିବେ। ସେହିପରି ପ୍ରଥମ ପର୍ଯ୍ୟାୟ ବିଧାନସଭା ନିର୍ବାଚନରେ ୧୯୧ ଜଣ ପାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରିବେ। ଏମାନଙ୍କ ମଧ୍ୟରେ ୧୭୫ ଜଣ ପୁରୁଷ ଓ ୧୬ ଜଣ ମହିଳା ପାର୍ଥୀ ଅଛନ୍ତି। ଏହି ନିର୍ବାଚନରେ ୧୯୧ ଜଣ ପାର୍ଥୀଙ୍କ ମଧ୍ୟରୁ ୭୯ ଜଣ ଜାତୀୟ ଦଳର, ୨୮ ଜଣ ରାଜ୍ୟସ୍ତରୀୟ ଦଳର, ୩୮ ଜଣ ଅନ୍ୟାନ୍ୟ ଦଳର ହୋଇଥିବାବେଳେ ୪୬ ଜଣ ସ୍ୱାଧୀନ ପ୍ରାର୍ଥୀ ନିର୍ବାଚନରେ ଅଂଶଗ୍ରହଣ କରିବେ । ପ୍ରଥମ ପର୍ଯ୍ୟାୟ ନିର୍ବାଚନରେ ୭୨୩୩ ବୁଥରେ ୨୯୭୨୯୨୫ ପୁରୁଷ ଭୋଟର, ୩୦୩୦୨୨୨ ମହିଳା ଭୋଟର ଓ ୫୬୦ ଜଣ ତୃତୀୟ ଲିଙ୍ଗ ଭୋଟରଙ୍କୁ ମିଶାଇ ମୋଟ ୬୦ ଲକ୍ଷ ୩ ହଜାର ୭୦୭ ଜଣ ଭୋଟର ସେମାନଙ୍କର ମତଦାନ କରିବେ।

## କାବ୍ୟ ଫଗୁଣ-୨୦୧୯ : ସମ୍ବର୍ଦ୍ଧିତ ହେଲେ ମାନିନୀ ମିଶ୍ର ଓ ଶଙ୍କର ସାହୁ



**ବରଗଡ଼ :** ବରଗଡ ସାହିତ୍ୟ ସଂସଦ,ବରଗଡ ତରଫରୁ ବିଶ୍ୱ କବିତା ଦିବସ ଉପଲେକ୍ଷ ତାର ବାର୍ଷିକ ଉତ୍ସବ କାବ୍ୟ ଫଗୁଣର ସପ୍ତମ ସଂସ୍କରଣ ସ୍ଥାନୀୟ ସ୍ୱୟଂସିଦ୍ଧା ଭବନରେ ଗତ ୩୧ ମାର୍ଚ୍ଚ ରବିବାର ଦିନ ଅନୁଷ୍ଠିତ ହୋଇ ଯାଇଛି। ବରଗଡର ପ୍ରସିଦ୍ଧ କବି ରାଧାମୋହନ ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରଥମ ଅଧିବେଶନରେ ଅଧ୍ୟାପିକା ଡକ୍ଟର ଭଗବତୀ ତ୍ରିପାଠୀଙ୍କ ସ୍ୱାଗତ କବିତା ପରେ ଅତିଥି ମାନେ ବାକ୍‌ଦେବୀଙ୍କ ଫଟଚିତ୍ରରେ ମାଲ୍ୟାର୍ପଣ କରିଥିଲେ ଡାକ୍ତର ଅଶୋକ କୁମାର ମହାପାତ୍ରଙ୍କ ସ୍ୱାଗତ ଭାଷଣ ପରେ ପରେ ଅତିଥି ପ୍ରବକ୍ତା ଡକ୍ଟର ପ୍ରଦୀପ କୁମାର ପଣ୍ଡା ଓ ଦୁର୍ଗା ପ୍ରସାଦ ପଣ୍ଡା ନିଜ ନିଜର ବକ୍ତବ୍ୟ ରଖିଥିଲେ। ପରେ ପରେ ଦୁଇ ଜଣ କବି ପ୍ରତିଭା ନିର୍ଭୟର ସୃଜନ ସଂଯୋଜିକା ମାନିନୀ ମିଶ୍ର ଓ କବି ଶଙ୍କର ସାହୁଙ୍କୁ ସମ୍ବର୍ଧିତ କରାଯାଇଥିଲା। ଦ୍ୱିତୀୟ ଅଧିବେଶନରେ ଅଧ୍ୟାପିକା ଜୟଶ୍ରୀ ସାହୁଙ୍କ ସଭାପତିତ୍ୱରେ ଏକ ବହୁଭାଷୀ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା । ପରିଶେଷରେ ଅଶୋକ କୁମାର ପଶାୟତଙ୍କ ଧନ୍ୟବାଦ ଅର୍ପଣ ଓ ମନମାଷ୍ଟ୍ରେଙ୍କ ଶେଷ ସ୍ପର୍ଶ ସହ କାବ୍ୟ ଫଗୁଣ ୨୦୧୯ର ସମାପ୍ତି ଘୋଷିତ ହୋଇଥିଲା।

# ନବୀନଙ୍କ ମୁହଁରେ ମହିଳା ସଶକ୍ତିକରଣ ଲଙ୍କାରେ ହରିନାମ ଭଳି: ଧର୍ମେନ୍ଦ୍ର

**ଭୁବନେଶ୍ୱର:** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ମୁହଁରେ ମହିଳା ସଶକ୍ତିକରଣ କଥା ଶୁଣିଲେ ଲଙ୍କାରେ ହରିନାମ ଭଳି ଲାଗୁଛି ବୋଲି ମୁଖ୍ୟମନ୍ତ୍ରୀଙ୍କ ମହିଳା ଅଧିକାର ବକ୍ତବ୍ୟ ଉପରେ ସାମାଜିକ ଗଣମାଧ୍ୟମରେ ଭିଡିଓ ମାଧ୍ୟମରେ କଡା ସମାଲୋଚନା କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ଯେ ଓଡିଶା କୁନ୍ଦୁଲି ମୃତ୍ୟୁ, ବେବିନାର ଦୁଃଖ କାହାଣୀ ଭୁଲିନାହିଁ । ତାଙ୍କୁ କିଏ ନ୍ୟାୟ ଦେବ? ବେବିନା ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତ ମାନଙ୍କର ମୁଖ୍ୟପୃଷ୍ଠପୋଷକଙ୍କୁ କାହିଁକି ତିନି ମାସ ମନ୍ତ୍ରୀମଣ୍ଡଳରୁ ବହିଷ୍କାର କରିଥିଲେ ବୋଲି ଶ୍ରୀ ପ୍ରଧାନ ପ୍ରଶ୍ନ କରିଛନ୍ତି । ଭୁବନେଶ୍ୱର ଜଣଙ୍କୁ ଟିକେଟ୍ ଦେଇଛନ୍ତି, ଯାହାଙ୍କ କେଳାଙ୍କାରୀ ସମ୍ପର୍କରେ ରାଜ୍ୟ ଲଜ୍ଜିତ ହୋଇଥିଲା । ମହିଳାଙ୍କୁ ସଶକ୍ତକରଣ କଥା କହୁଥିବା ମୁଖ୍ୟମନ୍ତ୍ରୀ ବେବିନା ଗଣଦୁଷ୍କର୍ମ ଓ ହତ୍ୟା ମାମଲାରେ ମୁଖ୍ୟ ଅଭିଯୁକ୍ତଙ୍କୁ ଟିକେଟ୍ ଦେଲେ । କୁନ୍ଦୁଲି ପୀଡିତା ଆତ୍ମହତ୍ୟା କରିବାର ଉତର କିଏ ଦେବ? ଦୁଇ ଦିନ ତଳେ ବିଜେଡି ବିଧାୟକ ପ୍ରାର୍ଥୀଙ୍କ ଅସଦାଚାରଣ ବିରୋଧରେ ନବୀନ ନିବାସରେ ଜଣେ ମହିଳା ଆତ୍ମହୁତି ଦେବାର ପ୍ରଚେଷ୍ଟା କରିଥିଲେ । ବିଗତ ୩ ବର୍ଷରେ ସରକାରୀ ଆଦିବାସୀ ଛାତ୍ରୀ ନିବାସରେ ୧୨ ଜଣ ନାବାଳିକା ଗର୍ଭବତୀ ହୋଇଛନ୍ତି। ମୁଖ୍ୟମନ୍ତ୍ରୀ ମହିଳା ବିରୋଧୀ ହୋଇଥିବା ବେଳେ ରାଜ୍ୟର ୨୫ଟି ଜିଲ୍ଲାରେ କୁପୋଷଣରେ ଶିଶୁଙ୍କ ଅବସ୍ଥା ଭୟଙ୍କର ହୋଇଛି । ୨୦୩୬ ମସିହାରେ ଓଡିଶା ଭାଷାଭିତିକ ରାଜ୍ୟ ହେବାରେ ୧୦୦ବର୍ଷ ପୂରିବ। ଆଜି ଜନ୍ମ ହେଉଥିବା ପିଲା ସେତେବେଳେ ଯୁବକବସ୍ଥାରେ ଥିବ। ତେବେ ରାଜ୍ୟ ସରକାରଙ୍କ ମହିଳା ଓ ଶିଶୁଙ୍କ ଉପରେ ଯେଉଁ ନୀତି ଅତ୍ୟନ୍ତ ଚିନ୍ତାଜନକ ବିଷୟ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କ ପ୍ରେସନୋଟ ମାଧ୍ୟମରେ ନିଜ ଡରକୁ ପ୍ରକାଶ କରିଛନ୍ତି । ମହିଳା ନେତୃତ୍ୱ କଥା ଉଲ୍ଲେଖ କରି ନବୀନ ବାବୁ ଅନ୍ତରାଷ୍ଟ୍ରୀୟ ସ୍ତରର ନେତ୍ରୀମାନଙ୍କର ନ୍ୟୁଜିଲାଣ୍ଡ ଓ ଜର୍ମାନର ନାଁ ନେଇଛନ୍ତି । ଶ୍ରୀ ପ୍ରଧାନ କହିଛନ୍ତି



ଯେ ଆଜି ନରେନ୍ଦ୍ର ମୋଦିଙ୍କ କ୍ୟାବିନେଟ ମନ୍ତ୍ରୀ ମାନଙ୍କ ମଧ୍ୟରୁ ବୈଦେଶିକ ବ୍ୟାପାର ମନ୍ତ୍ରୀ ସୁଷମା ସ୍ୱରାଜ ଓ ପ୍ରତିରକ୍ଷା ମନ୍ତ୍ରୀ ନିର୍ମଳା ସୀତାରମଣ ବିଶ୍ୱରେ ମହିଳା ନେତୃତ୍ୱର ନୂଆ ମାପକାଠି ତିଆରି କରିଛନ୍ତି । ନିର୍ମଳା ସୀତାରମଣଙ୍କ ଦାୟିତ୍ୱରେ ସର୍ଜିକାଲ ଷ୍ଟ୍ରାଇକ ଓ ପୁଲଓାମା ଆକ୍ରମଣ ପରି ବଡ ବଡ କାମ ହୋଇପାରିଛି । ମୋଦିଙ୍କ କ୍ୟାବିନେଟରେ ଏ ପ୍ରକାର ସଶକ୍ତ ମହିଳା ନେତୃତ୍ୱ ଅତୀତରେ ଭାରତୀୟ ରାଜନୀତିରେ ଦେଖିବାକୁ ମିଳିନଥିଲା । ନବୀନ ବାବୁ ଏହି ଦୁଇ ନାରୀ ନେତ୍ରୀ ମାନଙ୍କ ପରି ଉଦାହରଣ ଦେଇଥାନ୍ତେ ତେବେ ଭାରତୀୟ ମହିଳା ବିଶେଷତଃ ଓଡିଶାର ଭଉଣୀ ମାନଙ୍କୁ ପ୍ରେରଣା ମିଳିଥାନ୍ତା । ମହିଳାଙ୍କ ପାଇଁ ଇଜ୍ଜତସୂରୂପ ଶୌଚାଳୟ ପ୍ରଧାନମନ୍ତ୍ରୀ ନିର୍ମାଣ କଲେ । ମାତ୍ର ଆଜି ସବୁଠୁ ମନ୍ଥର ଗତିରେ ଶୌଚାଳୟ ବନାଇବାର ରାଜ୍ୟ ହେଲା ଓଡିଶା । ମହିଳା ମାନଙ୍କ ମଧ୍ୟରେ ମୋଦିଙ୍କ ଲୋକପ୍ରିୟତା ବଢିବା କାରଣରୁ ମୁଖ୍ୟମନ୍ତ୍ରୀ ଏପରି କରୁଛନ୍ତି ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ସେହିପରି ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନାରେ ଓଡିଶାର ୪୦ ଲକ୍ଷ ପରିବାରରେ ଏଲପିଜି ପହଁଚାଯାଇଛି । ମାତ୍ର ଏହାକୁ ମୁଖ୍ୟମନ୍ତ୍ରୀ ସମାଲୋଚନା କରୁଛନ୍ତି। ପ୍ରଧାନମନ୍ତ୍ରୀଙ୍କ ନାଁରେ କୁପ୍ରଚାର କରେଇବା ମୁଖ୍ୟମନ୍ତ୍ରୀଙ୍କ ମନରେ ରହିଛି ।ପ୍ରଜାତନ୍ତ୍ରରେ ଲମ୍ବା ସମୟ କ୍ଷମତାରେ ରହିଲେ ଅହଙ୍କାରୀ ହେବା ସ୍ୱଭାବିକ।


PLOT FOR SALE



MOUZA : JUJHAGADA
(Back side of Nandankanan Zoo)
BHUBANESWAR
Contact : 865807286 / 8917571455



MOUZA : BEGUNIA BOREHI
(NEAR CV RAMAN COLLEGE)
TAMANDO - YELLOW ZONE
BHUBANESWAR
30ft Approch Road
Contact : 8658607286 / 8917571455



PLOT FOR SALE@BHUBANESWAR
Yellow Zone, 30ft wide Road
Mouza : Dakhina Mundamuhan
(Near CV Raman College)
100ft Proposed BDA Road
Contact Immediately :
8658607286 / 8917571455



30ft Internal Road
Mouza : Pandiapada
Contact Immediately :
8658607286 / 8917571455



Printed, Published and Owned by **Rasmita Patra**, Published at Flat-003, Mahadev Orchid, Cosmopolis Road, Dumduma, Bhubaneswar-19, Dist- Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com

Chief Editor : **Bibhuti Bhusan Patra**
ମୁଖ୍ୟ ସମ୍ପାଦକ : ବିଭୁତି ଭୂଷଣ ପାତ୍ର

Managing Editor : **Laxmipriya Dash**
ପରିଚାଳନା ସମ୍ପାଦିକା : ଲକ୍ଷ୍ମୀପ୍ରିୟା ଦାଶ

Editor : **Tarak Mohanty**
ସମ୍ପାଦକ : ତାରକ ମହାନ୍ତି